
ଗଡ଼କରୀ ଲଞ୍ଚ୍ କଲେ ଇଥାନଲ୍ ଷ୍ଟୋଭ୍
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 65 ଭାଗ ୩୪ | ସଂଖ୍ୟା ୬୫ | Wednesday 27 May 2026 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୨୭ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା



JSW Steel

JSW Utkal Steel Limited



**ଶ୍ରୀ ନରେନ୍ଦ୍ର ମୋଦୀ**
ମାନ୍ୟବର ଭାରତର ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା

## JSW ଉତ୍କଳ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ଶୁଭାରମ୍ଭ ସମାରୋହ

**୧୩.୨ MTPA କ୍ଷମତାସମ୍ପନ୍ନ ମେଗା ଇଣ୍ଟିଗ୍ରେଟେଡ୍ ଗ୍ରୀନଫିଲ୍ଡ ଷ୍ଟିଲ୍ ପ୍ଲାଣ୍ଟ**

**ଢିଙ୍କିଆ, ପାରାଦୀପ, ଜିଲ୍ଲା - ଜଗତସିଂହପୁର, ଓଡିଶା**

୨୭.୦୫.୨୦୨୬, ବୁଧବାର

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀଙ୍କ** ଗରିମାମୟ ଉପସ୍ଥିତିରେ, ଆମେ ଗର୍ବର ସହିତ ଢିଙ୍କିଆ, ପାରାଦୀପଠାରେ **JSW ଉତ୍କଳ ଷ୍ଟିଲ୍ ପ୍ଲାଣ୍ଟ** ପ୍ରକଳ୍ପ ର ଶୁଭାରମ୍ଭ କରୁଛୁ ।

ଉପସ୍ଥିତ ଗରିମାମୟ ଅତିଥିବୃନ୍ଦ - ଶ୍ରୀ ବିଭୂତି ଭୂଷଣ ଜେନା, ମାନ୍ୟବର ବିଧାୟକ ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ, ଓଡିଶା ସରକାର, ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ, ପାରାଦୀପ ଏବଂ ଶିଳ୍ପ ମନ୍ତ୍ରୀ, ଓଡିଶା ସରକାର, ଶ୍ରୀ ବିଭୁ ପ୍ରସାଦ ତରାଇ, ମାନ୍ୟବର ସାଂସଦ, ଜଗତସିଂହପୁର, ଶ୍ରୀ ଶାରଦା ପ୍ରସନ୍ନ ଜେନା, ମାନ୍ୟବର ବିଧାୟକ, ବାଲିକୁଦା-ଏରସମା, ଶ୍ରୀ ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ, ଜଗତସିଂହପୁର, ଶ୍ରୀ ରମାକାନ୍ତ ଭୋଇ, ମାନ୍ୟବର ବିଧାୟକ, ତିର୍ତ୍ତୋଲ, ଶ୍ରୀ ଡି. କେ. ସିଂହ, ଉନ୍ନୟନ କମିଶନର, ଓଡିଶା ସରକାର, ଶ୍ରୀ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଗୃହ, ଶିଳ୍ପ ଓ ଲୋକସମ୍ପର୍କ), ଓଡିଶା ସରକାର, ଶ୍ରୀ ସଜ୍ଜନ ଜିନ୍ଦଲ, ଚେୟାରମ୍ୟାନ, JSW ଗ୍ରୁପ୍, ଶ୍ରୀ ଜୟନ୍ତ ଆଚାର୍ଯ୍ୟ, ଜେଏମଡି ଓ ସିଇଓ, JSW ଷ୍ଟିଲ୍ ଏବଂ ଶ୍ରୀ ଅରୁଣ ମାହେଶ୍ୱରୀ, ନିର୍ଦ୍ଦେଶକ – ବାଣିଜ୍ୟ ଓ ବିପଣନ, JSW ଷ୍ଟିଲ୍ ।

ଭାରତର ସର୍ବାଧିକ ଇସ୍ପାତ ଉତ୍ପାଦନକାରୀ ରାଜ୍ୟ ଭାବେ ଓଡିଶାର ଉଦୟ ଏବଂ ଦେଶର **'ମିଶନ ପୂର୍ବୋଦୟ'** ରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟରେ, JSWର ଏହି ନିବେଶ ପୂର୍ବ ଭାରତର ଶିଳ୍ପାୟନ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପ୍ରତି ଏକ ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ ।

**ଓଡିଶାର ଜଗତସିଂହପୁର**ରେ ରଣନୀତିଗତ ଭାବେ ସ୍ଥାପିତ ଏହି ବିଶ୍ୱସ୍ତରୀୟ ଷ୍ଟିଲ୍ ପ୍ଲାଣ୍ଟ, **୧୩.୨ MTPA ଏବଂ ତଦୂର୍ଦ୍ଧ୍ୱ** କ୍ଷମତା ସହ, ହଜାର ହଜାର ରୋଜଗାର ସୁଯୋଗ ସୃଷ୍ଟି କରିବା ସହ ସହଯୋଗୀ ଶିଳ୍ପକୁ ସୁଦୃଢ଼ କରିବ ଏବଂ ଓଡିଶାକୁ ଏକ ଅଗ୍ରଣୀ ଶିଳ୍ପ ଓ ଆର୍ଥିକ ଶକ୍ତିକେନ୍ଦ୍ର ଭାବେ ଆହୁରି ସଶକ୍ତ କରିବ ।

**ଏକ ଶକ୍ତିଶାଳୀ, ଆତ୍ମନିର୍ଭର ଭାରତ ଗଠନ ଦିଗରେ ଆଉ ଏକ ପଦକ୍ଷେପ ।**



ସଂଚାର
THE SANCHAR



### ଜେଏସଡବ୍ଲ୍ୟୁ ଉତ୍କଳ ଇଣ୍ଟିଗ୍ରେଟେଡ୍ ଗ୍ରୀନଫିଲ୍ଡ ଷ୍ଟିଲ ପ୍ଲାଣ୍ଟର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

# ଆତ୍ମନିର୍ଭର ଭାରତ ଗଠନରେ ମାଇଲ୍‌ଖୁଣ୍ଟ

### ବାର୍ଷିକ ୧୩.୨ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ

### ପର୍ଯ୍ୟାପ୍ତ ନିଯୁକ୍ତି ସହ ସୁଦୃଢ଼ ହେବ ସହଯୋଗୀ ଶିଳ୍ପ

### ୨ ବର୍ଷରେ ୨୦ ଲକ୍ଷ କୋଟିର ନିବେଶ ପ୍ରସ୍ତାବ

### ସୃଷ୍ଟି ହୋଇଛି ୨ ଲକ୍ଷ ନିଯୁକ୍ତି ସୁଯୋଗ




ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାରେ ଲାଗିଛି ପର। ଗତ ଦୁଇ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦ୍ରୁତ ଗତିରେ ଆଗେଇ ଚାଲିଛି ଶିଳ୍ପାୟନ। ବିକାଶର ଏହି ଫର୍ଦ୍ଦରେ ଆସନ୍ତାକାଲି ଯୋଡ଼ି ହେବାକୁ ଯାଉଛି ପାରାଦ୍ୱୀପର ଢିଙ୍କିଆଠାରେ ପ୍ରତିଷ୍ଠା ହୋଇଥିବା ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପ୍ଲାଣ୍ଟ। ୧୩.୨ ନିୟୁତ ଟନ କ୍ଷମତାସମ୍ପନ୍ନ ଏହି ମେଗା ଇଣ୍ଟିଗ୍ରେଟେଡ ଗ୍ରୀନଫିଲ୍ଡ ଷ୍ଟିଲ ପ୍ଲାଣ୍ଟକୁ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ଘାଟନ କରିବେ।

ଦେଶର ସର୍ବାଧିକ ଇସ୍ପାତ ଉତ୍ପାଦନକାରୀ ରାଜ୍ୟ ଭାବେ ଓଡ଼ିଶାର ଉଦୟ ଓ ମିଶନ ପୂର୍ବୋଦୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟରେ ଜେଏସଡବ୍ଲ୍ୟୁର ଏହି ନିବେଶ ପୂର୍ବ ଭାରତର ଶିଳ୍ପାୟନ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ଏକ ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ। ଜଗତସିଂହପୁର ଜିଲ୍ଲାରେ ରଣନୀତିଗତ ଭାବେ ସ୍ଥାପିତ ହୋଇଛି ଏହି ବିଶ୍ୱସ୍ତରୀୟ ଷ୍ଟିଲ ପ୍ଲାଣ୍ଟ, ଯାହାର ବାର୍ଷିକ କ୍ଷମତା ହେଉଛି ବାର୍ଷିକ ୧୩.୨ ନିୟୁତ ଟନ। ହେଲେ ଏହି ଷ୍ଟିଲ ପ୍ଲାଣ୍ଟ ଆଗାମୀ ଦିନରେ ହଜାର ହଜାର ରୋଜଗାର ସୃଷ୍ଟି କରିବା ସହ ସହଯୋଗୀ ଶିଳ୍ପକୁ ସୁଦୃଢ଼ କରିବ। ଏଥିସହ ଏହାଦ୍ୱାରା ରାଜ୍ୟ ଏକ ଅଗ୍ରଣୀ ଶିଳ୍ପ ଓ ଆର୍ଥିକ କେନ୍ଦ୍ର ଭାବେ ଆହୁରି ସଶକ୍ତ ହୋଇପାରିବ।

ରାଜ୍ୟ ସରକାରଙ୍କ ନିରନ୍ତର ଉଦ୍ୟମ ଯୋଗୁ ଓଡ଼ିଶା ଆଜି ଶିଳ୍ପ, ନିବେଶ, ଶିକ୍ଷା, ପ୍ରଯୁକ୍ତି ଓ ଆର୍ଥିକ ଅଗ୍ରଗତିର ଏକ ଶକ୍ତିଶାଳୀ କେନ୍ଦ୍ରରେ ପରିଣତ ହେଉଛି। ଆଜି ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସହ ଅଗ୍ରସର ହେଉଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଏକ ଅଗ୍ରଣୀ ସ୍ଥାନ ହାସଲ କରିଛି। ରାଜ୍ୟ କେବଳ କଳା, ସଂସ୍କୃତି ଓ ପ୍ରାକୃତିକ ସମ୍ପଦରେ ସୀମିତ ନୁହେଁ, ବରଂ ବିଶ୍ୱର ଶିଳ୍ପ ଓ ପ୍ରଯୁକ୍ତି ମାନଚିତ୍ରରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଆମ ରାଜ୍ୟର ଲମ୍ବା ସମୁଦ୍ରତଟ, ଉତ୍କୃଷ୍ଟ ଭୌଗୋଳିକ ସ୍ଥିତି, ଦକ୍ଷ ଯୁବଶକ୍ତି, ସ୍ଥିର ଶାସନ ବ୍ୟବସ୍ଥା ଓ ଲୋକଙ୍କ ଅଦମ୍ୟ ସାହସକୁ ଦୃଷ୍ଟିରେ ରଖି ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ହେବ ଅର୍ଥନୀତିରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ୨୦୪୭ ସୁଦ୍ଧା ଓଡ଼ିଶାର ଅର୍ଥନୀତି ୧୫୦୦ ବିଲିଅନ ଡଲାରରେ ପହଞ୍ଚିବ ଏବଂ ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବ ବୋଲି ଟାର୍ଗେଟ କରିଛନ୍ତି ରାଜ୍ୟ ସରକାର। ତେଣୁ ରାଜ୍ୟ ସରକର। ବୃହତ ଶିଳ୍ପ ସହ ଛୋଟ ଶିଳ୍ପକୁ ବି ପ୍ରାଧାନ୍ୟ ଦେଉଛନ୍ତି।

ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଇକୋନୋମିକ ରିଜିଅନର ପରିକଳ୍ପନା ଏହି ଅଞ୍ଚଳକୁ ସମଗ୍ର ପୂର୍ବ ଭାରତର ଅର୍ଥନୈତିକ ରାଜଧାନୀ ଭାବେ ଗଢ଼ିତୋଳିବ। ଏଥିପାଇଁ ୫ ହଜାର କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସରକାରଙ୍କୁ ୨ ➪ପୃଷ୍ଠା-୬

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୬ ମୃତ



### ମୁଖ୍ୟମନ୍ତ୍ରୀ ଘୋଷଣା କଲେ ୪ ଲକ୍ଷ ସହାୟତା ରାଶି

କଳାହାଣ୍ଡି,୨୬।୫ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଅନ୍ତର୍ଗତ ଗୌଡ଼ କର୍ଲାଖୁଣ୍ଟା ଗ୍ରାମରେ ଆଜି ଘଟିଛି ଏକ ଅଭାବନୀୟ ଘଟଣା। ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲୁଥିବା ସମୟରେ ଶ୍ୱାସରୁଦ୍ଧ ହୋଇ ୬ ଜଣ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ମିସ୍ତ୍ରି, ଜଣେ ଶ୍ରମିକ, ମାଲିକ ଓ ତାଙ୍କ ପୁଅ ରହିଛନ୍ତି। ଏଥିସହ ଏହି ଘଟଣାରେ ଅନ୍ୟ ଜଣେ ଶ୍ରମିକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକ ଓ ପ୍ରଶାସନ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଏପରି ଏକ ଅଘଟଣରେ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ମଦନପୁର ରାମପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ ବ୍ୟକ୍ତିମାନେ ହେଲେ ଗୌଡ଼ କରଲାଖୁଣ୍ଟା ଗାଁର ନିମାଇଁ ପାଲ ଓ ତାଙ୍କ ପୁଅ ଆକାଶ ପାଲ ,ଅଦଲ ମାଝୀ, ମାଟୋଗଣ୍ଡା ଗାଁର ମନୋରଞ୍ଜନ ହାତୀ, ଦୁଟା ଗାଁର ଛନ୍ଦା ଜାଲ, ➪ପୃଷ୍ଠା-୬

### ପ୍ରକାଶ ପାଇଲା ଓଏଏସ୍ ରେଜଲ୍ଟ

# ବୁବୁନ ସାହୁ ଟପ୍ପର, ଦ୍ୱିତୀୟରେ ଶୋଭନା

### ୭୮ ମହିଳାଙ୍କ ସମେତ ୨୦୦ କୃତକାର୍ଯ୍ୟ

### ଡିଏସପି ଟ୍ରେନିଂ ନେଉଥିଲେ ବୁବୁନ






ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ପ୍ରକାଶ ପାଇଲା ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ରେଜଲ୍ଟ। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ-୨୦୨୪ରେ ମୋଟ ୨ ଶହ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭୮ ଜଣ ମହିଳା ସାମିଲ୍ ଅଛନ୍ତି।

ବୁବୁନ ସାହୁ ଟପ୍ପର ହୋଇଥିବା ବେଳେ ଶୋଭନା ମହାନ୍ତି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ତୃତୀୟ ସ୍ଥାନରେ ଜିତମିତ୍ର ସାହୁ, ଚତୁର୍ଥରେ କନକ ଜୈନ, ପଞ୍ଚମରେ ସଂଗ୍ରାମ ପ୍ରଧାନ, ଷଷ୍ଠରେ ଅମନ ଗୋୟଲ, ସପ୍ତମରେ ଶାନ୍ତନୁ କୁମାର ଶତପଥୀ, ଅଷ୍ଟମରେ ନିତେଶ କୁମାର ବାରିକ, ନବମରେ ଶୀତଲ ପାତ୍ର ଓ ଦଶମ ସ୍ଥାନରେ ଈତିଶ୍ରୀ ଜେନା ରହିଛନ୍ତି। ୨୦୨୪ ଓଡ଼ିଶା ସଭିଲ ସର୍ଭିସ ପାଇଁ ଗତ ଜାନୁଆରୀ ୩୧ରୁ ଫେବ୍ରୁଆରୀ ୧୦ ତାରିଖ ମଧ୍ୟରେ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୩୩ ହଜାର ୬୩୦ ଜଣ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୮୫ ହଜାର ୨୨୩ ଜଣ ଆବେଦନ କରିଥିଲେ। କୃତକାର୍ଯ୍ୟ ହୋଇଥିବା ୨୦୦ ଜଣଙ୍କ ମଧ୍ୟରେ ୭୮ ଜଣ ମହିଳା ଥିବା ବେଳେ ଅଣସଂରକ୍ଷିତ ବର୍ଗରେ ୩୦ ଜଣ ମହିଳାଙ୍କ ସମେତ ୭୦ ଜଣ, ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗରେ ➪ପୃଷ୍ଠା-୬

### ଡିଜେଲ ଦର ବୃଦ୍ଧିର ପ୍ରଭାବ

# ୧୯ ଲକ୍ଷ ଟ୍ରକ ଚଳାଚଳ ବନ୍ଦ

### ଖାଉଟିଙ୍କୁ ପଡ଼ିବ ମହଙ୍ଗା ମାଡ଼

### ଭଡ଼ା ବୃଦ୍ଧି ନେଇ ରାଜ୍ୟ ସଂଘ ନେବ ନିଷ୍ପତ୍ତି



ନୂଆଦିଲ୍ଲୀ,୨୬।୫: ଚଳିତ ମାସରେ ଡିଜେଲ ଦର ଚାରି ଥର ବଢ଼ିବାର ପ୍ରଭାବ ପରିବହନ କ୍ଷେତ୍ର ଉପରେ ପଡ଼ିବା ଆରମ୍ଭ ହୋଇଛି। ପ୍ରାୟ ୧୯ ଲକ୍ଷ ଟ୍ରକ୍‌ର ଚଳାଚଳ ବନ୍ଦ ହୋଇଯାଉଛି। ଦେଶରେ ପାଖାପାଖି ୯୫ ଲକ୍ଷ ଟ୍ରକ ରହିଛି। ସେଥିରୁ ପ୍ରାୟ ୨୦ ପ୍ରତିଶତ ଟ୍ରକ୍ ଏବେ ଠିଆ ହୋଇରହିଛି। ଡିଜେଲ ଦର ବୃଦ୍ଧି ପରେ ପରିବହନକାରୀ ସଂସ୍ଥାଗୁଡ଼ିକ ଭଡ଼ା ମଧ୍ୟ ବଢ଼ାଇଛନ୍ତି। ପଶ୍ଚିମ ଓ ଉତ୍ତର ଭାରତରେ ଟ୍ରକ୍ ଭଡ଼ାରେ ୧୦ରୁ ୧୫ ପ୍ରତିଶତ ବୃଦ୍ଧି ହୋଇଛି। ୩୦ କିମି ପର୍ଯ୍ୟନ୍ତର ଅଳ୍ପ ଦୂରତା ବିଶିଷ୍ଟ ପରିବହନ ଭଡ଼ାରେ ଅଧିକ ବୃଦ୍ଧି ଘଟିଛି। ତା'ର ସିଧାସଳଖ ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡ଼ିବା ଏକରକମ ନିଶ୍ଚିତ। ଆଗାମୀ ଦିନରେ ପନିପରିବା, ରାସନ ସାମଗ୍ରୀ ଓ ଫଳ ସବୁ କିଛି ମହଙ୍ଗା ହେବା ଥୟ। ଭାରତରେ ଚାଲୁଥିବା ୭୦ ପ୍ରତିଶତ ଟ୍ରକ୍ ଛୋଟ ଅପରେଟରଙ୍କ ପାଖରେ ରହିଛି। ସର୍ବଭାରତୀୟ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର ସଭାପତି ହରିଶ ସଭରୱାଲଙ୍କ କହିବାନୁସାରେ, ଟ୍ରକ ପରିବହନରେ ୪୦/୪୫ ପ୍ରତିଶତ ଖର୍ଚ୍ଚ କେବଳ ଡିଜେଲ କିଣିବାରେ ହୋଇଥାଏ। ଡିଜେଲ ଦରରେ ନିକଟରେ ହୋଇଥିବା ବୃଦ୍ଧିର ଚାପକୁ ଛୋଟ ଅପରେଟରମାନେ ସହିବା ସ୍ଥିତିରେ ନାହାନ୍ତି। ପେଟ୍ରୋଲ ପମ୍ପଗୁଡ଼ିକ ବାକିରେ ତେଲ ଦେବା ବନ୍ଦ କରିଦେଇଛନ୍ତି। ତେଣୁ ନିଜ ଟ୍ରକକୁ ଠିଆ କରିବା ବ୍ୟତୀତ ସେମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ।

ଅଖିଳ ଭାରତ ମୋଟର କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ରବି ଶତପଥୀଙ୍କ କହିବା ଅନୁଯାୟୀ ଯଦିଓ ଓଡ଼ିଶାରେ ଏଯାଏଁ ଟ୍ରକ ଚଳାଚଳ ବନ୍ଦ ହୋଇନି, ➪ପୃଷ୍ଠା-୬

### ଓଡ଼ିଶା ସଡ଼କ ଭିତ୍ତିଭୂମି ସୁଧାର ଉପରେ କେନ୍ଦ୍ରର ଗୁରୁତ୍ୱ

# ପ୍ରଶସ୍ତ ହେବ ପ୍ରମୁଖ ଜାତୀୟ ରାଜପଥ




### ଆଠ ଲେନ୍ ବିଶିଷ୍ଟ ହେବ ପଳାଶୁଣି-ଖଣ୍ଡଗିରି-ତମାଣ୍ଡୋ ରୋଡ୍

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ଭିତ୍ତିଭୂମିରେ ସୁଧାର ଓ ଟ୍ରାଫିକ୍‌ର ସୁପରିଚାଳନା ଉପରେ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଆଜି କେତେକ ପ୍ରମୁଖ ରାଜପଥର ଉନ୍ନତିକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଓଡ଼ିଶା ରାଜଧାନୀ ଭୁବନେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ରାଜପଥ ପଳାଶୁଣି-ଖଣ୍ଡଗିରି-ତମାଣ୍ଡୋ ଅନ୍ୟତମ। ଏନେଇ ଆଜି ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆଜି ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡ଼କରୀଙ୍କ ସହ ଆଲୋଚନା ପରେ ଶ୍ରୀ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି।

ତାଙ୍କ କହିବାନୁସାରେ, ଓଡ଼ିଶାର ପ୍ରମୁଖ ରାଜପଥଗୁଡ଼ିକର ପ୍ରଶସ୍ତିକରଣ ଓ ଅତ୍ୟାଧୁନିକୀକରଣ ଦିଗରେ ପଦକ୍ଷେପ ନେବା ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ରାଜଧାନୀ ଭୁବନେଶ୍ୱର, ଶ୍ରୀକ୍ଷେତ୍ର ପୁରୀକୁ ଯୋଡୁଥିବା ଜାତୀୟ ରାଜପଥ ନଂ.୩୧୯କୁ ୬ ଲେନ୍ ବିଶିଷ୍ଟ କରାଯିବା ଦିଗରେ ପଦକ୍ଷେପ ନିଆଯାଉଛି। ଖୁବ୍‌ଶୀଘ୍ର କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। ଏହାଛଡ଼ା ଟାଙ୍ଗୀ-ପୁଇଁତଳା-ବ୍ରହ୍ମପୁର-ଇଚ୍ଛାପୁରମ୍‌କୁ ସଂଯୋଗ କରୁଥିବା ୧୬ ନଂ. ଜାତୀୟ ରାଜପଥକୁ ମଧ୍ୟ ୬ ଲେନ୍ ବିଶିଷ୍ଟ କରାଯିବ। ଏହା ସହ ଏକ ସର୍ଭିସ୍ ରୋଡ୍ ନିର୍ମାଣ ଯୋଜନା ➪ପୃଷ୍ଠା-୬

### ଅଂଶୁଘାତରେ ୩ ମୃତ

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ରାଜ୍ୟରେ ହିଟୱେଭରେ ୨୨ ଜଣ ଲୋକଙ୍କ ଜୀବନ ଯାଇଥିବା ଅଭିଯୋଗ ଆସିଛି। ସେଥିରୁ ତିନି ଜଣଙ୍କ ଅଂଶୁଘାତ ମୃତ୍ୟୁ ସ୍ପଷ୍ଟ ହୋଇଛି ହୋଇଛି ବୋଲି ଆଜି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତିନି ଜଣ ମୃତକ ସୁବର୍ଣ୍ଣପୁର, ବଲାଙ୍ଗୀର ଓ ସୁନ୍ଦରଗଡ଼ ଜିଲ୍ଲାର। ସେପଟେ ଗତକାଲିଠାରୁ ଆସନ୍ତା ୨୯ ଯାଏଁ ତାପମାତ୍ରରେ ନିସ୍ତାର ନାହିଁ ବୋଲି ମଧ୍ୟ ଏସଆରସି ସତର୍କ କରାଇ ଦେଇଛନ୍ତି। ୨୯ ଯାଏଁ ସାଙ୍ଘାତିକ ହେବ ହିଟୱେଭ ସ୍ଥିତି। ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲା ପାଇଁ ରେଡ ଆଲର୍ଟ ଜାରି କରାଯାଇଥିବା ବେଳେ ବୌଦ୍ଧର କିଛି ସ୍ଥାନ ପାଇଁ ରେଡ ଆଲର୍ଟ ରହିଛି। ଝାରସୁଗୁଡା, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେପଟେ କନ୍ଧମାଳ, ବରଗଡ ପାଇଁ ଏଲୋ ଆଲର୍ଟ ଜାରି କରାଯାଇଛି।

# କାଲି ଶଙ୍ଖ ଛାଡ଼ିଲେ, ଆଜି ପଦ୍ମ ଧରିଲେ



### ମୋଦିଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହେଲେ ଦେବାଶିଷ

### ପାଣ୍ଡିଆନ୍‌ଙ୍କ ପାଇଁ ବିଜେଡି ଭାଙ୍ଗୁଥିବା ଅଭିଯୋଗ

### ଆନୁଗତ୍ୟ ପରିବର୍ତ୍ତନ ପାଇଁ ପାଣ୍ଡିଆନ ଏକ ଆଳ: ବିଜେଡି

### ଦେବାଶିଷଙ୍କ ପରେ ଚର୍ଚ୍ଚାରେ ଆଉ ୩ ସାଂସଦ

ନୂଆଦିଲ୍ଲୀ,୨୬।୫(ସଂଚାର ବ୍ୟୁରୋ): ଗତକାଲି ବିଜେଡିକୁ ବାଏ ବାଏ କରିଥିବା ଦେବାଶିଷ ସାମନ୍ତରାୟ, ଆଜି ପଦ୍ମ ଧରିଛନ୍ତି। ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ବିଧିବଦ୍ଧ ଭାବେ ଗେରୁଆ ଟୋପି ଓ ଉତ୍ତରୀୟ ଗ୍ରହଣ କରିଛନ୍ତି। ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ପଦ୍ମ କ୍ୟାମ୍ପରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ମିଶିଥିବା କହିଛନ୍ତି ଦେବାଶିଷ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଜନରେ ଓଡ଼ିଶାର ବିକଶ ହେଉଛି। ଗୁଣ୍ଡୁଚି ମୂଷା ଭଳି ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ସୁଯୋଗ ଦେଇଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବିଜେପିରେ ମିଶିବା ପରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ଭେଟିଥିଲେ ଦେବାଶିଷ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ନୀତିନଙ୍କୁ ଭେଟିଥିଲେ। ଦେବାଶିଷଙ୍କ ସମେତ ➪ପୃଷ୍ଠା-୬

### ରେକର୍ଡ କଲେ ମୋଦି

# ୧୨ ବର୍ଷରେ ୧୨ ସଫଳତା



### ଘରେ ଘରେ ପହଞ୍ଚିବ ସରକାରଙ୍କ ସଫଳତାର କାହାଣୀ

### 'ସର୍ଜିକାଲ ଷ୍ଟ୍ରାଇକ୍', 'ଅପରେସନ ସିନ୍ଦୂର' ହେବ ମୁଖ୍ୟ ଆୟୁଧ

ନୂଆଦିଲ୍ଲୀ,୨୬।୫:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆନୁଷ୍ଠାନିକ ଭାବରେ ତାଙ୍କ ଶାସନର ୧୨ ବର୍ଷ ପୂରଣ କରିଛନ୍ତି। ଗତ ୨୦୧୪ ମେ' ୨୬ ତାରିଖରେ ସେ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇ କ୍ରମାଗତ ତିନୋଟି ନିର୍ବାଚନରେ ବିଜୟ ଲାଭ କରିବା ସହ ଦେଶରେ ପ୍ରମୁଖ ଭିତ୍ତିଭୂମି ବିସ୍ତାର, ଡିଜିଟାଲ୍ ପରିବର୍ତ୍ତନ, ବର୍ଦ୍ଧିତ କୂଟନୈତିକ ପ୍ରଭାବ ଆଦି କ୍ଷେତ୍ରକୁ ବ୍ୟାପକ ଭାବେ ପ୍ରଭାବିତ କରିପାରିଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ୧୨ ବର୍ଷ ପୂରଣ କରିବା ଅବସରରେ ବିଜେପି ଏନଡିଏ ସରକାରଙ୍କ ଶାସନ ରେକର୍ଡକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବ। ଏଥିପାଇଁ ଆସନ୍ତା ୯ ତାରିଖରୁ ଦଳ ପକ୍ଷରୁ ଦେଶବ୍ୟାପୀ ପ୍ରଚାର ଅଭିଯାନ ଆରମ୍ଭ କରାଯିବ। ଏହି ପ୍ରଚାର ଅଭିଯାନ ଏକମାସ ଧରି ଜାରି ରହିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ବିଜେପିର ଶୀର୍ଷନେତାମାନେ ଏକ ଘରୋଇ ଇଂରାଜୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି ଅଭିଯାନ ଜୁନ୍ ୯ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଦି ସରକାରଙ୍କ '୧୨ ବର୍ଷ, ୧୨ ସଫଳତା'କୁ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ରହିବ। ଏଥିରେ କେନ୍ଦ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକ ତଥା ଦଳୀୟ କର୍ମୀ ସାମିଲ୍ ହେବେ। ଦେଶବ୍ୟାପୀ ସାଧାରଣ ସଭା, ସାମ୍ବାଦିକ ସମ୍ମିଳନୀ କରି ମୋଦି ସରକାରଙ୍କ '୧୨ ବର୍ଷ, ୧୨ ସଫଳତା'କୁ ଦେଶର ପ୍ରତିଘରେ ପହଞ୍ଚାଇବା ସକାଶେ ପ୍ରଚେଷ୍ଟା କରାଯିବ। ଆଗାମୀ ବର୍ଷମାନଙ୍କରେ ବିଜେପିକୁ ପରବର୍ତ୍ତୀ ପର୍ଯ୍ୟାୟ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ନିର୍ବାଚନ ସାମ୍ନା କରିବାକୁ ଥିବାରୁ ଏହି ଅଭିଯାନ ରାଜନୈତିକ ଦୃଷ୍ଟିକୋଣରୁ ଦଳ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଦଳର ବିସ୍ତୃତ କାର୍ଯ୍ୟଦକ୍ଷତା ରିପୋର୍ଟ ଓ ସଫଳତା ପୁସ୍ତିକା ପ୍ରସ୍ତୁତ କରିବାକୁ ମନ୍ତ୍ରଣାଳୟଗୁଡ଼ିକୁ କୁହାଯାଇଛି। ଦଳ ଓ ସରକାରଙ୍କ ପକ୍ଷରୁ ପ୍ରଚାର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି।

ସୂଚନାଯୋଗ୍ୟ ଯେ ବିଜେପି ୧୨ଟି ପ୍ରମୁଖ ବିଷୟ ଉପରେ ଏହି ଅଭିଯାନ କରିବାକୁ ଯୋଜନା କରୁଛି। ଏଥିରେ ସରକାରଙ୍କ ନକ୍ସଲବିରୋଧୀ ଅଭିଯାନ, ସର୍ଜିକାଲ ଷ୍ଟ୍ରାଇକ୍, ଅପରେସନ ସିନ୍ଦୂର, ଜିଏସଟି ସଂସ୍କାର, ଆର୍ଥିକ ଅଭିବୃଦ୍ଧି, ଡିଜିଟାଲ୍ ଇଣ୍ଡିଆ, ଭିତ୍ତିଭୂମି ସମ୍ପ୍ରସାରଣ, ➪ପୃଷ୍ଠା-୬

### ଏସ୍‌ବିଆଇରେ ୬.୮୮ କୋଟିର ଠକେଇ

# ୩ ଅଧିକାରୀଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ)ରେ ଏକ ବଡ଼ ଧରଣର ଠକେଇ ହୋଇଥିବା ବେଳେ ଏନେଇ ଆଜି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ତିନି ଜଣ ମହିଳା ଅଧିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ୩ ଅଧିକାରୀ ହେଲେ ବୈଶାଖୀ ସାହା, ଚାରୁବାଳା ଦଣ୍ଡସେନା ଓ ସରିତା ପାଇକରାୟ। ଗତ ୫ ତାରିଖରେ ଇଓଡବ୍ଲ୍ୟୁ ଥାନାରେ ନଂ.୮ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏହାକୁ ଭିତ୍ତି କରି ଆଜିର ଗିରଫଦାରୀ ହୋଇଛି।




ତଦନ୍ତ ସମୟରେ ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି ଯେ ଉପରୋକ୍ତ ତିନି ଅଧିକାରୀ ମଧ୍ୟସ୍ଥି ମାଧ୍ୟମରେ ୬.୮୮ କୋଟି ଟଙ୍କା ଠକିନେଇଛନ୍ତି। ସେମାନେ ଜାଲ୍ ବେତନ ପ୍ରମାଣପତ୍ର, ଜାଲ ନିଯୁକ୍ତି ତଥ୍ୟ, ଜାଲ୍ ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ୍ ଓ ଭ୍ରମାତ୍ମକ କେୱାଇସି ତଥ୍ୟ ଆଧାରରେ ଠକେଇ କରିଛନ୍ତି। ଟାଟା ଷ୍ଟିଲ୍, ବେଦାନ୍ତ ଲିମିଟେଡ୍, ଟିପିସିଓଡିଏଲ୍ ଓ ଅନ୍ୟାନ୍ୟ କେତେକ ପ୍ରମୁଖ ସଂସ୍ଥାରେ ଚାକିରି କରିଥିବା ଜାଲ୍ କର୍ମଚାରୀମାନଙ୍କୁ ଉପରୋକ୍ତ ଟଙ୍କା ଋଣ ଆକାରରେ ଦିଆଯାଇଛି ବୋଲି ଉକ୍ତ ଅଧିକାରୀମାନେ ଦର୍ଶାଇଥିଲେ। ଏନେଇ ଏସ୍‌ବିଆଇର ଭୁବନେଶ୍ୱରସ୍ଥିତ ରିଜିଓନାଲ୍ ବିଜ୍‌ନେସ୍ ଅଫିସ୍‌ର ରିଜିଓନାଲ୍ ମ୍ୟାନେଜର୍‌ଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଥିଲା। ଏହି ➪ପୃଷ୍ଠା-୬

ସଂଚାର
THE SANCHAR
Wednesday 27 May 2026 | ଭୁବନେଶ୍ୱର ବୁଧବାର ୨୭ ମେ ୨୦୨୬



### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ଭୟ



ସମ୍ପ୍ରତି ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟିର ନିର୍ବାଚନ ବିଜୟ ପରେ ଏକ ନୂତନ ପରିସ୍ଥିତି ସୃଷ୍ଟି ହୋଇଛି। ବାଙ୍ଗଲାଦେଶୀ ଅନୁପ୍ରବେଶକାରୀମାନେ ଗିରଫ ହେବାର ଭୟରେ ପଶ୍ଚିମବଙ୍ଗରୁ ପଳାୟନ କରି ଭାରତ-ବାଙ୍ଗଲାଦେଶ ସୀମାନ୍ତରେ ଏକତ୍ରିତ ହେଉଛନ୍ତି। ହାକିମପୁର, ବସିରହାଟ ଏବଂ ଉତ୍ତର ୨୪ ପରଗଣା ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଶହ ଶହ ଲୋକ ଫେରିବା ପାଇଁ ଜମା ହେଉଛନ୍ତି। ସୀମା ସୁରକ୍ଷା ବଳ (ବିଏସଏଫ)ର ରିପୋର୍ଟ ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ହଜାର ହଜାର ଲୋକ ଫେରିବାର ଚେଷ୍ଟା କରୁଛନ୍ତି। ଏହା ଦେଶର ସୀମା ସୁରକ୍ଷା ଏବଂ ଅଭ୍ୟନ୍ତରୀଣ ନିରାପତ୍ତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଲଟିଛି।

ବାଙ୍ଗଲାଦେଶରୁ ଭାରତକୁ ଅନୁପ୍ରବେଶ ଏକ ଦୀର୍ଘଦିନୀୟ ସମସ୍ୟା। ଗତ କେଇ ଦଶକ ଧରି ଲକ୍ଷ ଲକ୍ଷ ଲୋକ ଅବୈଧ ଭାବେ ଭାରତରେ ପ୍ରବେଶ କରିଛନ୍ତି। ପଶ୍ଚିମବଙ୍ଗ, ଆସାମ, ତ୍ରିପୁରା ଏବଂ ଅନ୍ୟାନ୍ୟ ସୀମାନ୍ତ ରାଜ୍ୟରେ ଏହି ଅନୁପ୍ରବେଶ ଜନସଂଖ୍ୟା ପରିବର୍ତ୍ତନ, ଆର୍ଥିକ ଚାପ ଏବଂ ସାମାଜିକ ଅସ୍ଥିରତା ସୃଷ୍ଟି କରିଛି। ବିଶେଷ କରି ପଶ୍ଚିମବଙ୍ଗରେ ଏହି ସମସ୍ୟା ରାଜନୈତିକ ଭାବେ ଅଧିକ ସ୍ପର୍ଶକାତର ହୋଇଛି। ପୂର୍ବତନ ସରକାରର ସମୟରେ ଅନୁପ୍ରବେଶକୁ ନଜରଅନ୍ଦାଜ କରାଯାଉଥିବା ଅଭିଯୋଗ ଉଠିଥିଲା। ଭୋଟର ତାଲିକା ସଂଶୋଧନ (ଏସଆଇଆର) ଏବଂ ନୂତନ ସରକାରର 'ଡିଟେକ୍ଟ, ଡିଲିଟ୍ ଏଣ୍ଡ ଡିପୋର୍ଟ' ନୀତି ଯୋଗୁଁ ଏହି ଅନୁପ୍ରବେଶକାରୀମାନେ ଭୟଭୀତ ହୋଇଛନ୍ତି।

ଏହି ପରିସ୍ଥିତି ଦେଶର ସାର୍ବଭୌମତ୍ୱ ଏବଂ ନିରାପତ୍ତା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଅନୁପ୍ରବେଶକାରୀମାନେ କେବଳ ଅର୍ଥନୈତିକ କାରଣରୁ ଆସନ୍ତି ନାହିଁ; କେତେକ କ୍ଷେତ୍ରରେ ଏହା ସହିତ ଜଡିତ ଥାଏ ଚରମପନ୍ଥୀ କାର୍ଯ୍ୟକଳାପ, ମାଦକଦ୍ରବ୍ୟ ଚୋରାଚାଲାନ ଏବଂ ଅନ୍ୟାନ୍ୟ ଅପରାଧ। ବର୍ତ୍ତମାନର ପରିସ୍ଥିତି ଦେଖାଯାଉଛି ଯେ ଭୋଟର ତାଲିକା ସଂଶୋଧନ ଏବଂ କଡା ପଦକ୍ଷେପ ଯୋଗୁଁ ଅନେକ ଲୋକ ସ୍ୱେଚ୍ଛାରେ ଫେରିଯାଉଛନ୍ତି। ଏହା ଏକ ସକାରାତ୍ମକ ଚିହ୍ନ, କିନ୍ତୁ ଏହା ସହିତ ସତର୍କତା ଆବଶ୍ୟକ। ଯେଉଁମାନେ ବର୍ଷ ବର୍ଷ ଧରି ଏଠାରେ ରହି ଆଧାର କାର୍ଡ, ଭୋଟର ଆଇଡି ଏବଂ ଅନ୍ୟାନ୍ୟ ଦସ୍ତାବିଜ ପ୍ରାପ୍ତ କରିଛନ୍ତି, ସେମାନଙ୍କୁ ଚିହ୍ନଟ କରି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ଦରକାର।

ଭାରତ-ବାଙ୍ଗଲାଦେଶ ସୀମା ଏକ ଜଟିଳ ସମସ୍ୟା। ପୋରସ୍ ନଦୀମୂଳ ଅଞ୍ଚଳ, ଅପୂର୍ଣ୍ଣ ବାଡ଼ ଏବଂ ଜନବହୁଳ ଅଞ୍ଚଳ ଯୋଗୁଁ ନିୟନ୍ତ୍ରଣ କଷ୍ଟକର। କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ଭାବେ ସୀମା ବାଡ଼ ସମ୍ପୂର୍ଣ୍ଣ କରିବା, ଅତିରିକ୍ତ ବିଏସଏଫ ମୁତୟନ ଏବଂ ଆଧୁନିକ ପ୍ରଯୁକ୍ତି ବ୍ୟବହାର କରିବା ଉଚିତ୍। ସୀମାନ୍ତ ଗ୍ରାମବାସୀଙ୍କ ସହଯୋଗ ବିନା ଏହି ସମସ୍ୟାର ସମାଧାନ ସମ୍ଭବ ନୁହେଁ। ସେମାନଙ୍କୁ ସଚେତନ କରିବା ଏବଂ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ସୁରକ୍ଷିତ ରଖିବା ଆବଶ୍ୟକ।

ଏହି ଘଟଣା ରାଜନୈତିକ ବିବାଦର ମଧ୍ୟ କେନ୍ଦ୍ରବିନ୍ଦୁ ହୋଇଛି। କେତେକ ଦଳ ଏହାକୁ ସାମ୍ପ୍ରଦାୟିକ ରଙ୍ଗ ଦେବାର ଚେଷ୍ଟା କରୁଛନ୍ତି, ଯାହା ଦେଶର ସମଗ୍ରତା ପାଇଁ କ୍ଷତିକର। ଅନୁପ୍ରବେଶ ଏକ ଜାତୀୟ ସମସ୍ୟା, ଏହାକୁ ଧର୍ମୀୟ ଦୃଷ୍ଟିକୋଣରୁ ଦେଖିବା ଉଚିତ୍ ନୁହେଁ। ଭାରତ ଏକ ଉଦାର ଦେଶ, କିନ୍ତୁ ଉଦାରତା କେବେ ଦୁର୍ବଳତା ହେବା ଉଚିତ୍ ନୁହେଁ। ଆଇନ୍ ଏବଂ ସଂବିଧାନ ଅନୁଯାୟୀ ପ୍ରତ୍ୟେକ ନାଗରିକର ଅଧିକାର ସୁରକ୍ଷିତ, କିନ୍ତୁ ଅବୈଧ ପ୍ରବେଶକାରୀଙ୍କ ପାଇଁ କୌଣସି ସ୍ଥାନ ନାହିଁ।

ନୂତନ ସରକାରର ପଦକ୍ଷେପ ପ୍ରଶଂସନୀୟ। ମାଲଦା ଏବଂ ଅନ୍ୟାନ୍ୟ ସ୍ଥାନରେ ହୋଲ୍ଡିଙ୍ଗ ସେଣ୍ଟର ଖୋଲାଯାଇଛି ଏବଂ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଉଛି। କିନ୍ତୁ ଏହା ସହିତ ମାନବିକ ଦୃଷ୍ଟିକୋଣ ରଖିବା ମଧ ଜରୁରୀ। ମହିଳା ଏବଂ ଶିଶୁଙ୍କ କ୍ଷେତ୍ରରେ ସତର୍କତା ଆବଶ୍ୟକ। ବାଙ୍ଗଲାଦେଶ ସରକାର ସହିତ କୂଟନୈତିକ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ଉଚିତ୍। ଏହି ପରିସ୍ଥିତି ଭାରତର ସୀମା ସୁରକ୍ଷା ନୀତିର ଏକ ପରୀକ୍ଷା। ଆମେ ଆମର ଦେଶକୁ ସୁରକ୍ଷିତ ରଖିବା ସହିତ ଆନ୍ତର୍ଜାତିକ ସମ୍ପର୍କ ବଜାୟ ରଖିବାକୁ ପଡ଼ିବ। ଅନୁପ୍ରବେଶ ବନ୍ଦ ହେବା ଉଚିତ୍ ଏବଂ ଯେଉଁମାନେ ଅବୈଧ ଭାବେ ରହିଛନ୍ତି ସେମାନଙ୍କୁ ଆଇନ୍ ଅନୁଯାୟୀ ଫେରଣ କରାଯିବା ଉଚିତ୍। ଏହା କେବଳ ପଶ୍ଚିମବଙ୍ଗ ନୁହେଁ, ସମଗ୍ର ଭାରତର ସୁରକ୍ଷା ସହିତ ଜଡିତ। ସୀମା ସୁରକ୍ଷିତ ହେଲେ ହିଁ ଦେଶ ସୁରକ୍ଷିତ।

# ମାଙ୍କୁଡ଼ିଆ


ଉତ୍କଳାନନ୍ଦ ଅଜୟ କୁମାର ବେହେରା




ମାଙ୍କୁଡ଼ିଆ ଏମିତିଆ ଏକ ଗୋଷ୍ଠୀ ଅଛନ୍ତି, ଯେଉଁମାନେ ମାଙ୍କଡ଼କୁ ତାଡ଼ନା କରନ୍ତି, ଏପରିକି ମାଙ୍କଡ଼ମାନଙ୍କୁ ମାରନ୍ତି। ଦେଶରେ ଅନେକ ଫସଲ ନଷ୍ଟକାରୀ ଜୀବ ପତଙ୍ଗ କୀଟ ଆକ୍ରମଣରେ ନଷ୍ଟ ପ୍ରତିବର୍ଷ ହେଉଛି, ଏ ମଧ୍ୟରେ ମୂଷା, ମାଙ୍କଡ଼, ବୁଲା, ଗୋରୁଗାଈ, ଷଣ୍ଢ, ଜଙ୍ଗଲୀ ବରାହ, ପାଳତୁ ଘୁଷୁରୀ, ପଙ୍ଗପାଳ, ଝିଂଟିକା, ବିଭିନ୍ନ ପ୍ରକାର ପୋକ, ଜୀବାଣୁ, ଭାଇରସ ଆଉ ଜନପଦ ସନ୍ନିକଟ ଜଙ୍ଗଲରେ ରହିବା ଜଙ୍ଗଲୀ ହାତୀ ଦଳ ଫସଲ ନଷ୍ଟକାରୀ ହୁଅନ୍ତି। ଏଥିରେ ଯାହା କ୍ଷୟ ହୁଏ ଆକ୍ରାନ୍ତ ଚାଷୀ ତ ନିଶ୍ଚୟ ମାତ୍ର ଦେଶର ଅର୍ଥନୈତିକ ହାନୀ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବର୍ଦ୍ଧିତ ଜନତାଙ୍କୁ ଖାଦ୍ୟ ଯୋଗାଇବା ଦେଶ ସଞ୍ଚାଳକ ସରକାରଙ୍କ ଦାୟିତ୍ୱ, ଯାହା କୃଷି, ଜଳବାୟୁ, କୃଷକ ଗଣଙ୍କ ଉଦଯୋଗ, ମାଟିର ଉର୍ବରା ଶକ୍ତି ସହ ସମ୍ପର୍କ ରଖେ। ଦେଶ, ରାଜ୍ୟ ଜିଲ୍ଲା ଆଦି ବ୍ୟାପକ ଭୂଖଣ୍ଡରେ ସବୁଆଡ଼େ ସମାନ ପ୍ରକାର ଭୂମି ବା ପ୍ରକୃତିଗତସାମ୍ୟ ନାହିଁ। ଆଜିର ଅର୍ଥଲିପ୍ସୁ ମନୁଷ୍ୟମାନେ ପ୍ରାକୃତିକ ସ୍ଥିର ସ୍ତରକୁ ବାରମ୍ବାର ବଦଳାଉଛନ୍ତି ନଷ୍ଟ କରୁଛନ୍ତି, ଫଳରେ ଜଙ୍ଗଲ ନଷ୍ଟ ଏପରିକି ଶେଷ ବହୁ ସ୍ଥାନରେ ହେଲାଣି, ଯେଉଁ ଜଙ୍ଗଲ ସୃଷ୍ଟିର ଯୋଜନା କରାଯାଉଛି ତହିଁରେ ପଶୁପକ୍ଷୀଙ୍କ ବର୍ଷ ସାରା ଖାଇ ବଞ୍ଚିବା ଖାଦ୍ୟର ଫଳଫୁଲ ଉପରେ ପ୍ରାଧାନ୍ୟ ଦିଆଯାଇ ନାହିଁ।

ଜଙ୍ଗଲରେ ଥିବା ଜଳାଧର ପୋତି ଦିଆଯାଉଛି ବା ପାଖ ନଦୀର ଜଳକୁ ଉପରମୁଣ୍ଡରେ ଅଟକ କରାଯାଇ ନିଦାଘ ଗ୍ରୀଷ୍ମରେ ପଶୁପକ୍ଷୀଙ୍କୁ ତୃଷର୍ତ୍ତ ପରିବେଶରେ ରଖାଯାଉଛି, ଫଳରେ ଅନେକ ପଶୁ ଖାଦ୍ୟ ପାନୀୟ ପାଇଁ ଜଙ୍ଗଲରୁ ଜନପଦକୁ ଆସୁଛନ୍ତି। ଲୋକେ ନିଜର ଜନପଦ ନିକଟରେ ଫାର୍ମ କରୁଛନ୍ତି ଫଳ ବଗିଚା କରୁଛନ୍ତି ସୁନ୍ଦର ମାଛ ଚାଷ ପୋଖରୀ କରୁଛନ୍ତି ମାତ୍ର ତେଣେ ଜଙ୍ଗଲ ଶେଷ। ଜଙ୍ଗଲର ତୃଣଭୋଜୀମାନେ ପେଟ ବିକଳରେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ଛାଡ଼ି ମାନବଙ୍କ ଚାଷ ଫଳବୃକ୍ଷକୁ ପାଇ ଜନବସତି ଛାଡୁ ନାହାନ୍ତି ମାଙ୍କଡ଼ ମାନେ ଏହା ଭିତରେ ଆଖି ଦୃଶିଆ ଉତ୍ପାତ କରୁଛନ୍ତି। ଲୋକେ ଅନେକସ୍ଥଳରେ ବିରକ୍ତରେ ପରିବା ଫଳ ଶାଗ ଅମୃତଭଣ୍ଡା ସଜନା କଖାରୁ ଲାଉ ଛଚିନ୍ଦ୍ରା ଜହ୍ନି ଆଦି ଚାଷରୁ ବିରତ ରହିଲେଣି। ଏହାର ସମସ୍ୟା ଜାତୀୟ ଅର୍ଥନୀତି ଉପରେ ନିଶ୍ଚୟ ପଡୁଛି। ବହୁ ବର୍ଷ ପୂର୍ବେ ସରକାରୀ ହୁକୁମରେ ମାଙ୍କୁଡ଼ିଆ ମାନଙ୍କୁ ବନ୍ଧୁକରେ ମାଙ୍କଡ଼ ମାନଙ୍କୁ ଗୋଡ଼ାଇ ଖୋଜି ଖୋଜି ପୁରୁଷ ମାଙ୍କଡ଼ ମାନଙ୍କୁ ମାରି ଦିଆଯାଉଥିଲା। ମାଙ୍କଡ଼କୁ ମାରି ତାର ଲାଞ୍ଜକୁ ନେଇ ଦେଖାଇ ତାଙ୍କ ପ୍ରାପ୍ୟ ପାଉଥିଲେ, ଏହାଦ୍ୱାରା ମାଙ୍କଡ଼ର ବଂଶ ବୃଦ୍ଧି ରୋକାଯାଉଥିଲା। ପୁଣି ଦଳପତି ବିହୁନେ ଭୟରେ ମାଙ୍କଡ଼ମାନେ ଦଳପତି ପୁରୁଷ ମାଙ୍କଡ଼ ଅନ୍ୱେଷଣରେ ଜଙ୍ଗଲକୁ ପଳାଉଥିଲେ। ସରକାର ବୁଲା କୁକୁର ସଂଖ୍ୟା କମାଇବା ପାଇଁ କୁତ୍ତା କୁତିଙ୍କୁ କ୍ଳିବ ବନ୍ଧ୍ୟା ଉପାୟ ବାହାର କରି ତାଙ୍କ ସଂଖ୍ୟା କମାଇବା ଉପାୟ କରିବା ପରି ମାଙ୍କଡ଼ ମାନଙ୍କ ସେହିପରି ତୁରନ୍ତ ବ୍ୟବସ୍ଥା କରନ୍ତୁ ବା ତୁରନ୍ତ ବିଭିନ୍ନ ଜଙ୍ଗଲ ଗୁଡ଼ିକର ପୁନଃରୁଦ୍ଧାର କରନ୍ତୁ। ଯେପରି ବାରମାସି ଫଳ ସେଠାରେ ଉପଲବ୍ଧ ହେବ।

ଇନ୍ଦିରାଜୀ ଓ ତାଙ୍କ ପୁତ୍ର ସଞ୍ଜୟ ଗାନ୍ଧୀ ଯେଉଁ ୨୦ଦଫା ଯୁକ୍ତ ୫ ଦଫା ଯୋଜନାରେ ଭାରତରେ ଜନସଂଖ୍ୟା କୁସ୍ଥିର ରଖିବାକୁ ଆମେ ଦୁଇ ଆମର ଦୁଇର ବିଧାନ ପୁଣି ନାରୀ ବନ୍ଧ୍ୟାକରଣ ପୁରୁଷ କ୍ଲୀବକରଣ ଯାଇବି, ଦେଶରେ ସମକାନୁନରେ ସମସ୍ତେ ନଚଳିବାରୁ ଆଜିର ଲୋକସଂଖ୍ୟା ଏପରି ବିସ୍ଫୋରିତ ହୋଇଛି ଯାହା ଲୋକଙ୍କୁ ଖାଇବାକୁ ରହିବାକୁ ମିଳିନାହିଁ। ଅନେକଜୀବ ମନୁଷ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଶେଷ କରିସାରିଲେଣି। କେବଳ ସମୁଦ୍ରର ଜଳଜୀବ ମାଛ ଯାହା ଅନେକ ମନୁଷ୍ୟଙ୍କ ଭୋଜ୍ୟ ଦ୍ରବ୍ୟର ଏକ ଉତ୍ସ ବହୁ ଶିଳ୍ପ ସଂସ୍ଥାର ପରିତ୍ୟକ୍ତ ବିଷାକ୍ତ ଜଳ ଆଉ ଅଦରକାରୀ ବହୁ ଧାତୁ ପ୍ଲାଷ୍ଟିକ କେମିକାଲ ସମୁଦ୍ର ଜଳରେ ମିଶି ମାଛଙ୍କୁ ରୋଗା ଓ ବିଷାକ୍ତ କରୁଛି ଏହି ଭୋଜନରେ ମନୁଷ୍ୟମାନେ ଜଟିଳ ରୋଗଗ୍ରସ୍ତ ହୋଇ ଅକାଳ ମରଣ ଭୋଗିବେ ଲୋକେ ମାଙ୍ଗଡ଼ମୀ ପଥ ଆଇନୀ ଖିଲାପରେ ଧରୁଛନ୍ତି। ଏହାକୁ ଦୂରଦୃଷ୍ଟି ତୀକ୍ଷ୍ଣଦୃଷ୍ଟି ସମ୍ପନ୍ନ। ମାଙ୍କଡ଼ମରା ମାଙ୍କୁଡ଼ିଆ ସରକାର ମୁତୟନ କରି କେବଳ ଖୋଜି ଖୋଜି ଦଳପତି ଦନ୍ତାକୁ କ୍ଲୀବ କରିଦେଲେ ମାଙ୍କଡ଼ମୀ ମନକୁ ରୁଦ୍ଧ ହୋଇଯିବ।


**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ**
**ମୋବାଇଲ୍:୯୪୩୭୧୦୩୧୨୫୩**




# ଜନଗଣନାର ଆବଶ୍ୟକତା


ଡାକ୍ତର ରାଜକିଶୋର ପଣ୍ଡା




ଦୀର୍ଘ ଅପେକ୍ଷା ପରେ ଶେଷରେ ଭାରତରେ ଜନଗଣନା ଆରମ୍ଭ ହୋଇଛି। ଏହା ହେଉଛି ଷୋହଳତମ ଜନଗଣନା। ଦେଶର ଏହା ହେଉଛି ସମ୍ପୂର୍ଣ୍ଣ ଭାବରେ ଡିଜିଟାଲ ଭିତ୍ତିକ ଓ ଦୁଇ ପର୍ଯ୍ୟାୟ ବିଶିଷ୍ଟ ଜନଗଣନା। ୧.୪ ବିଲିଅନ୍ ବା ୧୪୦ କୋଟି ଜନତାଙ୍କର ସମ୍ପୂର୍ଣ୍ଣ ତଥ୍ୟ ଏଥିରେ ହାସଲ କରିବା ପାଇଁ ଯୋଜନା କରାଯାଇଅଛି। ଏହି ଜନଗଣନାରେ ବ୍ୟବହୃତ ହେବାକୁ ଥିବା ମୋବାଇଲ୍ ଆପ୍‌ଟି ଭାରତର ଷୋହଳଟି ଭାଷାକୁ ଯେପରି ସମର୍ଥନ କରିପାରିବ ତାହାକୁ ଆଖିରେ ରଖି ପ୍ରସ୍ତୁତ କରାଯାଇଅଛି। ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ଏହି ଜନଗଣନାର ପ୍ରଥମ ଭାଗଟି ହେଉଛି ଗୃହଗଣନା ଓ ତାଲିକାର ପ୍ରସ୍ତୁତି। ଏହା ଚଳିତ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ମାସ ଯାଏଁ ଚାଲିବ। ଏଥିରେ ଦେଶର ଜନତାଙ୍କର ଗୃହର ତାଲିକା କରାଯିବା ସହିତ, ଜଳଯୋଗାଣ ଓ ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ତଥ୍ୟକୁ ମଧ୍ୟ ଲିପିବଦ୍ଧ କରାଯିବ। ଦ୍ୱିତୀୟ ଭାଗଟି ଫେବୃୟାରୀ ୨୦୨୭ ରେ ଆରମ୍ଭ ହେବାକୁ ଥିବାବେଳେ, ଏହାକୁ ଆମେ ପ୍ରକୃତ ଜନଗଣନା ବୋଲି କହିପାରିବା। ଏଥିରେ ଲୋକମାନଙ୍କର ନାମ, ବୟସ, ଲିଙ୍ଗ, ବୈବାହିକ ସ୍ଥିତି, ଧର୍ମ, ଜାତି, ଶିକ୍ଷା, ଜୀବିକା ଓ ପ୍ରବାସ ବା ସ୍ଥାନାନ୍ତରଣ ଉପରେ ତଥ୍ୟ ସଂଗ୍ରହ କରାଯିବାର ବ୍ୟବସ୍ଥା ରହିଛି। ଜନକଲ୍ୟାଣକାରୀ ରାଷ୍ଟ୍ର ପକ୍ଷରେ, ଜନଗଣନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଇଥାଏ। କୌଟିଲ୍ୟ ନିଜର ମହାନତମ ଗ୍ରନ୍ଥ "ଅର୍ଥଶାସ୍ତ୍ର" ରେ ଉଲ୍ଲେଖ କରିଛନ୍ତି କି, ଯେଉଁ ରାଷ୍ଟ୍ର ନିଜର ପ୍ରଜାମାନଙ୍କୁ ସୁଶାସନ ଦେବା ପାଇଁ ଇଚ୍ଛୁକ, ତା'ପାଖରେ ନିଜର ପ୍ରଜାଙ୍କର ସବିଶେଷ ବିବରଣୀ ରହିବା ଆବଶ୍ୟକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁ ରାଷ୍ଟ୍ର ଜନଗଣନା କରେ ନାହିଁ, ସେ ଅନ୍ଧକାରରେ ଶାସନ କରିଥାଏ। ମହାମାରୀ, କୋଭିଡ୍ ଓ ଅନ୍ୟ କିଛି କାରଣବଶତଃ ଭାରତର ଜନଗଣନା କ୍ଷେତ୍ରରେ ଥିବା ଅନ୍ଧକାର ପରିଶେଷରେ ଦୂର ହୋଇଛି ଓ ଗତ ଏପ୍ରିଲ୍‌ରୁ ବିଧିବଦ୍ଧ ଭାବରେ ଦେଶରେ ଏହି ପ୍ରକ୍ରିୟାଟିର ଅୟମାରମ୍ଭ ହୋଇଛି। ଯେହେତୁ ଭାରତ, ବିଶ୍ୱର ସର୍ବାଧିକ ଜନବହୁଳ ଦେଶ, କହିବା ବାହୁଲ୍ୟ ଯେ ଜନଗଣନା ପ୍ରକ୍ରିୟାଟି ମଧ୍ୟ ସେହିପରି ଏକ ବୃହତ୍ତର ଓ ଜଟିଳ ବ୍ୟାପାର। ଏଥିରେ ମାସ ପରେ ମାସ ତିରିଶ ଲକ୍ଷରୁ ଅଧିକ ଗଣନା କର୍ମଚାରୀ, ପର୍ଯ୍ୟବେକ୍ଷକ ଓ ସେନସସ୍ ଅଧିକାରୀ, ୧୪୦ କୋଟି ଭାରତୀୟଙ୍କୁ ୩୩ ଟି ପ୍ରଶ୍ନ ପଚାରିବେ। ଦେଶର ସାତ ହଜାରରୁ ଅଧିକ ସହର ଓ ଛଅଲକ୍ଷରୁ ଅଧିକ ଗ୍ରାମରେ ଚାଲିବାକୁ ଥିବା ଏହି ଜନଗଣନା ହେଉଛି ପୃଥିବୀର ସବୁଠାରୁ ବୃହତ୍ ପ୍ରଶାସନିକ ପ୍ରକ୍ରିୟା। ଏହି ପରିପ୍ରେକ୍ଷୀରେ ଜନଗଣନାର ଇତିହାସ ଉପରେ ଆଖି ପକାଇବା ମଧ୍ୟ ସମୀଚୀନ ମନେହୁଏ।

ଭାରତର ପ୍ରାଚୀନତମ ଶାସ୍ତ୍ର ଋଗ୍‌ବେଦରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ଆଠଶହ ରୁ ଛଅଶହ ମଧ୍ୟରେ ଆର୍ଯ୍ୟାବର୍ତ୍ତ ବା ଭାରତବର୍ଷରେ ଜନଗଣନାର ପ୍ରଚଳନ ଥିଲା। ମଧ୍ୟଯୁଗରେ ମୋଗଲ ସମ୍ରାଟ ଆକବରଙ୍କ ଶାସନ କାଳରେ, ପ୍ରଶାସନିକ ଦସ୍ତାବିଜ୍ ଭାବରେ ବ୍ୟବହୃତ ହେଉଥିବା ଆବୁଲ ଫଜଲଙ୍କ ପୁସ୍ତକ "ଆଇନ୍-ଇ-ଆକବରୀ" ରେ ମଧ୍ୟ ତତ୍କାଳୀନ ସମୟର ଜନଗଣନା ତଥ୍ୟ ସବୁ ଲିପିବଦ୍ଧ ରହିଛି। ଆଧୁନିକ ସମୟକୁ ଦେଖିଲେ, ୧୮୦୦ ମସିହାରେ ଇଂଲଣ୍ଡ ସର୍ବପ୍ରଥମେ ଏହାର ଜନଗଣନା ଆରମ୍ଭ କରିଥିଲା। ଭାରତ ସନ୍ଦର୍ଭରେ ଦେଖିଲେ, ବ୍ରିଟିଶ୍ ବିଦ୍ୱାନ "ଜେମ୍‌ସ ପ୍ରିନସେପ୍" ଙ୍କ ଦ୍ୱାରା ୧୮୨୪ ମସିହାରେ ଆହ୍ଲାବାଦର ଓ ୧୮୨୭ ରେ ବନାରସର ଏକ ପରୀକ୍ଷାମୂଳକ ଜନଗଣନା କରାଯାଇଥିଲା। ୧୮୩୦ ମସିହାରେ ହେନରୀ ୱାଲଟରଙ୍କଦ୍ୱାରା କରାଯାଇଥିବା ଢାକାର ଜନଗଣନା ହେଉଛି, ଏକ ଭାରତୀୟ ସହରର ପ୍ରଥମ ପୂର୍ଣ୍ଣକାଳୀନ ଜନଗଣନା। ତେବେ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ମେୟୋଙ୍କ ସମୟରେ କରାଯାଇଥିବା ୧୮୭୨ ମସିହାର ଜନଗଣନା ହେଉଛି ଭାରତର ପ୍ରଥମ ବିଖଣ୍ଡିତ ବା ଆଂଶିକ ଜନଗଣନା, ଇଂରାଜୀରେ ଯାହାକୁ କୁହାଯାଏ **Non-Synchronous Census**। ସେହିପରି ଫେବୃୟାରୀ ୧୭, ୧୮୮୧ ମସିହାରେ କରାଯାଇଥିବା ଜନଗଣନା ହେଉଛି ଭାରତର ସମ୍ପୂର୍ଣ୍ଣ ଓ ସମଗ୍ର ଜନଗଣନା। ଏହି ଜନଗଣନା ଡବଲ୍ୟୁ. ସି. ପ୍ଲାଓଡେନ୍‌ଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ସେ ଥିଲେ ତତ୍କାଳୀନ ବ୍ରିଟିଶ୍ ଭାରତର ସେନସସ୍ କମିଶନର୍ ବା ଜନଗଣନା ଆୟୁକ୍ତ। ଉପର ବର୍ଣ୍ଣିତ ଦୁଇ ପ୍ରକାର ଜନଗଣନା ମଧ୍ୟରେ ମୌଳିକ ପାର୍ଥକ୍ୟ ଏହା ଯେ, ମାନବ ସମ୍ବଳ ଓ ସମନ୍ୱୟର ଅଭାବରୁ ଆଂଶିକଟି କରାଯାଇଥିଲାବେଳେ, ସମ୍ପୂର୍ଣ୍ଣଟି କରାଯାଇଥିଲା ସମ୍ବଳ ଓ ସମନ୍ୱୟର ସୁବନ୍ଦୋବସ୍ତ ପରେ।




ସ୍ୱାଧୀନତା ପରେ ପ୍ରଥମ ଜନଗଣନା ୧୯୫୧ ମସିହାରେ ହୋଇଥିଲା ଓ ସେବେଠାରୁ ନିୟମିତ ଭାବରେ ଏହା ହୋଇ ଆସୁଛି। ଏହା ଜନଗଣନା ନିୟମ ବା ସେନସସ୍ ଆକ୍ଟ ୧୯୪୮ ଅନୁଯାୟୀ ହୋଇଥାଏ। ଏହାକୁ ପ୍ରସ୍ତୁତ କରିଥିଲେ ଭାରତର ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ଜନଗଣନାକୁ ପରିଚାଳନା କରିଥାନ୍ତି ଭାରତୀୟ ସେନସସ୍ କମିଶନର୍ ଓ ସେ ଗୃହମନ୍ତ୍ରଣାଳୟର ଅଧୀନ। ଭାରତରେ ଜନଗଣନା କେନ୍ଦ୍ର ଅଧୀନସ୍ଥ ବିଷୟ, ଯାହାକି ସମ୍ବିଧାନର ଧାରା ୨୪୬ ର ଅନ୍ତର୍ଗତ। ଏହାକୁ ସପ୍ତମ ଅନୁଚ୍ଛେଦର କ୍ରମିକ ସଂଖ୍ୟା ୬୯ ରେ ତାଲିକାଭୁକ୍ତ କରାଯାଇଅଛି। ଗୋଟିଏ ଧ୍ୟାନ ଦେବା ଭଳି ବିଷୟ ହେଉଛି କି ଜନଗଣନାରେ ପ୍ରାପ୍ତ ବ୍ୟକ୍ତିଗତ ତଥ୍ୟ ବା ଡାଟା ସମ୍ପୂର୍ଣ୍ଣ ଭାବେ ଗୋପନୀୟ। ଏପରିକି ନ୍ୟାୟାଳୟ ବା ନ୍ୟାୟିକ ମାମଲା ଓ ସୂଚନା ଅଧିକାର ଆଇନ ବଳରେ ମଧ୍ୟ ଏହାକୁ ହାସଲ କରାଯାଇପାରିବ ନାହିଁ। ସେନସସ୍ ଆକ୍ଟ ୧୯୪୮ ବଳରେ ହିଁ ଜନଗଣନାକୁ ଏହି ଗୋପନୀୟତା ପ୍ରଦାନ କରାଯାଇଛି। ଜନସାଧାରଣ, ସେନସସ୍ କର୍ମଚାରୀଙ୍କୁ ନିଜର ବ୍ୟକ୍ତିଗତ ତଥ୍ୟ ସଠିକ୍ ଭାବରେ ପ୍ରଦାନ କରିବା ପାଇଁ ଉତ୍ସାହିତ କରିବା ସକାଶେ ଏହାକୁ ଗୋପନୀୟ ରଖାଯାଇଥାଏ କିନ୍ତୁ ସାମୂହିକ ତଥ୍ୟ ଯେପରିକି ଶିକ୍ଷିତ ହାର, ଏସବୁ ଗୋପନୀୟ ନୁହେଁ। ୧୮୭୨ ମସିହାର ଜନଗଣନାରେ ମାତ୍ର ସତରଟି ପ୍ରଶ୍ନ ଥିଲା ଏବଂ "କିଏ କେଉଁଠାରେ ରହୁଛି" ଏହାଠାରୁ ଅଧିକ କିଛି ପଚରା ଯାଉନଥିଲା, ମାତ୍ର ପରବର୍ତ୍ତୀ ଜନଗଣନା ଗୁଡ଼ିକରେ ପ୍ରଶ୍ନଗୁଡ଼ିକର ସଂଖ୍ୟା ବଢ଼ିବାକୁ ଲାଗିଲା। ଯେମିତିକି ୧୯୦୧ ଜନଗଣନାରେ ଇଂରାଜୀରେ ଦକ୍ଷତା ବିଷୟରେ ପଚରାଗଲା, ଯାହାକି ଔପନିବେଶିକ ଭାରତର ଏକ ବିଶେଷ ପ୍ରାଥମିକତା ଥିଲା। ସେହିପରି ୨୦୧୧ ମସିହାରେ ଜନଗଣନାରେ ପ୍ରବାସ ବା ସ୍ଥାନାନ୍ତରଣର ଇତିହାସ ପ୍ରଜନନ ଧାରା, ଜୀବିକା ସମ୍ବନ୍ଧୀୟ ଓ ଶାରୀରିକ ଅକ୍ଷମତା ତଥା ବିକଳାଙ୍ଗତା ବିଷୟରେ ପ୍ରଶ୍ନମାନ ପଚରାଯାଇଥିଲା। ତେଣୁ ଏହା କହିବା ଉଚିତ୍ ହେବ ଯେ ଦେଶ ସମ୍ମୁଖରେ ଉଭା ହେଉଥିବା ପ୍ରସଙ୍ଗ ସମୂହର ପ୍ରତିଫଳନ ହେଉଛି ଜନଗଣନା।

ତେବେ ଏହାର ଆବଶ୍ୟକତା କ'ଣ? ଦେଶରେ ଗତ ଦେଢ଼ ଦଶନ୍ଧି ଧରି ଶାସନ, ପ୍ରଶାସନ ତଥା ନୀତି ନିର୍ଦ୍ଧାରଣ, ୨୦୧୧ ମସିହାରେ ହୋଇଥିବା ଜନଗଣନା ଅନୁସାରେ ଚାଲିଛି। ଏହି ସମୟ ଅବଧି ମଧ୍ୟରେ କୋଟି କୋଟି ଲୋକ ନିଜର ଭିଟାମାଟିରୁ ଅନ୍ୟସ୍ଥାନକୁ ପଳାୟନ କରିଛନ୍ତି, ଜୀବିକା ବଦଳାଇଛନ୍ତି ଓ ଗାଁ ଛାଡ଼ି ସହରୀ ବାସିନ୍ଦାରେ ପରିଣତ ହୋଇଛନ୍ତି। ତେଣୁ ସହରାଞ୍ଚଳର ବିକାଶ ପାଇଁ ବିଭିନ୍ନ ନୀତି ନିର୍ଦ୍ଧାରଣରେ ଉପରୋକ୍ତ ପ୍ରବାସୀ ଜନତାଙ୍କର ସବିଶେଷ ତଥ୍ୟର ଆବଶ୍ୟକତା ରହିଛି।

ଦ୍ୱିତୀୟରେ ନିର୍ବାଚନ କ୍ଷେତ୍ରର ପୁନର୍ଗଠନ। ଆଜି ପର୍ଯ୍ୟନ୍ତ ଭାରତର ବିଧାନସଭା ଓ ସଂସଦୀୟ ନିର୍ବାଚନ ମଣ୍ଡଳୀ, ପୁରାତନ ଜନଗଣନା ଉପରେ ଆଧାରିତ। ବର୍ତ୍ତମାନ ସମୟର ଭାରତର ଆଶା, ଅକାଂକ୍ଷା ଓ ଭବିଷ୍ୟତକୁ ଏହା ପୂରଣ କରିପାରୁନାହିଁ। ତେଣୁ ନୂତନ ଜନଗଣନାରୁ ପ୍ରାପ୍ତ ତଥ୍ୟ ଅନୁସାରେ ସରକାର ନିର୍ବାଚନ ମଣ୍ଡଳୀର ପୁନର୍ଗଠନ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ। ତୃତୀୟରେ ଭିତ୍ତିଭୂମି ପ୍ରକଳ୍ପ। ଜନଗଣନାରୁ ମିଳୁଥିବା ତଥ୍ୟକୁ ଆଧାର କରି ଏହା ଜାଣିହୁଏ ଯେ, କେଉଁଠାରେ ଲୋକସଂଖ୍ୟା ବଢ଼ିଛି ଓ କେଉଁଠାରେ କମିଛି। ସରକାର ଏହାକୁ ଆଧାର କରି ସ୍କୁଲ, କଲେଜ, ରାସ୍ତା ଓ ହସ୍ପିଟାଲ ଆଦି ପ୍ରକଳ୍ପ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଥାନ୍ତି। ଚତୁର୍ଥରେ ପୁଞ୍ଜି ବଣ୍ଟନ। ଜନଗଣନାକୁ ଆଧାର କରି କେନ୍ଦ୍ରୀୟ ଅର୍ଥ ଆୟୋଗ, ଲୋକସଂଖ୍ୟା ଭିତ୍ତିରେ ବିଭିନ୍ନ ରାଜ୍ୟକୁ ଆବଣ୍ଟିତ ହେବାକୁ ଥିବା ଅର୍ଥର ପରିମାଣ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତି।

ତେବେ ଚଳିତ ଥରର ଜନଗଣନାଟି ହେଉଛି ଜାତିଭିତ୍ତିକ। ୧୯୩୧ ମସିହାରେ ଶେଷ ଥର ପାଇଁ ଜେ.ଏଚ୍. ହଟନଙ୍କ ନେତୃତ୍ୱରେ ଦେଶରେ ଜାତିଭିତ୍ତିକ ଗଣନା ହୋଇଥିଲା। ଏହି ଜନଗଣନାରେ ୨୭୧ ମିଲିଅନ୍ ଲୋକ ଅନ୍ତର୍ଭୁକ୍ତ ହୋଇଥିଲେ। ଏହା ପାଖାପାଖି ୪୦୦୦ ଜାତିଙ୍କୁ ଚିହ୍ନଟ କରିବା ସହିତ, ଓ.ବି.ସି. ମାନଙ୍କ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିଥିଲା। ୧୯୯୦ ମସିହାର ମଣ୍ଡଳ କମିଶନ, ଏହି ଜନଗଣନାର ତଥ୍ୟକୁ ଆଧାର କରି ହିଁ ପ୍ରସ୍ତୁତ କରାଯାଇଥିଲା। ସରକାର ଚଳିତ ଥରର ଜନଗଣନା ପାଇଁ ୧୧୭୧୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାକୁ ସଫଳ କରାଇବା ଆମ ସମସ୍ତଙ୍କର ଦାୟିତ୍ୱ।


**ଓଡ଼ିଶା ସ୍ୱାସ୍ଥ୍ୟ ସେବା**
**ଭୁବନେଶ୍ୱର, ମୋବାଇଲ: ୮୧୪୪୦୪୨୯୯୭**


# ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରୁଛି ମିମ୍ ରାଜନୀତି: 'କକରୋଚ୍ ଜନତା ପାର୍ଟି'


ଏ ପି ଶୁଭକାନ୍ତ ସାମଲ




ବର୍ତ୍ତମାନର ଡିଜିଟାଲ ଯୁଗରେ ସୋସିଆଲ ମିଡିଆ କେବଳ ସାମାଜିକ ଯୋଗାଯୋଗ କିମ୍ବା ମନୋରଞ୍ଜନର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଜନମତ ଗଠନ ଏବଂ ରାଜନୈତିକ ବିଚାରଧାରାକୁ ନିୟନ୍ତ୍ରଣ କରିବାର ଏକ ବଡ଼ ରଣକ୍ଷେତ୍ର ପାଲଟିଛି। ଆଜିକାଲି ଇଣ୍ଟରନେଟ ଦୁନିଆରେ, ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ, 'କକରୋଚ୍ ଜନତା ପାର୍ଟି' ବା ସିଜେପି ନାମକ ଏକ ଡିଜିଟାଲ୍ ଟ୍ରେଣ୍ଡ୍ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଉପରଠାଉରିଆ ଭାବେ ଦେଖିଲେ ଏହା ବ୍ୟବସ୍ଥା ବିରୋଧରେ ଯୁବପିଢ଼ିଙ୍କ ଏକ ସ୍ୱତଃସ୍ଫୂର୍ତ୍ତ ସ୍ୱର, ବ୍ୟଙ୍ଗ କିମ୍ବା କେବଳ ଏକ ହାସ୍ୟରସାତ୍ମକ ମିମ୍ ଭଳି ଲାଗୁଛି। ଯାହା ମାଧ୍ୟମରେ ସାଧାରଣ ସମସ୍ୟା, ପ୍ରଶାସନିକ ବିଫଳତା ଏବଂ ରାଜନୈତିକ ବ୍ୟବସ୍ଥାକୁ ତିରସ୍କାର କରାଯାଉଥିବାର ଦେଖିବାକୁ ମିଳୁଛି। କିନ୍ତୁ ଏହି ହସ-ମଜା ଓ ବ୍ୟଙ୍ଗର ଆବରଣ ତଳେ ଏକ ଗଭୀର ତଥା ସୁଚିନ୍ତିତ ରାଜନୀତିକ ଏଜେଣ୍ଡା ଲୁଚି ରହିଛି, ଯାହାକୁ ଗଭୀର ଭାବେ ଅନୁଧ୍ୟାନ କରିବାର ସମୟ ଆସିଛି।

ଏହି ସମଗ୍ର ବିବାଦ ଓ ନୂତନ ଡିଜିଟାଲ୍ ଆନ୍ଦୋଳନର ସୂତ୍ରପାତ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଏକ କଠୋର ମନ୍ତବ୍ୟରୁ ହୋଇଥିଲା। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏକ ମାମଲାର ଶୁଣାଣି ସମୟରେ ମନ୍ତବ୍ୟ ଦେଇ କହିଥିଲେ ଯେ କିଛି ଯୁବକ କାମଧନ୍ଦା ନପାଇ କକରୋଚ୍ ବା ଅସରପା ଭଳି ବ୍ୟବହାର କରୁଛନ୍ତି, ଯେଉଁମାନେ ପରବର୍ତ୍ତୀ ସମୟରେ ଆରଟିଆଇ କର୍ମୀ କିମ୍ବା ସୋସିଆଲ ମିଡିଆ ସକ୍ରିୟବାଦୀ ସାଜି ସମସ୍ତଙ୍କ ଉପରେ ଆକ୍ରମଣ କରୁଛନ୍ତି। ମୁଖ୍ୟ ବିଚାରପତିଙ୍କ ଏହି 'କକରୋଚ୍' ଶବ୍ଦର ବ୍ୟବହାର ଦେଶର ବେକାର ଯୁବପିଢ଼ିଙ୍କ ମନରେ ତୀବ୍ର ଆଘାତ ଦେଇଥିଲା ଏବଂ ସୋସିଆଲ ମିଡିଆରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥିଲା। ଯଦିଓ ପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏହା ଉପରେ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନ କରାଯାଇଛି ଏବଂ ସେ କେବଳ ଜାଲ୍ ଡିଗ୍ରୀଧାରୀମାନଙ୍କୁ ସମାଲୋଚନା କରୁଥିଲେ, ସେତେବେଳକୁ ଇଣ୍ଟରନେଟ୍ରେ ଆକ୍ରୋଶ ନିଆଁ ଭଳି ବ୍ୟାପି ସାରିଥିଲା। ଏହି କ୍ରୋଧକୁ ପୁଞ୍ଜି କରି ଆମ ଆଦମୀ ପାର୍ଟିର ପୂର୍ବତନ ସୋସିଆଲ ମିଡିଆ ରଣନୀତିକାର ଅଭିଜିତ୍ ଦିପକେ ତୁରନ୍ତ 'କକରୋଚ୍ ଜନତା ପାର୍ଟି' ନାମରେ ଏକ କାଳ୍ପନିକ ଓ ବ୍ୟଙ୍ଗାତ୍ମକ ଦଳ ଗଠନ କରିବା ସହ ଲକ୍ଷ ଲକ୍ଷ ଯୁବକଙ୍କୁ ଏଥିରେ ସାମିଲ କରି ଏହାକୁ ଏକ ବଡ଼ ପ୍ରୋପାଗାଣ୍ଡାର ରୂପ ଦେଇଥିଲେ।

ଯେଉଁ ଜିନିଷକୁ ଦେଶର ଲକ୍ଷ ଲକ୍ଷ ଯୁବକ ନିଜର ଅସନ୍ତୋଷ ଏବଂ ସ୍ୱାଧୀନ ଅଭିବ୍ୟକ୍ତିର ମାଧ୍ୟମ ଭାବି ଆପଣେଇ ନେଉଛନ୍ତି, ତାହା ବାସ୍ତବରେ ଏକ ନିର୍ଦ୍ଦିଷ୍ଟ ପକ୍ଷ ଦ୍ୱାରା ପରିଚାଳିତ ଡିଜିଟାଲ୍ ପ୍ରୋପାଗାଣ୍ଡା ବା ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ଅପପ୍ରଚାର। ବ୍ୟଙ୍ଗ ଓ ହସର ମୁଖା ପିନ୍ଧାଇ ସାଧାରଣ ଯୁବମାନସକୁ କିଭଳି ନିଜ ସପକ୍ଷରେ କିମ୍ବା ବିପକ୍ଷରେ ବ୍ୟବହାର କରାଯାଇପାରେ, ଏହା ହେଉଛି ତାର ଏକ ଜ୍ୱଳନ୍ତ ଉଦାହରଣ।

ଏହି ଘଟଣାଟି ଏକ ବଡ଼ ସାମାଜିକ ସମସ୍ୟା ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି, ଯାହାକୁ ବିଶେଷଜ୍ଞମାନେ 'ମିମ୍ ସିନିସିଜମ୍' ବା ବ୍ୟଙ୍ଗାତ୍ମକ ନୈରାଶ୍ୟବାଦ ବୋଲି କହୁଛନ୍ତି। ଆଜିର ଯୁବପିଢ଼ି ପ୍ରତିଦିନ ସୋସିଆଲ ମିଡିଆରେ ଏଭଳି ହଜାର ହଜାର ମିମ୍ ଦେଖୁଛନ୍ତି, ଯେଉଁଥିରେ ଦର୍ଶାଯାଉଛି ଯେ ଦେଶର ସବୁ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛି। ସରକାର, ପ୍ରଶାସନ, ନ୍ୟାୟାଳୟ, ଗଣମାଧ୍ୟମ ଏବଂ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ କ୍ରମାଗତ ଭାବେ ଏକ ଜୋକ୍ ବା ପରିହାସ ରୂପେ ଉପସ୍ଥାପନ କରାଯାଉଛି। ଯେତେବେଳେ ଜଣେ ଯୁବକ ଦିନରାତି ଏହିଭଳି ବିଷୟବସ୍ତୁ ଦେଖେ, ସେତେବେଳେ ତାର ଅଜାଣତରେ ତାର ମାନସିକତା ନକାରାତ୍ମକ ହୋଇଯାଏ। ସେ ଭାବିବାକୁ ଆରମ୍ଭ କରେ ଯେ ଏହି ଦେଶରେ କିଛି ବି ଭଲ ହୋଇପାରିବ ନାହିଁ ଏବଂ ସବୁକିଛି ପରିହାସଯୋଗ୍ୟ। ଏହି ନୈରାଶ୍ୟବାଦ ଯୁବକମାନଙ୍କୁ ଭିତରୁ ଖାଲି କରିଦିଏ ଏବଂ ସେମାନଙ୍କର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରୁ ସମ୍ପୂର୍ଣ୍ଣ ଆସ୍ଥା ତୁଟାଇ ଦିଏ, ଯାହା ଏକ ସୁସ୍ଥ ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ।

ଏଭଳି ଡିଜିଟାଲ୍ ଅଭିଯାନଗୁଡ଼ିକ ଯୁବପିଢ଼ିଙ୍କ ମଧ୍ୟରେ ଏକ ମିଥ୍ୟା ସନ୍ତୋଷ ବା ଭ୍ରମ ସୃଷ୍ଟି କରିଥାଏ। ଇଣ୍ଟରନେଟରେ ବସି କୌଣସି ବ୍ୟଙ୍ଗାତ୍ମକ ପୋଷ୍ଟକୁ ଲାଇକ୍ କରିବା, ସେୟାର୍ କରିବା କିମ୍ବା ବ୍ୟବସ୍ଥାକୁ ଗାଳି ଦେଇ କମେଣ୍ଟ ଲେଖିବା ଦ୍ୱାରା ଜଣେ ଯୁବକକୁ ଅନୁଭୂତି ହୁଏ ଯେ ସେ ସମାଜର ଏକ ବଡ଼ ସମସ୍ୟା ବିରୋଧରେ ସ୍ୱର ଉତ୍ତୋଳନ କରୁଛି କିମ୍ବା କୌଣସି କ୍ରାନ୍ତିକାରୀ ପରିବର୍ତ୍ତନର ଅଂଶବିଶେଷ ସାଜିଛି। କିନ୍ତୁ ବାସ୍ତବ ଦୁନିଆରେ ଏହାର ପ୍ରଭାବ ଶୂନ୍ୟ ହୋଇଥାଏ। ଏହି ଭର୍ଚୁଆଲ୍ ଆକ୍ରୋଶ ଯୁବକମାନଙ୍କର ପ୍ରକୃତ ଉର୍ଜା ଓ ଚିନ୍ତାଶକ୍ତିକୁ ଶେଷ କରିଦିଏ। ଯେଉଁ ସମୟରେ ସେମାନେ ନିଜର ଶିକ୍ଷା, କ୍ୟାରିୟର୍, ନୂତନ ଦକ୍ଷତା ବିକାଶ କିମ୍ବା ସମାଜର ବାସ୍ତବ ଉନ୍ନତି ପାଇଁ ଚେଷ୍ଟା କରିବା କଥା, ସେହି ସମୟକୁ ସେମାନେ ଏକ ଅଦୃଶ୍ୟ ଓ ନିରର୍ଥକ ଡିଜିଟାଲ୍ କ୍ରୋଧର ପଛରେ ନଷ୍ଟ କରିଦିଅନ୍ତି। ଏହି ମିମ୍ ରାଜନୀତି ଯୁବକମାନଙ୍କୁ ପ୍ରକୃତ ସମସ୍ୟାର ସମାଧାନ ଖୋଜିବା ପରିବର୍ତ୍ତେ ସମସ୍ୟାକୁ ନେଇ କେବଳ ଉପହାସ କରିବା ଶିଖାଇଥାଏ।

ଭାରତ ଭଳି ଏକ ବିଶାଳ ଓ ପ୍ରଗତିଶୀଳ ରାଷ୍ଟ୍ରରେ ଯୁବପିଢ଼ି ହେଉଛନ୍ତି ଦେଶର ସବୁଠାରୁ ବଡ଼ ଶକ୍ତି ଓ ଭବିଷ୍ୟତ। ସେମାନଙ୍କର ସ୍ୱପ୍ନ, ଆକାଂକ୍ଷା ଏବଂ ସୃଜନଶୀଳତା ଉପରେ ଦେଶର ପ୍ରଗତି ନିର୍ଭର କରେ। ତେଣୁ ଭାରତୀୟ ଯୁବପିଢ଼ି ଏହିଭଳି ସ୍ତରହୀନ 'ମିମ୍ ସିନିସିଜମ୍' ଠାରୁ ଯଥେଷ୍ଟ ଉନ୍ନତ ବିକଳ୍ପ ପାଇବାର ଅଧିକାରୀ। ସେମାନଙ୍କର ବ୍ୟବସ୍ଥା ପ୍ରତି ଥିବା ପ୍ରଶ୍ନ କିମ୍ବା ଅସନ୍ତୋଷ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ହୋଇପାରେ, କିନ୍ତୁ ସେହି ଅସନ୍ତୋଷର ପ୍ରକାଶ ଏଭଳି ଏକ ମିଥ୍ୟା ଓ ପ୍ରୋପାଗାଣ୍ଡାଭିତ୍ତିକ ରାଜନୀତି ମାଧ୍ୟମରେ ହେବା ଅନୁଚିତ। ଯୁବକମାନଙ୍କୁ ବୁଝିବାକୁ ହେବ ଯେ ଗଣତନ୍ତ୍ରରେ ସମାଲୋଚନା କରିବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ସେହି ସମାଲୋଚନା ସକାରାତ୍ମକ, ଗଠନମୂଳକ ଏବଂ ତଥ୍ୟଭିତ୍ତିକ ହେବା ଆବଶ୍ୟକ। କୌଣସି ରାଜନୈତିକ ଦଳର ଆଇଟି ସେଲ୍ ଦ୍ୱାରା ନିର୍ମିତ ଫାନ୍ଦରେ ପଡ଼ି ନିଜର ବୁଦ୍ଧିମତ୍ତାକୁ ହରାଇବା ଏକ ବଳିଷ୍ଠ ଯୁବସମାଜର ଲକ୍ଷଣ ନୁହେଁ।

ଶେଷରେ, ଏହି ଡିଜିଟାଲ୍ ମାୟାଜାଲରୁ ବାହାରି ଯୁବପିଢ଼ିଙ୍କୁ ନିଜର ଚିନ୍ତାଧାରାକୁ ସ୍ୱାଧୀନ ଓ ପ୍ରଭାବଶାଳୀ କରିବାକୁ ପଡ଼ିବ। ଇଣ୍ଟରନେଟରେ ଦେଖାଯାଉଥିବା ସମସ୍ତ ଆକର୍ଷଣୀୟ ଟ୍ରେଣ୍ଡ୍ ପଛରେ କଣ ପ୍ରକୃତ ସତ୍ୟ ରହିଛି, ତାହା ପରଖିବାର ଦକ୍ଷତା ବା ସମାଲୋଚନାତ୍ମକ ଚିନ୍ତାଶକ୍ତି ବୃଦ୍ଧି କରିବା ଆବଶ୍ୟକ। ଆଖି ବନ୍ଦ କରି ସବୁକିଛିକୁ ଟ୍ରୋଲ୍ କରିବା ପରିବର୍ତ୍ତେ, ଆଖି ଖୋଲି ସମାଜ ଗଠନରେ, ନୀତି ନିର୍ଦ୍ଧାରଣରେ ଏବଂ ସକାରାତ୍ମକ ଆଲୋଚନାରେ ନିଜକୁ ସାମିଲ କରିବାର ସମୟ ଆସିଛି। ବାସ୍ତବ ଦୁନିଆର ସମସ୍ୟାଗୁଡ଼ିକର ସମାଧାନ କେବଳ ଫୋନ୍ ସ୍କ୍ରିନ୍ରେ ଆଙ୍ଗୁଠି ଚଳାଇ ହେବ ନାହିଁ, ଏଥିପାଇଁ କାର୍ଯ୍ୟ କରିବାକୁ ହେବ। ଭାରତର ଯୁବ ସମାଜ ଯେତେବେଳେ ଏହି ପ୍ରୋପାଗାଣ୍ଡାର ପରଦାକୁ ଚିରି ବାସ୍ତବତାକୁ ଚିହ୍ନିବେ, ସେତେବେଳେ ହିଁ ଦେଶର ଗଣତନ୍ତ୍ର ଏବଂ ଯୁବପିଢ଼ିଙ୍କ ଭବିଷ୍ୟତ ଅଧିକ ସୁରକ୍ଷିତ ଓ ସମୃଦ୍ଧ ହୋଇପାରିବ।


**ହରିପୁର, ଖଡ଼ିଅଙ୍ଗ, ଯାଜପୁର**
**ମୋବାଇଲ୍:୭୭୮୮୮୦୩୨୮୮**

# ହର୍ମୁଜ ମୁକ୍ତ ଓ ସାମୁଦ୍ରିକ ପ୍ରତିବନ୍ଧକ ଦୂର ନେଇ ବିଚାରବିମର୍ଶ

**ନୂଆଦିଲ୍ଲୀ,୨୬।୫:** ମଙ୍ଗଳବାର ରାଜଧାନୀ ନୂଆଦିଲ୍ଲୀଠାରେ କ୍ୱାଡ୍ ସଦସ୍ୟ ଗୋଷ୍ଠୀର ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହର୍ମୁଜ୍ ପ୍ରଣାଳୀକୁ ମୁକ୍ତ ରଖିବା ଏବଂ ସାମୁଦ୍ରିକ ଯୋଗାଯୋଗ ମାର୍ଗରେ ସୃଷ୍ଟି ହେଉଥିବା ବିଭିନ୍ନ

## କ୍ୱାଡ୍ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ

ପ୍ରତିବନ୍ଧକକୁ ଦୂର କରିବା ନେଇ ବ୍ୟାପକ ଆଲୋଚନା ହୋଇଛି। ବୈଠକ ପରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବୈଠକର ମୁଖ୍ୟ ବିଷୟବସ୍ତୁ ବିଶ୍ୱର ସାମ୍ପ୍ରତିକ ପରିସ୍ଥିତି ଏବଂ ଆହ୍ୱାନଗୁଡ଼ିକ ଉପରେ କେନ୍ଦ୍ରୀଭୂତ ଥିଲା। ଆମେ ହେଉଛୁ ଇଣ୍ଡୋ-ପ୍ୟାସିଫିକ୍ କ୍ଷେତ୍ରର ଭିନ୍ନ ଭିନ୍ନ ପ୍ରାନ୍ତରେ ଅବସ୍ଥିତ ଚାରୋଟି ସାମୁଦ୍ରିକ ଗଣତାନ୍ତ୍ରିକ ଦେଶ। ସାମୁଦ୍ରିକ କ୍ଷେତ୍ରରେ ଚାରି ଦେଶ ମଧ୍ୟରେ ସହଯୋଗ ନିରନ୍ତର ବୃଦ୍ଧି ପାଉଛି। ଏଥିରେ ସାମୁଦ୍ରିକ ନଜର ଓ ଡୋମେନ୍ ସଚେତନତା, ଲଜିଷ୍ଟିକ୍ସ ନେଟୱର୍କ, ଅଣ୍ଡର-ସି କେବୁଲ, ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ଭଳି କ୍ଷେତ୍ର ସାମିଲ ରହିଛି। ଆଗାମୀ ଦିନରେ ଏହିସବୁ କ୍ଷେତ୍ରକୁ ଆହୁରି ଅଧିକ ସୁଦୃଢ଼ କରାଯିବ।

ବୈଦେଶିକ ମନ୍ତ୍ରୀଙ୍କ କହିବା ଅନୁଯାୟୀ, କ୍ୱାଡ୍‌ର ମୁଖ୍ୟ ଫୋକସ୍ ସର୍ବଦା ହିନ୍ଦ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଉପରେ ରହିବ, ଯାହାକି ଏହି ସଂଗଠନର ମୁଖ୍ୟ ପରିସୀମା। ବର୍ତ୍ତମାନର ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଆମକୁ ସପ୍ଲାଇ ଚେନ୍ (ଯୋଗାଣ ଶୃଙ୍ଖଳା) ର ସୁଦୃଢ଼ୀକରଣ, ପରିବହନ ମାର୍ଗରେ ବାଧା, ଉତ୍ପାଦନ ଓ ସମ୍ବଳର ଅତ୍ୟଧିକ କେନ୍ଦ୍ରୀକରଣ ଏବଂ ଜରୁରୀ ଭିତ୍ତିଭୂମିର ଅଭାବ ଭଳି ସମସ୍ୟାର ମୁକାବିଲା କରିବାକୁ ହେବ। ଏହି ସମସ୍ତ ସମସ୍ୟା କ୍ୱାଡ୍ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗର ଆବଶ୍ୟକତାକୁ ଆହୁରି ମଜବୁତ କରୁଛି।

ଏହି ବୈଠକରେ ଯୋଗଦେଇ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ୍ କ୍ୱାଡ୍ ସଂଗଠନକୁ ଆହୁରି ଶକ୍ତିଶାଳୀ ଓ ପ୍ରଭାବଶାଳୀ କରିବାକୁ ଆହ୍ୱାନ ଦେଇଛନ୍ତି। ଆମେରିକାର ବୈଦେଶିକ ମନ୍ତ୍ରୀ ରୁବିଓ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ସାମ୍ପ୍ରତିକ ସମୟରେ ବିଶ୍ୱରେ ଘଟୁଥିବା ବିଭିନ୍ନ ଘଟଣାବଳୀ କ୍ୱାଡ୍‌ର ପ୍ରାସଙ୍ଗିକତାକୁ ଆହୁରି ବଢ଼ାଇ ଦେଇଛି। ଶକ୍ତି ସୁରକ୍ଷା, ନୌଚାଳନର ସ୍ୱାଧୀନତା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦର ସୁରକ୍ଷା ଭଳି ବିଶ୍ୱର ସବୁଠାରୁ ଜଟିଳ ସମସ୍ୟାର ସମାଧାନ କ୍ୱାଡ୍ ମିଳିତ ଭାବେ କରିପାରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହି ବୈଠକରୁ ସ୍ପଷ୍ଟ ଜଣାପଡୁଛି ଯେ, ବିଶ୍ୱର ପ୍ରମୁଖ ସାମୁଦ୍ରିକ ମାର୍ଗଗୁଡ଼ିକୁ ସୁରକ୍ଷିତ ରଖିବା ଏବଂ ଚୀନର ଏକଛତ୍ରବାଦୀ ମନୋଭାବକୁ ରୋକିବା ପାଇଁ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନ ନିଜର ରଣନୀତିକ ସହଯୋଗକୁ ଏକ ନୂତନ ସ୍ତରକୁ ନେବାକୁ ସଂକଳ୍ପବଦ୍ଧ ହୋଇଛନ୍ତି।



## ୧୧୪ ରାଫେଲ୍ କିଣିବ ଭାରତ



**ନୂଆଦିଲ୍ଲୀ, ୨୬।୫:** ଭାରତୀୟ ବାୟୁସେନାର ଯୁଦ୍ଧବିମାନ କ୍ଷମତା ବୃଦ୍ଧି କରିବା ପାଇଁ ଫ୍ରାନ୍ସରୁ ୧୧୪ଟି ରାଫେଲ୍ ଫାଇଟର୍ ଜେଟ୍ କିଣିବ। ଭାରତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏଥିନେଇ 'ଲେଟର୍ ଅଫ୍ ରିକୁଏଷ୍ଟ' ଚୂଡ଼ାନ୍ତ ହୋଇଛି। ଏହି ମେଗା ଚୁକ୍ତିର ଆନୁମାନିକ ମୂଲ୍ୟ ପ୍ରାୟ ୩.୨୫ ଲକ୍ଷ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ବାକି ୨୪ଟି ବିମାନ ସିଧାସଳଖ ଫ୍ରାନ୍ସରୁ ଭାରତ ଆସିବ। ଏହି ଜେଟ୍‌ଗୁଡ଼ିକରେ ପ୍ରାୟ ୫୦ ପ୍ରତିଶତ ଘରୋଇ ସାମଗ୍ରୀ ବ୍ୟବହାର କରାଯିବ। ଜୁନ୍ ୧୫ ରୁ ୧୭ ମଧ୍ୟରେ ଜି-୭ ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫ୍ରାନ୍ସ ଗସ୍ତ ଅବସରରେ ଏହି ଚୁକ୍ତିକୁ ଚୂଡ଼ାନ୍ତରୂପ ଦିଆଯିବ ବୋଲି ଆଶା କରାଯାଉଛି।

## ସ୍କୁଟରରେ ଧକ୍କା ଖାଇ ହାତୀର ଦାନ୍ତ ଭାଙ୍ଗିଲା



**ନୂଆଦିଲ୍ଲୀ, ୨୬।୫:** ଉତ୍ତରଖଣ୍ଡ ଖାତିମା ଅଞ୍ଚଳରେ ଜଣେ ଶିକ୍ଷୟିତ୍ରୀଙ୍କ ସ୍କୁଟର ସହ ଏକ ହାତୀର ଧକ୍କା ହୋଇ ହାତୀର ଗୋଟିଏ ଦାନ୍ତ ଭାଙ୍ଗି ତିନି ଖଣ୍ଡ ହୋଇଯାଇଛି। ଘଟଣାଟି ସଂଗୀନ ହୋଇଥିଲେ ବି ସ୍କୁଟର ମାଡ଼ରେ ହାତୀର ଦାନ୍ତ ଭାଙ୍ଗିଯିବା ଘଟଣା ସାଧାରଣରେ କୌତୂହଳ ସୃଷ୍ଟି କରିଛି। ସ୍କୁଟରଟି ନଷ୍ଟ ହୋଇଯାଇଥିବା ବେଳେ ଶିକ୍ଷୟିତ୍ରୀଜଣକ ସାମାନ୍ୟ ଆହତ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ମଙ୍ଗଳବାର ମଧ୍ୟାହ୍ନରେ ଶିକ୍ଷୟିତ୍ରୀ ନିକିତା କାପ୍ରି ଏହି ରାସ୍ତା ଦେଇ ସ୍କୁଟରରେ ଖାତିମା ଅଭିମୁଖେ ଯାଉଥିବା ବେଳେ ଗୋଟିଏ ହାତୀ ଜଙ୍ଗଲରୁ ବାହାରି ତାଙ୍କ ଆଗକୁ ଚାଲି ଆସିବା ସହିତ ଶିକ୍ଷୟିତ୍ରୀଙ୍କ ସ୍କୁଟର ହୋଇଥିଲା। ଶିକ୍ଷୟିତ୍ରୀ ତଳେ ପଡ଼ିଯାଇଥିଲେ। ତାଙ୍କ ସ୍କୁଟରଟି ଭାଙ୍ଗି ଯାଇଥିଲା। ହାତୀର ଗୋଟିଏ ଦାନ୍ତ ଭାଙ୍ଗି ତିନିଖଣ୍ଡ ହୋଇଯାଇଥିଲା। କୌତୂହଳର କଥା ହାତୀଟି ଏଥିରେ ଉତ୍ତ୍ୟକ୍ତ ହେବା ବଦଳରେ ଡରି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଏହି ଦୁର୍ଘଟଣାରେ ହାତୀଟି କିଛି ସମୟ ଆଶ୍ଚର୍ଯ୍ୟ ହୋଇ ରହିଯାଇଥିଲା ଓ ପରେପରେ ତୁରନ୍ତ ଜଙ୍ଗଲକୁ ପଳାଇଯାଇଥିଲା। ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ଦାନ୍ତ ଉଦ୍ଧାର କରିଛନ୍ତି।

## ବଙ୍ଗବାସୀଙ୍କୁ ମିଳିବ ୫ ଟଙ୍କାରେ ମାଛ-ଭାତ



**କୋଲକାତା, ୨୬।୫:** ପଶ୍ଚିମବଙ୍ଗର ଶୁଭେନ୍ଦୁ ସରକାର ଏବେ ୫ ଟଙ୍କାରେ ଲୋକମାନଙ୍କୁ ମାଛଭାତ ଦେବେ ବୋଲି ଘୋଷଣା କରିଛନ୍ତି। ରାଜ୍ୟର ଥିବା ୪୦୦ଟି ସ୍ୱତନ୍ତ୍ର କ୍ୟାଣ୍ଟିନରେ ୫ ଟଙ୍କାରେ ମାଛ-ଭାତ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି। କଲ୍ୟାଣୀରେ ଆୟୋଜିତ ଏକ ପ୍ରଶାସନିକ ବୈଠକରେ ଲୋକଙ୍କୁ ସମ୍ବୋଧନ କରି ଅଧିକାରୀ କହିଛନ୍ତି ଯେ ସବସିଡିଯୁକ୍ତ ଖାଦ୍ୟ ସମଗ୍ର ପଶ୍ଚିମବଙ୍ଗରେ ସ୍ଥାପିତ ସ୍ୱତନ୍ତ୍ର ଭାବରେ ନିର୍ଦ୍ଦିଷ୍ଟ କ୍ୟାଣ୍ଟିନ ମାଧ୍ୟମରେ ଯୋଗାଇ ଦିଆଯିବ। ନିର୍ବାଚନ ସମୟରେ ଟିଏମ୍‌ସି ନେତାମାନେ ପ୍ରଚାର କରିଥିଲେ ଯେ ବିଜେପି ଆସିଲେ ମାଛ, ମାଂସ ଏବଂ ଅଣ୍ଡା ନିଷେଧ କରିବ। ବଙ୍ଗାଳୀମାନେ ତାଙ୍କର ପ୍ରିୟ ଖାଦ୍ୟ ଖାଇବାରୁ ବଞ୍ଚିତ ହେବେ। ଏହାର ଉତ୍ତରରେ ଶୁଭେନ୍ଦୁଙ୍କ ଏପରି ଘୋଷଣା କରିଥିବା କୁହାଯାଉଛି।

## କାଶ୍ମୀର ପ୍ରସଙ୍ଗ, ନିରବ ରହିଲେ ଜିନପିଙ୍ଗ



**ନୂଆଦିଲ୍ଲୀ, ୨୬।୫:** ବିବାଦୀୟ କାଶ୍ମୀର ପ୍ରସଙ୍ଗକୁ ନେଇ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ପ୍ରାୟତଃ ନିରବ ରହିବା ସହିତ ବେଶ୍ ସନ୍ତୁଳିତ ମତପୋଷଣ କରିଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ତାଙ୍କ ଚୀନ୍ ଗସ୍ତର ଶେଷ ପର୍ଯ୍ୟାୟରେ ଜାମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇଥିବା ବେଳେ ଜିନପିଙ୍ଗ ଖୁବ୍ ସତର୍କତାର ସହିତ ମତ ଦେଇ କହିଛନ୍ତି ଯେ, କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ ବିନା କାଶ୍ମୀର ବିବାଦ ଦ୍ୱିପାକ୍ଷିକ ଭାବରେ ସମାଧାନ କରାଯିବା ଉଚିତ। ସେ କହିଛନ୍ତି ଯେ, ଜାମ୍ମୁକାଶ୍ମୀର ବିବାଦ ହେଉଛି ଇତିହାସର ଏକ ଅଂଶ। ଏହାକୁ ଜାତିସଂଘ ଚାର୍ଟର, ପ୍ରାସଙ୍ଗିକ ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବ ଏବଂ ଦ୍ୱିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ସମାଧାନ କରାଯିବା ଉଚିତ।

## 'ଅଲ୍-ଆକ୍ସା' ନେଇ ଷଡ଼ଯନ୍ତ୍ର

**ଜେରୁଜେଲମ, ୨୬।୫:** ଜେରୁଜେଲମ୍‌ର ସବୁଠାରୁ ସମ୍ବେଦନଶୀଳ ଧାର୍ମିକ ସ୍ଥଳ 'ଅଲ୍-ଆକ୍ସା ମସଜିଦ୍'ରୁ ଜୋର୍ଡାନ ନେତୃତ୍ୱ ହ୍ରାସ କରିବା ସହ ଏହାର ଧାର୍ମିକ ବାତାବରଣ ପରିବର୍ତ୍ତନ କରିବା ପାଇଁ ଆମେରିକ ଓ ଇସ୍ରାଏଲ ମିଳିତ ଭାବରେ କାର୍ଯ୍ୟ କରୁଥିବା ନେଇ ଏକ ରିପୋର୍ଟ ବ୍ରିଟିଶ ମିଡ଼ିଆରେ ପ୍ରକାଶ ପାଇଛି। ଏହାଦ୍ୱାରା ଏହି ପବିତ୍ର ସ୍ଥଳର ନିରପେକ୍ଷତା ନେଇ ପ୍ରଶ୍ନ ଉଠିବ ବୋଲି କୁହାଯାଇଛି।

## ବକ୍ରି ଇଦ୍‌କୁ ନେଇ ବିଜେପି ନେତା ମୁହାଁମୁହିଁ



**ମୁମ୍ବାଇ, ୨୬।୫:** ବିଜେପି ବିଧାୟକ ନୀତେଶ ରାଣେ ମୁସଲମାନ ସମୁଦାୟକୁ ପଶୁ ବଳି ନଦେଇ 'ଭର୍ଚୁଆଲ୍ ବକ୍ରି- ଇଦ୍' ପାଳନ କରିବାକୁ ପରାମର୍ଶ ଦେବା ପରେ ମହାରାଷ୍ଟ୍ର ରାଜନୀତି ଉଷ୍ମ ହୋଇଛି। ବିଜେପି ଦଳର ଦୁଇ ପ୍ରମୁଖ ନେତା ପରସ୍ପର ବିରୋଧରେ ମୁହଁ ଖୋଲିଛନ୍ତି। ମୁମ୍ବାଇରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ସମୟରେ ରାଣେ ପରାମର୍ଶ ଦେଇଥିଲେ, ସମସ୍ତ ସମ୍ପ୍ରଦାୟର ପର୍ବଗୁଡ଼ିକୁ ପରିବେଶଗତ ଦୃଷ୍ଟିରୁ ପରିବର୍ତ୍ତନ କରାଯିବା ଉଚିତ। ହିନ୍ଦୁ ସମାଜକୁ ନିୟମିତ ଭାବରେ ଶୃଙ୍ଖଳା ହୋଲି ପାଳନ କରିବାକୁ ଓ ଦୀପାବଳି ସମୟରେ ବାଣ ନ ଫୁଟାଇବାକୁ ପରାମର୍ଶ ଦିଆଯାଉଛି। ଇଦ୍ ପାଇଁ କାହିଁକି ସମାନ ପରାମର୍ଶ ଦିଆଯାଏ ନାହିଁ। ମୁସଲିମ ସମୁଦାୟ ଭର୍ଚୁଆଲ୍ ବକ୍ରିଇଦ୍ ପାଳନ କରାଯିବା ଉଚିତ। ମଟନ୍ ବଦଳରେ ସେମାନେ କାଗଜ ଖାଇବାକୁ ଚେଷ୍ଟା କରିବା ଉଚିତ। ମହାରାଷ୍ଟ୍ର ସଂଖ୍ୟାଲଘୁ ମୋର୍ଚ୍ଚାର ପୂର୍ବତନ ସଭାପତି ହାଜି ଆରାଫାତ ଶେଖ୍ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନୀତେଶଙ୍କୁ କଟାକ୍ଷ କରି ହାଜି ଆରାଫାତ ଶେଖ୍ କହିଛନ୍ତି, ତୁମେ ରବିବାର ମଟନ୍ ପରିବର୍ତ୍ତେ କାଗଜ ଖାଇବା ଆରମ୍ଭ କର। ଏହାର ସ୍ୱାଦ କିପରି ତୁମେ ଅନୁଭବ କରିପାରିବ।

## ଜନସଂଖ୍ୟା ଅନୁଧ୍ୟାନ ପାଇଁ କେନ୍ଦ୍ର କମିଟି



**ନୂଆଦିଲ୍ଲୀ, ୨୬।୫:** ଦେଶରେ ବେଆଇନ ଅନୁପ୍ରବେଶ ଏବଂ ଅନ୍ୟାନ୍ୟ କାରଣରୁ ହେଉଥିବା ଅସ୍ୱାଭାବିକ ଜନସଂଖ୍ୟା ପରିବର୍ତ୍ତନର ସମୀକ୍ଷା କରିବା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ମଙ୍ଗଳବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ସୂଚନା ଦେଇଛନ୍ତି। ଏହି ସମସ୍ୟା ଦେଶର ସାର୍ବଭୌମତ୍ୱ, ଜାତୀୟ ସୁରକ୍ଷା, ଆଇନ ଶୃଙ୍ଖଳା, ସାମାଜିକ ଗଠନ ଏବଂ ଜନଜାତି ସମୁଦାୟର ସୁରକ୍ଷା ପ୍ରତି ଏକ ବଡ଼ ଆହ୍ୱାନ ବୋଲି ସେ କହିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଗୃହମନ୍ତ୍ରୀ ଲେଖିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୫ ଅଗଷ୍ଟ ୧ରେ କରିଥିବା ଘୋଷଣା ଆଧାରରେ ଏହି କମିଟି ଗଠନ କରାଯାଇଛି।

ଅବସରପ୍ରାପ୍ତ ବିଚାରପତି ପ୍ରକାଶ ପ୍ରଭାକର ନାଓଲେକର ଏହି କମିଟିର ଅଧ୍ୟକ୍ଷତା କରିବେ। ଏହି ପ୍ୟାନେଲରେ ପୂର୍ବତନ ଆଇଏଏସ ଅଧିକାରୀ ଦୁର୍ଗା ଶଙ୍କର ମିଶ୍ର, ପୂର୍ବତନ ଆଇପିଏସ ଅଧିକାରୀ ବାଲାଜୀ ଶ୍ରୀବାସ୍ତବ ଏବଂ ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ ଶାମିକା ରବି ସଦସ୍ୟ ଭାବେ ସାମିଲ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜନଗଣନା କମିଶନର ମଧ୍ୟ ଏହି କମିଟିର ଅଂଶବିଶେଷ ହେବେ ଏବଂ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏହାର ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିବେ।

ଏହି କମିଟି ଦେଶର ବିଭିନ୍ନ ପ୍ରାନ୍ତରେ ହେଉଥିବା ଜନସଂଖ୍ୟାଗତ ପରିବର୍ତ୍ତନର ଏକ ବ୍ୟାପକ ମୂଲ୍ୟାଙ୍କନ କରିବ।

# ରାଜ୍ୟ ଖବର

## ୩୦ରୁ ରାଜ୍ୟରେ ଏସ୍‌ଆଇଆର୍ | ସିଇଓଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର, ୨୬।୫(ସଂଚାର ବ୍ୟୁରୋ):** ରାଜ୍ୟରେ ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଆଜି ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରଏସ ଗୋପଳନଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ)ମାନେ ସାମିଲ ହୋଇଥିଲେ।

ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଓ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ଶ୍ରୀ ଗୋପାଳନ୍ ପରାମର୍ଶ ଦେଇଛନ୍ତି।

ଭୋଟର ତାଲିକାର ସଂଶୋଧନ ସମୟରେ ବିଏଲଓମାନେ ଘରକୁ ଘର ବୁଲି ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ସିଇଓ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ସୋସିଆଲ ମିଡିଆରେ ଏସଆଇଆରକୁ ନେଇ ପ୍ରଚାରିତ ହେଉଥିବା କୌଣସି ପ୍ରକାର ଅପପ୍ରଚାରର ମୁକାବିଲା କରିବାକୁ ବୈଠକରେ ଚେତାବନୀ ଦିଆଯାଇଛି।

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ଯେପରି ନ ବ୍ୟାପେ, ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ତୀକ୍ଷ୍ଣ ନଜର ରଖିବେ। କୌଣସି ଅପପ୍ରଚାର ନଜରକୁ ଆସିଲେ ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ତା'ର ସତ୍ୟାସତ୍ୟ ଉପସ୍ଥାପନ କରାଯାଇ ଖଣ୍ଡନ କରାଯିବ। ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମକୁ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ। ଏଥିସହ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବରର ବ୍ୟାପକ ପ୍ରଚାର କରାଯିବ। ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଓ ନିଜ ଅଞ୍ଚଳର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ କଲ୍ ବୁକ୍ କରିପାରିବେ। ଅନଲାଇନ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ସକ୍ରିୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଳନଙ୍କ ସମେତ ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ ଓ ସିଇଓଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରିନ୍ସ କ୍ଲବ୍‌ର ବାର୍ଷିକ ଉତ୍ସବ ଉଦ୍‌ଘାଟନ କଲେ ଟେଟ୍ରାହେଡନ କଲେଜ ପ୍ରତିଷ୍ଠାତା ତ୍ରିଦେବ ବେହେରା



**କଟକ, ୨୬।୫(ସଂଚାର ବ୍ୟୁରୋ):** କଟକ ଜିଲ୍ଲାର ପ୍ରମୁଖ ସେବା ସଂଗଠନ ପ୍ରିନ୍ସ କ୍ଲବର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମସ୍ତ ଯୁବକ ଓ ସଦସ୍ୟଙ୍କ ପ୍ରଚେଷ୍ଟାରେ ୨ ଦିନ ଧରି କଟକ ଜିଲ୍ଲା ସାଂସ୍କୃତିକ ଓ ପରମ୍ପରା ବହନ କରୁଥିବା କଖଡି ଗ୍ରାମ ପାଲା ମଣ୍ଡପଠାରେ ସଦସ୍ୟମାନଙ୍କ ଦ୍ୱାରା ସାମାଜିକ ନାଟକ ପରିବେଷଣ ହେଉଛି। ଉକ୍ତ ଉତ୍ସବରେ ସମ୍ବର୍ଦ୍ଧନା ସଭାରେ କ୍ଲବ୍‌ର ସ୍ଥାୟୀ ସଭାପତି ଶେଷଦେବ ମୁଦୁଲୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଟେଟ୍ରାହେଡନ କଲେଜ ପ୍ରତିଷ୍ଠାତା ତ୍ରିଦେବ ବେହେରା ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଗତ ମାଟ୍ରିକ ପରୀକ୍ଷାରେ କଖଡ଼ି ହାଇସ୍କୁଲର ଏ-୧ ର୍‍ୟାଙ୍କର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାର କିପରି ଉଗ୍ରଗତି ହୋଇପାରିବ ଓ ଅଭାବ ଗରିବ ଛାତ୍ରଛାତ୍ରୀଙ୍କୁ କିପରି ବିନା ମୂଲ୍ୟରେ ଶିକ୍ଷା ଦିଆଯାଇପାରିବ ଓ କ୍ଲବ କିପରି ଆହୁରି ଆଗକୁ ଯାଇପାରିବ, ସେ ଦିଗରେ ଶ୍ରୀ ବେହେରା ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଖଡ଼ି ପଞ୍ଚାୟତ ସରପଞ୍ଚ କଳ୍ପନା ଛତାର, ଗ୍ରାମ୍ୟ କମିଟି ସଭାପତି ଦିଲୀପ କୁମାର ଛତାର, ସାମ୍ବାଦିକ ହରିହର ବେହେରା, ବରିଷ୍ଠ ମୁରବୀ ମାୟାଧର ଦଳାଇ, ସୁରେନ୍ଦ୍ର ମହାନ୍ତି, ଆଶୁତୋଷ ପରିଡ଼ା ସନ୍ତୋଷ କୁମାର ବେଦାନ୍ତ, ନରେନ୍ଦ୍ର ସାହୁ, ମହାଦେବ ମୁଦୁଲୀ, ପବିତ୍ର କୁମାର ନାୟକ, ବ୍ରଜରାଜ ଖଟୁଆ, ନାରାୟଣ ସାହୁ, ତାପସ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ପକ୍ଷରୁ ଉତ୍କଳ ସାମ୍ବାଦିକ ସଂଘ କଟକ ଜିଲ୍ଲା ସଭାପତି ସତ୍ୟବ୍ରତ ଦାସ, କଟକ ଜିଲ୍ଲା ସଂଚାର ପ୍ରତିନିଧି ପ୍ରଦୀପ କୁମାର ନାୟକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ କ୍ଲବ ସମ୍ପାଦକ ଶିଳାଦିତ୍ୟ ପରିଡ଼ା ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

## ଅବଦୁର ରେହମାନ ନିର୍ଦ୍ଦୋଷ



- ଆତଙ୍କବାଦୀ ଲିଙ୍କ୍‌ରେ ଗିରଫ ହୋଇଥିଲେ
- ଖଲାସ କଲେ ଜିଲ୍ଲା ଦୌରାଜଜ୍

**କଟକ, ୨୬।୫(ସଂଚାର ବ୍ୟୁରୋ):** ଅବଦୁର ରେହମାନ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ଜିଲ୍ଲା ଦୌରାଜଜ୍। ପୂର୍ବରୁ ଜାମସେଦପୁର କୋର୍ଟ ମଧ୍ୟ ନିର୍ଦ୍ଦୋଷ ଘୋଷଣା କରିଥିଲେ। ଦିଲ୍ଲୀ କୋର୍ଟ ୭ ବର୍ଷର ସଜା ଶୁଣାଇଥିଲେ, ଯାହା ଶେଷ ହୋଇସାରିଛି। ୨୦୧୬ରେ ସାଲେପୁର ପଶ୍ଚିମକଚ୍ଛରୁ ଗିରଫ ହୋଇଥିଲେ। ଅଲ୍ କାଏଦା ଇଣ୍ଡିଆନ୍ ସବ୍-କଣ୍ଟିନେଣ୍ଟ (ଏକ୍ୟୁଆଇଏସ) ଲିଙ୍କ୍ ଅବଦୁର ରେହମାନଙ୍କୁ ଗିରଫ କରାଯାଇଥିଲା। ଆତଙ୍କବାଦୀ ସଂଗଠନ ଅଲ-କାଏଦାର ଅନ୍ୟତମ ସଂଗଠନ ହେଉଛି ଏକ୍ୟୁଆଇଏସ। ଗିରଫ ପରେ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ଆବଶ୍ୟକ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ କୋର୍ଟ ତାଙ୍କୁ ଖଲାସ କରିଛନ୍ତି। ୨୦୧୬ ଡିସେମ୍ବର ୧୫ ତାରିଖରେ କଟକ ଜଗତପୁରର ପଶ୍ଚିମକଚ୍ଛରୁ ଗିରଫ ହୋଇଥିଲ ଅବଦୁର ରେହମାନ। ପରେ ଦିଲ୍ଲୀ କ୍ରାଇମବ୍ରାଞ୍ଚକୁ ତାକୁ ରିମାଣ୍ଡରେ ନେଇଥିଲା। ଏଡିଜେ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା। ଦିଲ୍ଲୀରେ ଯେଉଁ ମାମଲା ରହିଥିଲା, ସେହି ଘଟଣାରେ ଶୁଣାଣି ଶେଷ ହୋଇଥିଲା। ସେଥିରେ ତାଙ୍କୁ ଦଣ୍ଡବିଧାନ ଦିଆଯାଇଥିଲା। ୭ ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ। ପରେ ଜାମସେଦପୁରରେ ସ୍ଥାନୀୟ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିଲା। ସେହି ମାମଲା ବିଚାର କରିବାରୁ ଆଜି ସେ ଖଲାସ ହୋଇଛନ୍ତି। ଅବଦୁର ରେହମାନର ଯେଉଁ ତୃତୀୟ ମାମଲା ରହିଥିଲା, ଯାହା ଫଳରେ ସେ ବର୍ତ୍ତମାନ ସୁଦ୍ଧା ଜେଲରେ ରହିଥିଲେ, ପ୍ରମାଣ ଅଭାବରୁ ଆଜି ତାକୁ ଖଲାସ କରାଯାଇଛି।। ଏକ୍ୟୁଆଇଏସ ସଂଗଠନରେ ସହଯୋଗ ଥାଇ ସ୍ଥାନୀୟ ପିଲାଙ୍କୁ ପ୍ରବର୍ତ୍ତାଉଥିଲେ, ଧର୍ମାନ୍ତରୀକରଣ କରାଉଥିବା ଆଦି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା।

## ପୁଲିସର ଆଇପିଏଲ୍ ବେଟିଂ ବିରୋଧୀ ଅଭିଯାନ

# ୧୮ ଗିରଫ, ୩୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ



**ପ୍ରାୟ ୪୦ ଲକ୍ଷ ଫ୍ରିଜ୍**

**ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ):** ଚଳିତ ଆଇପିଏଲ-୨୦୨୬ ମହାସମର ମଧ୍ୟରେ ରାଜ୍ୟରେ ବେଆଇନ ଆଇପିଏଲ୍ ବେଟିଂ କାରବାର ବିରୋଧରେ ଓଡ଼ିଶା ପୁଲିସ ପକ୍ଷରୁ ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରି ପୁଲିସ ବେଟିଂ ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ବିପୁଳ ପରିମାଣର ନଗଦ ଟଙ୍କା, ମୋବାଇଲ୍ ଓ ଗାଡ଼ି ଜବତ କରିଛି। ସୂଚନାନୁଯାୟୀ, ସାରା ରାଜ୍ୟରେ ଆଇପିଏଲ ବେଟିଂ ସଂକ୍ରାନ୍ତରେ ମୋଟ ୪ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୮ ଜଣଙ୍କୁ ଗିରଫ କରାଯାଇଛି। ଅଭିଯାନରେ ପୁଲିସ ବିପୁଳ ପରିମାଣର ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସାରା ରାଜ୍ୟରୁ ମୋଟ ୩୬ ଲକ୍ଷ ୮୫ ହଜାର ୨୦୦ ଟଙ୍କାର ନଗଦ ରାଶି ଜବତ କରାଯାଇଥିବା ବେଳେ ବେଟିଂ କାରବାରରେ ବ୍ୟବହୃତ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ୩୯ ଲକ୍ଷ ୪୨ ହଜାର ୬୧୧ ଟଙ୍କା ଫ୍ରିଜ୍ କରାଯାଇଛି। ସେହିପରି ଗିରଫ ହୋଇଥିବା ଅଭିଯୁକ୍ତଙ୍କଠାରୁ ଅପରାଧରେ ବ୍ୟବହୃତ ୨ଟି କାର୍ ଓ ୧୩ଟି ମୋବାଇଲ୍ ଜବତ କରାଯାଇଛି।

ପୁରୀ ପୁଲିସ୍ ସର୍ବାଧିକ ସଫଳତା ପାଇ ଗୋଟିଏ ମାମଲା ରୁଜୁ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଏଥିସହ ସର୍ବାଧିକ ୨୫ ଲକ୍ଷ ୩୫ ହଜାର ଟଙ୍କାର ନଗଦ ରାଶି ଜବତ ହୋଇଛି ଓ ୩୧ ଲକ୍ଷ ୮୧ ହଜାର ୨୪୪ ଟଙ୍କା ଫ୍ରିଜ୍ କରାଯିବା ସହ ୬ଟି ମୋବାଇଲ୍ ଜବତ କରାଯାଇଛି। ସେହିପରି ସୁନ୍ଦରଗଡ଼ ପୁଲିସ ବେଟିଂ ମାମଲାରେ ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୬ ଲକ୍ଷ ଟଙ୍କାର ନଗଦ ଅର୍ଥ, ୧୭ ଲକ୍ଷ ୬୧ ହଜାର ୩୬୭ ଟଙ୍କା ଫ୍ରିଜ୍ କରାଯାଇଛି।

ଏହାଛଡ଼ା ଝାରସୁଗୁଡ଼ା ଜିଲ୍ଲାରୁ ମଧ୍ୟ ପୁଲିସ ୮ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୫ ଲକ୍ଷ ଟଙ୍କା ନଗଦ ଓ ବେଟିଂରେ ବ୍ୟବହୃତ ୨ଟି କାର୍ ଜବତ କରିଛି। ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ପୁଲିସ ଜଣଙ୍କୁ ଗିରଫ କରିବା ସହ ତା' ନିକଟରୁ ୫୦,୨୦୦ ଟଙ୍କା ନଗଦ ଓ ୨ଟି ମୋବାଇଲ୍ ଫୋନ୍ ଜବତ ହୋଇଛି।

## ତୈଳ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ବିକ୍ଷୋଭ




**କଟକ, ୨୬।୫(ସଂଚାର ବ୍ୟୁରୋ):** ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଆଜି ସ୍ଥାନୀୟ କଲେଜ ଛକ ନିକଟରେ ଶାସକ ବିଜେପି ସରକାର ବିରୋଧରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ବିଜେଡି ଯୁବ, ଛାତ୍ର ଓ ମହିଳା ଶାଖା ପକ୍ଷରୁ ଆୟୋଜିତ ଏହି ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇ ବିଜେପି ସରକାର ବିରୋଧରେ ନାନାଦି ସ୍ଲୋଗାନ ଦିଆଯାଇଥିଲା। ବକ୍ତାମାନେ କହିଥିଲେ ଯେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ପେଟ୍ରୋଲ, ଡିଜେଲ ସହ ନିତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଅସହ୍ୟ ଭାବେ ବୃଦ୍ଧି ପାଇଥିବାବେଳେ ସାଧାରଣ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସରକାର ଲୋକଙ୍କ ସମସ୍ୟା ସମାଧାନରେ ବିଫଳ ହୋଇଥିବାରୁ ସାରା ରାଜ୍ୟରେ ଅସନ୍ତୋଷ ବଢ଼ୁଛି ବୋଲି ସେମାନେ ମତ ଦେଇଥିଲେ। ଏହି ପ୍ରତିବାଦ ସଭାରେ ମେୟର ସୁବାସ ସିଂହଙ୍କ ସହ ଯୁବ ସଭାପତି ସ୍ମୃତିରଞ୍ଜନ ନାୟକ, ଛାତ୍ର ସଭାପତି ସୁମନ ବେହେରା, ମହିଳା ସଭାନେତ୍ରୀ ଅନିତା ବେହେରା, ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଶିଶିର ପରିଜା, ପ୍ରଦୀପ୍ତ ଖୁଣ୍ଟିଆ, ଚିରଞ୍ଜୀବ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'ଜନସାଂଖିକୀୟ ପରିବର୍ତ୍ତନ ଉପରେ ଉଚ୍ଚସ୍ତରୀୟ କମିଟି' ଗଠିତ

ନୂଆଦିଲ୍ଲୀ,୨୬।୫(ସଂଚାର ବ୍ୟୁରୋ)ଃ ବେଆଇନ ଦେଶାନ୍ତର ଓ ଅନ୍ୟାନ୍ୟ ଅସ୍ୱାଭାବିକ କାରଣରୁ ଉପୁଜିଥିବା ଜନସାଂଖିକୀୟ ପରିବର୍ତ୍ତନର ଅଧ୍ୟୟନ କରିବା ଓ ଏହି ଜନସାଂଖିକୀୟ ପରିବର୍ତ୍ତନର ମୁକାବିଲା ପାଇଁ ପଦକ୍ଷେପ ବିଷୟରେ ପରାମର୍ଶ ଦେବା ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ଅଗଷ୍ଟ ୧୫ରେ 'ଉଚ୍ଚକ୍ଷମତାସମ୍ପନ୍ନ ଜନସାଂଖିକୀୟ ମିଶନ' ଘୋଷଣା କରିଥିଲେ। କେନ୍ଦ୍ର କ୍ୟାବିନେଟ୍ ଗତ ବର୍ଷ ସେପ୍ଟେମ୍ବର ୧୧ ତାରିଖରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଛି।

ପ୍ରକାଶ ପ୍ରଭାକର ନଭଲେକର (ଅବସରପ୍ରାପ୍ତ) କମିଟିର ଅଧ୍ୟକ୍ଷ ହେବେ। ଜନଗଣନା କମିଶନରଙ୍କ ବ୍ୟତୀତ ତିନି ଜଣ ବିଶିଷ୍ଟ ବିଶେଷଜ୍ଞ ଦୁର୍ଗା ଶଙ୍କର ମିଶ୍ର (ଅବସରପ୍ରାପ୍ତ ଆଇଏଏସ୍), ବାଲାଜୀ ଶ୍ରୀବାସ୍ତବ (ଅବସରପ୍ରାପ୍ତ ଆଇପିଏସ୍) ଓ ଡ. ଶାମିକା ରବି କମିଟିର ସଦସ୍ୟ ରହିବେ। ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ କମିଟିର ସଦସ୍ୟ ସଚିବ ହେବେ। ଏହି କମିଟି ବର୍ଷେ ମଧ୍ୟରେ ନିଜର ରିପୋର୍ଟ ଦାଖଲ କରିବ। ଆବଶ୍ୟକ ପଡ଼ିଲେ ଗୃହ ମନ୍ତ୍ରଣାଳୟ କମିଟିର କାର୍ଯ୍ୟକାଳକୁ ୬ ମାସ ପର୍ଯ୍ୟନ୍ତ ବଢ଼ାଇପାରେ।

କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ 'ଏକ୍ସ' ପ୍ଲାଟଫର୍ମରେ ଏକ ପୋଷ୍ଟରେ କହିଛନ୍ତି ଯେ ବେଆଇନ ଅନୁପ୍ରବେଶ ଓ ଅନ୍ୟାନ୍ୟ କାରଣରୁ ଅସ୍ୱାଭାବିକ ଜନସାଂଖିକୀୟ ପରିବର୍ତ୍ତନ ଯେକୌଣସି ରାଷ୍ଟ୍ରର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଏକ ବହୁତ ବଡ଼ ଆହ୍ୱାନ। ଏହି ଆହ୍ୱାନର ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି '୧୫ ଅଗଷ୍ଟ, ୨୦୨୫' ଉପରେ 'ଜନସାଂଖିକୀୟ ପରିବର୍ତ୍ତନ ଉପରେ ଉଚ୍ଚସ୍ତରୀୟ କମିଟି' ଘୋଷଣା କରିଥିଲେ। ମୁଁ ଖୁସି ଯେ ସରକାର ଏହି କମିଟି ଗଠନ କରିଛନ୍ତି। ଜଷ୍ଟିସ୍ ପ୍ରକାଶ ପ୍ରଭାକର ନଭଲେକର (ଅବସରପ୍ରାପ୍ତ)ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଜନଗଣନା କମିଶନରଙ୍କ ସମେତ ଦୁର୍ଗା ଶଙ୍କର ମିଶ୍ର (ଅବସରପ୍ରାପ୍ତ ଆଇଏଏସ୍) ବାଲାଜୀ ଶ୍ରୀବାସ୍ତବ (ଅବସରପ୍ରାପ୍ତ ଆଇପିଏସ୍) ଏବଂ ଡ. ଶାମିକା ରବି ଏହାର ସଦସ୍ୟ ଭାବେ ରହିବେ। ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ (ପରେନର୍ସ-୧) ଏହି କମିଟିର ସଦସ୍ୟ ସଚିବ ହେବେ। ଜନସାଂଖିକୀୟ ପରିବର୍ତ୍ତନ ଏକ ଗମ୍ଭୀର ସମସ୍ୟା ଯାହା କେବଳ ଆମର ସାର୍ବଭୌମତ୍ୱ ସହ ନୁହେଁ, ବରଂ ଜାତୀୟ ସୁରକ୍ଷା, ଆଇନ ଶୃଙ୍ଖଳା, ସାମାଜିକ ଢାଞ୍ଚାରେ ପ୍ରମୁଖ ପରିବର୍ତ୍ତନ ଓ ଜନଜାତି ସମାଜର ସୁରକ୍ଷା ସହ ମଧ୍ୟ ଜଡ଼ିତ। ବେଆଇନ ଦେଶାନ୍ତର ଓ ଅନ୍ୟାନ୍ୟ ଅସ୍ୱାଭାବିକ କାରଣରୁ ସମଗ୍ର ଭାରତରେ ଘଟୁଥିବା ଜନସାଂଖିକୀୟ ପରିବର୍ତ୍ତନର ଏକ ବିସ୍ତୃତ ମୂଲ୍ୟାଙ୍କନ ଏହି କମିଟି କରିବ। ଏହା ଧାର୍ମିକ ଓ ସାମାଜିକ ସମ୍ପ୍ରଦାୟ ସ୍ତରରେ ଅସ୍ୱାଭାବିକ ଜନସଂଖ୍ୟା ପରିବର୍ତ୍ତନର ଢାଞ୍ଚାକୁ ବିଶ୍ଳେଷଣ କରିବ ଓ ଏହି ସମସ୍ୟାର ସମାଧାନ ପାଇଁ ଏକ ସୁଚିନ୍ତିତ ତଥା ସମୟବଦ୍ଧ ସମାଧାନ ଉପସ୍ଥାପନ କରିବ।

# ଗଡ଼କରୀ ଲଞ୍ଚ୍ କଲେ ଇଥାନଲ୍ ଷ୍ଟୋଭ୍




ନୂଆଦିଲ୍ଲୀ, ୨୬।୫ଃ ଦେଶରେ ଏଲପିଜି ସିଲିଣ୍ଡର ସଙ୍କଟ ଓ ଦରଦାମ ବୃଦ୍ଧି ପରିପ୍ରେକ୍ଷୀରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇଥାନେଲ ବ୍ୟବହୃତ ଷ୍ଟୋଭ୍ ଟେକ୍ନୋଲୋଜିର ଶୁଭାରମ୍ଭ କରିଛନ୍ତି। ଏହି ଷ୍ଟୋଭ୍ ବ୍ୟବହାର କରିବା ଦ୍ୱାରା ଏଲପିଜି ତୁଳନାରେ ରୋଷେଇ ଖର୍ଚ୍ଚ ବହୁତ କମିଯିବ ବୋଲି ସେ ଦାବି କରିଛନ୍ତି। ଏହି ନୂତନ ଷ୍ଟୋଭ୍ ଟେକ୍ନୋଲୋଜି ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି। ଏହାର ବିଶେଷତ୍ୱ ହେଉଛି ଏଥିରେ କେବଳ ମହଙ୍ଗା ଜାଳେଣି ବ୍ୟବହାର ହେବନାହିଁ, ବରଂ ଏଥିରେ ପାଣି ମଧ୍ୟ ମିଶ୍ରଣ କରାଯିବ। ତଥ୍ୟ ଅନୁଯାୟୀ, ଏହି ଷ୍ଟୋଭ୍‌ରେ ପାଣି ସହିତ ମାତ୍ର ୭ ପ୍ରତିଶତ ଇଥାନଲ୍ ମିଶାଇ ବ୍ୟବହାର କରାଯାଏ। ଏହି ଦୁଇଟି ଉପାଦାନର ମିଶ୍ରଣରେ ଏକ ଶକ୍ତିଶାଳୀ ନୀଳ ରଙ୍ଗର କୁକିଂ ଫ୍ଲେମ୍ ସୃଷ୍ଟି ହୋଇଥାଏ, ଯାହା ଏଲପିଜି ଗ୍ୟାସ୍ ଭଳି ହିଁ କାମ କରେ। ଉଦ୍ଭାବିତ ଇଥାନେଲ ଷ୍ଟୋଭ୍‌ରେ ଏକ ସ୍ୱତନ୍ତ୍ର ବର୍ଣ୍ଣର ଓ ଫ୍ୟୁଏଲ୍ କଣ୍ଟେନର ରହିଥାଏ। ଏଥିରେ ଇଥାନଲ୍ ଓ ପାଣିର ମିଶ୍ରଣକୁ ରଖାଯାଏ। ଥରେ ଏହି ଷ୍ଟୋଭ୍‌କୁ ଜଳାଇବା ପରେ, ମିଶ୍ରଣରୁ ନିର୍ଗତ ହେଉଥିବା ବାଷ୍ପ ଯୋଗୁଁ ଚୁଲିଟି କ୍ରମାଗତ ଭାବେ ଜଳିବାକୁ ଲାଗେ। ଏଥିରେ ନିଆଁର ଆଞ୍ଚକୁ କମ୍ କିମ୍ବା ବେଶୀ କରିବାର ସୁବିଧା ମଧ୍ୟ ରହିଛି।

## ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆତ୍ମନିର୍ଭର...

ବର୍ଷ ପୂରିବା ପୂର୍ବରୁ ରାଜ୍ୟକୁ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ସେ ମଧ୍ୟରୁ ୨.୮୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିର ଶିଳାନ୍ୟାସ ଓ ଉଦ୍‌ଘାଟନ ହୋଇଛି, ଯାହାଦ୍ୱାରା ପ୍ରାୟ ୨ ଲକ୍ଷ ନିଯୁକ୍ତି ମଧ୍ୟ ସୃଷ୍ଟି ହୋଇପାରିଛି। ରାଜ୍ୟ ସରକାର ଓଡ଼ିଶାରେ ଏମିତି ଏକ ନିବେଶ ପରିବେଶ ସୃଷ୍ଟି କରିବାକୁ ଯାଉଛନ୍ତି ଯେଉଁଠାରେ ଶିଳ୍ପ ବଢ଼ିବ, ଲୋକ ଲାଭାନ୍ୱିତ ହେବେ ଓ ଯୁବପିଢ଼ି ଚାକିରି ପାଇବେ। ଯୁବ ସମାଜକୁ ଦକ୍ଷ କରିବା, ସେମାନଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ। ଏଥିସହ ରାଜ୍ୟର ଯୁବକଯୁବତୀଙ୍କ ଦକ୍ଷତା ବିକାଶ ସହ ନିଯୁକ୍ତି ସମ୍ଭାବନା ବୃଦ୍ଧିକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସେହିଭଳି ନୂଆ ନୂଆ ଉଦ୍ୟୋଗ ଓ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ସରକାର ସହଯୋଗ କରୁଛନ୍ତି। ଆଗାମୀ ୧୦ ବର୍ଷ ରାଜ୍ୟର ଯୁବବର୍ଗ ପାଇଁ ଏକ ସୁବର୍ଣ୍ଣ ଦଶକ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

### ପାଇଖାନା ଟାଙ୍କିରେ...

ବିପୁଲ ଜାଲ। ସେହିପରି ହାତୀଖୋଜ ଗାଁର ପଙ୍କଜ ଭୋଇ ସଙ୍କଟାପନ୍ନ ଅବସ୍ଥାରେ ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କିନ୍ତୁ ସେଠାରେ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିବା ନେଇ କେସିଙ୍ଗା ପୁଲିସ୍ ଏସଡିପିଓ ସନ୍ଦୀପ ମାଝୀ କହିଛନ୍ତି।
ସେହିପରି ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ସେ ପରିବାର ଲୋକଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

### ୧୯ ଲକ୍ଷ ଟ୍ରକ...

କିନ୍ତୁ ଦର ବୃଦ୍ଧି ଯୋଗୁ ଟ୍ରକ ମାଲିକମାନେ ଘାଟାରେ ଚାଲିଛନ୍ତି। ପରିବହନ କମ୍ପାନୀମାନେ ଭଡ଼ା ବଢ଼ାଇସାରିଲେଣି, ହେଲେ ଟ୍ରକ୍ ମାଲିକମାନେ ବର୍ଦ୍ଧିତ ଭଡ଼ା ପାଉନାହାଁନ୍ତି। ରାଜ୍ୟରେ ଦୀର୍ଘ ବର୍ଷ ଧରି ସରକାର ଟ୍ରକ ଭଡ଼ା ଧାର୍ଯ୍ୟ କରୁନାହାଁନ୍ତି। ତେଣୁ ଖୁବଶୀଘ୍ର ବର୍ତ୍ତମାନର ଡିଜେଲ ଦରକୁ ଦେଖି ଟ୍ରକ ମାଲିକ ସଂଘ ଅନ୍ୟୁନ ୨୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି ନେଇ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।
ଅବଶ୍ୟ ଦେଶରେ ତେଲ ଅଭାବ ସଂକ୍ରାନ୍ତ କୌଣସି ଖବରକୁ ତେଲ କମ୍ପାନିଗୁଡ଼ିକ ଅସ୍ୱୀକାର କରିଛନ୍ତି। କିଛି ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ ସବୁଆଡ଼େ ତେଲ ଯୋଗାଣ ସ୍ୱାଭାବିକ ରହିଛି। ପେଟ୍ରୋଲ ବିକ୍ରି ୧୪ ପ୍ରତିଶତ ଓ ଡିଜେଲ ୧୮ ପ୍ରତିଶତ ବଢ଼ିଛି। ମୌସୁମୀ ବର୍ଷା ଆରମ୍ଭ ହେବା ପରେ ଚାଷ ଓ ପର୍ଯ୍ୟଟନ କ୍ଷେତ୍ରରେ ଚାହିଦା କମିବ ଓ ତେଲ ଯୋଗାଣ ସ୍ଥିତିରେ ଆହୁରି ସୁଧାର ଘଟିବ ବୋଲି ସେମାନେ କହିଛନ୍ତି।

### ୧୨ ବର୍ଷରେ...

କଲ୍ୟାଣକାରୀ ଯୋଜନା, ପ୍ରତିରକ୍ଷା ସ୍ୱଦେଶୀକରଣ ଏବଂ ଜମ୍ମୁ ଓ କାଶ୍ମୀରରେ ୩୭୦ ଧାରା ରଦ୍ଦ ଆଦିକୁ ସାମିଲ କରାଯାଇଛି। ବରିଷ୍ଠ ବିଜେପି ନେତାମାନେ କହିଛନ୍ତି ଯେ ବିକଶିତ ଭାରତ ସଂକଳ୍ପ ସଭା ଏବଂ ତୃଣମୂଳସ୍ତରର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମ ଥର ଭୋଟର ଓ ଯୁବ ନାଗରିକଙ୍କ ସହ ସଂଯୋଗ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯିବ।

### ୩ ଅଧିକାରୀଙ୍କୁ...

ଅଭିଯୋଗର ତଦନ୍ତ ସମୟରେ ସାମ୍ନାକୁ ଆସିଥିଲା ଯେ ଗତ ୨୦୨୨ ମେ'ରୁ ୨୦୨୩ ନଭେମ୍ବର ମଧ୍ୟରେ ୧୩.୯୨ କୋଟି ଟଙ୍କାର ଋଣ ଏକାଧିକ ଏସ୍‌ଆଇ ଶାଖା ପକ୍ଷରୁ ଦିଆଯାଇଥିବା ଦର୍ଶାଯାଇଥିଲା। କିନ୍ତୁ ଋଣ ଗ୍ରହୀତାଙ୍କ ମଧ୍ୟରୁ କେତେକ ପରବର୍ତ୍ତୀ ସମୟରେ ଇଏମ୍‌ଆଇ ପଇଠ ନ କରିବାରୁ ଋଣ ଆକାଉଣ୍ଟଗୁଡ଼ିକୁ ଏନ୍‌ପିଏ ଦର୍ଶାଯାଇଥିଲା। ଏହି ଏନ୍‌ପିଏରେ ୬.୮୮ କୋଟି ଟଙ୍କା ବକେୟା ରହିଥିଲା। ଏହି ମାମଲାରେ ପୂର୍ବରୁ ସ୍ମୃତିରଞ୍ଜନ ମହାନ୍ତି ନାମକ ଜଣେ ମଧ୍ୟସ୍ଥିଙ୍କୁ ଗିରଫ କରାଯାଇଥିଲା।

### ବୁବୁନ ସାହୁ ଟପ୍ପର...

୧୧ ଜଣ ମହିଳାଙ୍କ ସମେତ ୩୫ ଜଣ, ଅନୁସୂଚିତ ଜାତି ବର୍ଗରେ ୧୬ ଜଣ ମହିଳାଙ୍କ ସମେତ ୪୫ ଜଣ, ଅନୁସୂଚିତ ଜନଜାତି ବର୍ଗରେ ୨୧ ଜଣ ମହିଳାଙ୍କ ସମେତ ୫୦ ଜଣ, ପୂର୍ବତନ ସାମରିକ ବର୍ଗରେ ୪ ଜଣ ଏବଂ ଶାରୀରିକ ଅକ୍ଷମ ବର୍ଗରେ ୩ ଜଣଙ୍କ ନାଁ ଲୋକସେବା ଆୟୋଗ ସୁପାରିସ୍ କରିଛନ୍ତି। ବୁବୁନ ପୁଲିସ ଚାକିରି କରି ଡିଏସପି ହେବା ପରେ ଟ୍ରେନିଂ ନେଉଥିଲେ। କଠିନ ପରିଶ୍ରମ ବଳରେ ଆଜି ସେ ଓଏଏସ ଟପ୍ପର ହୋଇଛନ୍ତି। ସେ କେନ୍ଦୁଝରର ଜଣେ ଚାଷୀ ପରିବାରରୁ ଆସିଛନ୍ତି। ରେଭେନ୍ସାରେ ଗ୍ରାଜୁଏସନ ପରେ ସେ ଆଇଆଇଟି ଧାନବାଦରେ ପାଠ ପଢ଼ି ପ୍ରଥମେ ଓଏନଜିସିରେ ଚାକିରି କରୁଥିଲେ। ଗତ ୨୦୨୩ରେ ପ୍ରଥମେ ଓପିଏସସି ପରୀକ୍ଷା ଦେଇ ସେ ୪୦ ନମ୍ବର ର୍ୟାଙ୍କ ପାଇଥିଲେ। ଏହାପରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ବୁବୁନ୍ ଟ୍ରେନିଂ ନେଉଥିଲେ। ପୁଣି ୨୦୨୪ରେ ଓପିଏସସି ପରୀକ୍ଷା ଦେଇଥିବା ବୁବୁନ୍ ଆଜି ଟପ୍ପର ହୋଇଛନ୍ତି। ପରୀକ୍ଷାରେ ଅଧିକ ପ୍ରତିଶତ ରଖିବା ବଡ଼ କଥା ନୁହେଁ, ବରଂ ଏଣ୍ଟ୍ରାନ୍ସ କ୍ଲିୟର କରିପାରିଲେ ଆଗକୁ ବଢ଼ିପାରିବେ ବୋଲି ମତ ରଖିଛନ୍ତି ବୁବୁନ।

### ପ୍ରଶସ୍ତ ହେବ...

ମଧ୍ୟ ରହିଛି। ଉପରୋକ୍ତ ଦୁଇ ଜାତୀୟ ରାଜପଥର ପ୍ରଶସ୍ତିକରଣ ସଂକ୍ରାନ୍ତରେ ତୁରନ୍ତ ଡିପିଆର୍ ପ୍ରସ୍ତୁତ କରିବା ସକାଶେ ମଧ୍ୟ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇସାରିଥିବା ବେଳେ ଟେଣ୍ଡର୍ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ କେନ୍ଦ୍ର ସରକାର ମଧ୍ୟ ପୁରୀ-ବ୍ରହ୍ମଗିରି-ସାତପଡ଼ା ରୋଡ଼୍‌କୁ ୪ ଲେନ୍ ବିଶିଷ୍ଟ କରାଯିବ। ଏହାଦ୍ୱାରା ଚିଲିକା ଅଞ୍ଚଳରେ ପର୍ଯ୍ୟଟନର ପରିସର ବୃଦ୍ଧି ପାଇବ ଓ ପର୍ଯ୍ୟଟକମାନେ ଅଧିକ ମାତ୍ରାରେ ଆକୃଷ୍ଟ ହେବେ। ସେହିପରି ଟ୍ରାଫିକ୍ ଭିଡ଼ ହ୍ରାସ କରିବା ସକାଶେ ପଳାଶୁଣି-ଖଣ୍ଡଗିରି-ତମାଣ୍ଡୋ ସର୍ଭିସ୍ ରୋଡ଼୍‌କୁ ୮ ଲେନ୍ ବିଶିଷ୍ଟ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏହି ରାସ୍ତାର ପ୍ରଶସ୍ତିକରଣ ଦ୍ୱାରା ଟ୍ରାଫିକ୍ ଭିଡ଼କୁ ମାତ୍ରାଧିକ ଭାବେ ହ୍ରାସ କରାଯିବା ସମ୍ଭବପର ହୋଇପାରିବ ବୋଲି ଆଶା ରହିଛି।

### କାଲି ଶଙ୍ଖ...

ଏଯାଏଁ ୩ ଜଣ ବିଜେଡି ରାଜ୍ୟସଭା ସାଂସଦ ଶଙ୍ଖକୁ ବାଏ ବାଏ କରି ପଦ୍ମ ଧରିଲେଣି। ତେବେ ବଡ଼ କଥା ହେଉଛି ଦେବାଶିଷଙ୍କ ପରେ ଆଉ କିଛି ବିଜେଡି ସାଂସଦ ଦଳ ଛାଡ଼ି ବିଜେପିରେ ସାମିଲ ହେବେ ବୋଲି ଏବେ ସବୁଠି ଚର୍ଚ୍ଚା। ବିଜେପିର କିଛି ନେତା ଏମିତି ଦାବି ବି କରୁଛନ୍ତି। ଉପକୂଳର ଜଣେ ଦୁଇ ଜଣ ସାଂସଦ ବିଜେପି ସହ ଯୋଗାଯୋଗରେ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି। ଆସନ୍ତା ୫/୬ ଦିନ ଭିତରେ ବଡ଼ ସୂଚନା ଆସିପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ସେପଟେ ବିଜେଡି ଛାଡୁଥିବା ନେତାଙ୍କ ଟାର୍ଗେଟ୍ ହେଉଛନ୍ତି ପାଣ୍ଡିଆନ୍। ଦେବାଶିଷଙ୍କ ଇସ୍ତଫା ପରେ ବିଜେଡି ଯେମିତି ଏବେ ଦୁଇ ଭାଗ। ଦଳର ନେତୃତ୍ୱକୁ ନେଇ ପ୍ରଶ୍ନ ବି ଉଠିଲାଣି। ସେହିପରି ଯେଉଁମାନେ କହୁଛନ୍ତି ଯେ ଦଳ ଛାଡ଼ିଲେ କିଛି ପ୍ରଭାବ ପଡ଼ିବନି, ସେଭଳି ନେତାଙ୍କୁ ବି ବିଜେଡିର ଯୁବ ନେତା ବିରୋଧ କରିବା ଆରମ୍ଭ କଲେଣି। ବିଜେଡି କର୍ପୋରେଟର ଅଜିତ ବେହେରା ସିଧା ନିଶାଣ ଲଗାଇ ପ୍ରଶ୍ନ କରିଛନ୍ତି, ଯଦି ଅଦୃଶ୍ୟ ଭାବେ ପାଣ୍ଡିଆନ କାର୍ଯ୍ୟ କରୁଥିବେ ତେବେ ଦଳ ପାଇଁ ଏହା ବଡ଼ କ୍ଷତିକାରକ ହେବ। ଦେବାଶିଷଙ୍କ ଭଳି ଜଣେ ଟାଣୁଆ ନେତା ଓ ସଂଗଠକଙ୍କୁ ଦଳ ହରେଇଛି। ଅନ୍ୟପଟେ ଦଳର ଯୁକ୍ତି, ଯେଉଁମାନେ ବିଜେଡି ଛାଡୁଛନ୍ତି ପାଣ୍ଡିଆନ୍ ସେମାନଙ୍କ ପାଇଁ କେବଳ ଆଳ। ପାଣ୍ଡିଆନ ତ ରାଜନୀତିରେ ନାହାଁନ୍ତି, ତାଙ୍କ ନାଁ କାହିଁକି ଉଠୁଛି? କ୍ଷମତାରେ ଥିବା ବେଳେ ବିଜେଡି ଅନ୍ୟ ଦଳକୁ ଭାଙ୍ଗି ନେତା ଆମଦାନୀ କରିବାରେ ଅଗ୍ରଣୀ ଥିଲା। ଆଉ ଏବେ ସମୟ ବଦଳିଛି। କଳା କର୍ମର ପରିଣାମ ଭୋଗୁଛି ଦଳ। ପଞ୍ଚାୟତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ସାଂସଦଙ୍କ ଯାଏ ଦଳ ଛାଡ଼ି ନବୀନଙ୍କୁ ଦେଉଛନ୍ତି ଝଟ୍‌କା।

# ଶିବକୁମାର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

**ଇସ୍ତଫା ଦେଇ ରାଜ୍ୟସଭା ଯିବେ ସିଦ୍ଦରମୈୟା**

ନୂଆଦିଲ୍ଲୀ,୨୬।୫ଃ କର୍ଣ୍ଣାଟକରେ ଶୀର୍ଷ ପଦବୀ ପାଇଁ ବିବାଦ ଶେଷରେ ସମାଧାନ ହୋଇଛି। ସର୍ବସମ୍ମତିକ୍ରମେ କେନ୍ଦ୍ର ନେତୃତ୍ୱ ଡିକେ ଶିବକୁମାରଙ୍କୁ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ମୋହର ମାରିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ, ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ରାଜ୍ୟସଭା ଆସନ ପ୍ରଦାନ କରାଯାଇଛି ଏବଂ ଦିଲ୍ଲୀରୁ ତାଙ୍କୁ ଏକ ବୃହତ୍ ତଥା ଜାତୀୟ ଭୂମିକା ଗ୍ରହଣ କରିବାକୁ କୁହାଯାଇଛି। ଫଳରେ ସିଦ୍ଦରମେୟାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଶିବକୁମାରଙ୍କ ରାସ୍ତା ସଫା କରିବା ଚୂଡ଼ାନ୍ତ ହୋଇଛି। ସିଦ୍ଦରମୈୟା ତାଙ୍କ ଅନୁଗତଙ୍କ ସହ ଏହି ବିଷୟରେ ଆଲୋଚନା କରି ଘୋଷଣା କରିଛନ୍ତି ଯେ ସେ ହାଇକମାଣ୍ଡଙ୍କ ନିଷ୍ପତ୍ତି ପାଳନ କରିବେ। ଆସନ୍ତାକାଲି ସୁଦ୍ଧା ସେ ପଦ ଛାଡ଼ିପାରନ୍ତି ବୋଲି ଆଶା କରାଯାଉଛି।

## ଦୁବାଇରେ 'ଉତ୍ସବ-ଉତ୍କଳ ଦିବସ ୨୦୨୬'



ଦୁବାଇ,୨୬।୫ଃ ଓଡ଼ିଶା ସମାଜ ୟୁଏଇ ପକ୍ଷରୁ ଗତ ୨୪ରେ 'ଉତ୍ସବ-ଉତ୍କଳ ଦିବସ ୨୦୨୬'ର ୧୬ତମ ସଂସ୍କରଣ ଆୟୋଜିତ ହୋଇଛି। ୟୁଏଇର ସମସ୍ତ ଏମିରେଟ୍ସରୁ ୬୦୦ରୁ ଅଧିକ ଓଡ଼ିଆ ଓ ଅତିଥି ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନସୁଲ ଓ ଚାନେରୀ ମୁଖ୍ୟ ପବିତ୍ର କୁମାର ମଜୁମଦାର ଯୋଗଦେଇଥିଲେ। ଏହି ଆୟୋଜନ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ସଙ୍ଗୀତ, ନୃତ୍ୟ ଓ ପରମ୍ପରାର ଏକ ସୁନ୍ଦର ପ୍ରଦର୍ଶନ ଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଓଡ଼ିଶା ସମାଜ ୟୁଏଇର ଅଧ୍ୟକ୍ଷ ଅମୀୟ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରି ଓଡ଼ିଆ ସଂସ୍କୃତିକୁ ନୂତନ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ। ଓଡ଼ିଶୀ ଓ ସେମି-କ୍ଲାସିକାଲ ନୃତ୍ୟ, ଶିଶୁଙ୍କ ପରିବେଷଣ, ସ୍ଥାନୀୟ କଳାକାରଙ୍କ ସଙ୍ଗୀତ ଏବଂ ଅତିଥି କଳାକାର ବର୍ଣ୍ଣାଳୀ ହୋତା ଓ ଶଶାଙ୍କ ଶେଖରଙ୍କ ଲାଇଭ୍ ପରିବେଷଣ ବିଶେଷ ଆକର୍ଷଣ ଥିଲା। ଲୋକପ୍ରିୟ ଦିବଂଗତ ଓଡ଼ିଆ ଗାୟକ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ପରିବେଷିତ କାର୍ଯ୍ୟକ୍ରମ ମଧ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ଏହି ଅବସରରେ ଓଡ଼ିଶା ସମାଜର ସ୍ମାରକ ପତ୍ରିକା ଉନ୍ମୋଚିତ ହୋଇଥିଲା। ଶେଷରେ ସମସ୍ତ ସେବାଭାବୀ, କଳାକାର ଓ ଅତିଥିଙ୍କୁ ଆୟୋଜକ ଧନ୍ୟବାଦ ଜଣାଇଥିଲେ।

**ସହରାଞ୍ଚଳ ପ୍ରଶାସନରେ ବଡ଼ ଧରଣର ସଂସ୍କାର**

## ଏଚ୍‌ୟୁଡି ବିଭାଗ ପକ୍ଷରୁ ୩୬୦ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ)ଃ ସହରାଞ୍ଚଳ ଶାସନରେ ଦକ୍ଷତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ କାର୍ଯ୍ୟରତ ବିଭିନ୍ନ କ୍ୟାଡରର ୩୬୦ ଜଣ ଅଧିକାରୀଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବଦଳି ନିର୍ଦ୍ଦେଶ ଜାରି କରାଯାଇଛି। ନାଗରିକ-କେନ୍ଦ୍ରିକ ସହରାଞ୍ଚଳ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଚାଲିଥିବା ପ୍ରୟାସର ଏକ ଅଂଶସ୍ୱରୂପ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମାର୍ଗଦର୍ଶନରେ ଏହି ବୃହତ ବଦଳି ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଛି। ଉତ୍ତମ ପ୍ରଶାସନିକ ସମନ୍ୱୟ, ଦ୍ରୁତ ସେବା ପ୍ରଦାନ ଓ ସହରୀ ପରିଚାଳନାରେ ସୁଧାର ଆଣିବା ଉଦ୍ଦେଶ୍ୟରେ ମହାନଗର ନିଗମ, ମ୍ୟୁନିସିପାଲିଟି ଓ ଏନଏସି ଗୁଡ଼ିକରେ ନିୟୋଜିତ ଅଧିକାରୀମାନଙ୍କୁ ବଦଳି କରାଯାଇଛି। ଏହି ପଦକ୍ଷେପ ପ୍ରଶାସନିକ ନିଷ୍କ୍ରିୟତାକୁ ଦୂର କରିବା ଓ ଓଡ଼ିଶାର ପୌର ଶାସନ ବ୍ୟବସ୍ଥାରେ ଏକ ନୂତନ ଗତିଶୀଳତା ଆଣିବା ପାଇଁ ଉଦ୍ଦିଷ୍ଟ।

**ବ୍ରିଜ ତଳକୁ ଖସିଲା ଲୁହାଛଡ଼ ବୋଝେଇ ଟ୍ରକ**

## ହେଲ୍ପର୍ ମୃତ, ଡ୍ରାଇଭର୍ ଗୁରୁତର



ପାଟଣାଗଡ଼,୨୬।୫(ସଂଚାର ବ୍ୟୁରୋ)ଃ ଭାରସାମ୍ୟ ହରାଇ ବ୍ରିଜ ତଳକୁ ଖସିପଡ଼ିଲା ଲୁହାଛଡ଼ ବୋଝେଇ ଏକ ଟ୍ରକ୍। ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା ପଦ୍ମପୁର ପାଟଣାଗଡ଼ ମୁଖ୍ୟରାସ୍ତା ଜୁରିଆ ବ୍ରିଜ ନିକଟରେ ଘଟିଛି ଏହି ଦୁର୍ଘଟଣା। ଫଳରେ ଡ୍ରାଇଭର୍ ଜଣଙ୍କ ଗୁରୁତର ଭାବେ ଆହତ ହୋଇଥିବା ବେଳେ ହେଲ୍ପର ଜଣଙ୍କ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଲୋକେ ଘଟଣାସ୍ଥଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ପାଟଣାଗଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହେଲ୍ପର ଜଣଙ୍କ ଗାଡ଼ି ତଳେ ଚାପି ହୋଇ ରହିଛନ୍ତି। ତାଙ୍କୁ ଉଦ୍ଧାର କରିବା ସକାଶେ ସ୍ଥାନୀୟ ଲୋକ ଓ ଖପ୍ରାଖୋଲ ଅଗ୍ନିଶମ ବାହିନୀ ପକ୍ଷରୁ ପ୍ରୟାସ ଜାରି ରହିଛି। ଦୁର୍ଘଟଣାର ସମ୍ମୁଖୀନ ହେବା ସମୟରେ ଉକ୍ତ ଲୁହାଛଡ଼ ବୋଝେଇ ଟ୍ରକ୍‌ଟି ପଦ୍ମପୁରରୁ ପାଟଣାଗଡ଼ ଆସୁଥିଲା ବୋଲି ଜଣାପଡ଼ିଛି।

## ସ୍ନାତକ ପାଠ୍ୟକ୍ରମ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ)ଃ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆସନ୍ତା ୨୭ ତାରିଖ ଅପରାହ୍ନ ୪ଟାରୁ କମନ୍ ଆପ୍ଲିକେସନ ଫର୍ମ ଉପଲବ୍ଧ ହେବ। ଆସନ୍ତାକାଲିଠାରୁ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ଅନଲାଇନରେ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ। ଜୁନ୍ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶିତ ହେବ। ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ, ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ କମନ୍ ଆପ୍ଲିକେସନ ଫର୍ମ ପାଇପାରିବେ।

**● ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲା**

## ଅଭିଯୁକ୍ତକୁ ୩ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୬।୫(ସଂଚାର ବ୍ୟୁରୋ)ଃ ଜନୈକା ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ପୋକ୍ସୋ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତ ମକୁ ଓରଫ ସୁଧାଂଶୁ ଭୂଷଣ ସାମଲକୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଦୋଷୀକୁ ୫ ହଜାର ଟଙ୍କା ଜରିମାନା ମଧ୍ୟ ପଇଠ କରିବା ସକାଶେ ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ଦୋଷୀକୁ ଆହୁରି ୩ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୨ ଜାନୁଆରୀ ୨୩ ତାରିଖ ଅପରାହ୍ନରେ ପାଟକୁରା ଥାନା ଅଧିନ ଏକ ଗ୍ରାମରେ ଜଣେ ୧୧ ବର୍ଷର ନାବାଳିକା ଓ ତାଙ୍କ ୬ ବର୍ଷର ଭାଇ ଘରେ ଏକା ଥିବା ସମୟରେ ଅଭିଯୁକ୍ତ ସୁଧାଂଶୁ ତାଙ୍କ ଘରେ ବାରଣ୍ଡାରେ ବସି ମଦ ପିଇଥିଲା। ଏହାକୁ ନାବାଳିକା ବିରୋଧ କରିବାରୁ ସୁଧାଂଶୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଏଥିରେ ଭୟଭୀତ ହୋଇ ନାବାଳିକା ଜଣଙ୍କ ଘର ଭିତରକୁ ପଶିଯାଇଥିଲେ। ସୁଧାଂଶୁ ମଧ୍ୟ ମନ୍ଦ ଉଦ୍ଦେଶ୍ୟରେ ତାଙ୍କୁ ଅନୁସରଣ କରି ଗାମୁଛାରେ ହାତଗୋଡ଼ ବାନ୍ଧି ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ନାବାଳିକାଙ୍କ ସାନଭାଇ ବିରୋଧ କରିବାରୁ ସୁଧାଂଶୁ ଅତି ନୃଶଂସ ଭାବେ ତା'ର ତଣ୍ଟି ଚିପି ଦେଇଥିଲା। ଏହାର ସୁଯୋଗ ନେଇ ନାବାଳିକା ଜଣଙ୍କ ଖସି ପଳାଇଥିଲେ। ପରେ ସୁଧାଂଶୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପାଟକୁରା ଥାନା ପୁଲିସ ୪୨୯/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁଧାଂଶୁକୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ବିଚାରପତି ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହରୁ କୁମାର ସାହୁ ମାମଲାର ପରିଚାଳନା କରୁଥିଲେ।

## ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର କର୍କଟ ରୋଗୀଙ୍କ ପାଇଁ ସେଲ୍ଟର ହାଉସ



ନଭି ମୁମ୍ବାଇ,୨୬।୫ଃ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧୀନ କର୍କଟ ରୋଗୀମାନଙ୍କ ପାଇଁ ନବୀ ମୁମ୍ବାଇର ଖାରଘର ସେକ୍ଟର-୧୨ରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଏକ ନୂତନ ସେଲ୍ଟର ହାଉସର ଉଦଘାଟନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଅତିଥି, ସମାଜସେବୀ ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ସତୀଶ ପାଇ ଓ ତାଙ୍କ ଧର୍ମପତ୍ନୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣପତ କୋଠାରୀ, ଡା. ରୀତା ମୋଦୀ, ଆର୍ଣ୍ଣି କରସ୍ୱନ ଇଣ୍ଟେଲିଜେନ୍ସ କମିଟିର ସଭାପତି ଆଶୁତୋଷ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

ପ୍ରାୟ ୫୦ କର୍କଟ ରୋଗୀ ଓ ତାଙ୍କ ସହଯାତ୍ରୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଭାକୁ ସମ୍ବୋଧିତ କରି ସତୀଶ ପାଇ, ଡା. ବିପିନ ବିହାରୀ ମିଶ୍ରଙ୍କ ନେତୃତ୍ୱରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ କରୁଥିବା ସମାଜସେବାମୂଳକ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷା, ପରିବେଶ, ସ୍ୱାସ୍ଥ୍ୟ ଓ କୌଶଳ ବିକାଶ କ୍ଷେତ୍ରରେ ଫାଉଣ୍ଡେସନର ଅବଦାନକୁ ସେ ସ୍ୱାଗତ କରିଥିଲେ। ଗଣପତ କୋଠାରୀ ମଧ୍ୟ ଡା. ବିପିନ ବିହାରୀ ମିଶ୍ରଙ୍କ ସମାଜସେବାକୁ ପ୍ରଶଂସା କରିଥିଲେ ଓ ଆଗାମୀ ଦିନରେ ସହଯୋଗ ଜାରି ରଖିବାକୁ ଆଶ୍ୱାସନ ଦେଇଥିଲେ। ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ସମ୍ପାଦିକା ସୁକାନ୍ତି ମିଶ୍ର, ଶ୍ରୀମତୀ ପାଇଙ୍କୁ ସମ୍ମାନିତ କରିଥିଲେ। ଫାଉଣ୍ଡେସନର ଟ୍ରଷ୍ଟି ବି.କେ. ପାଣିଗ୍ରାହୀଙ୍କ ନେତୃତ୍ୱରେ ଓ ଏଚଡିଏଫସିର ଉପସଭାପତି ଦୀପକ ସାହୁ, ସମାଜସେବୀ କୃପାନିଧି ବିଶ୍ୱାଳଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ



କଟକ, ୨୬।୫ (ସଂଚାର ବ୍ୟୁରୋ)ଃ ବରିଷ୍ଠ ସାମ୍ବାଦିକ ପୁଷ୍ପମିତ୍ର ମହାନ୍ତି (କିଟୁ)ଙ୍କ ମଙ୍ଗଳବାର ଅପରାହ୍ନରେ ପରଲୋକ ଘଟିଛି। କଟକସ୍ଥିତ ନିଜ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିବା ନେଇ ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ସେ 'ସମ୍ବାଦ'ର ବିଭିନ୍ନ ବିଭାଗରେ ତିନି ଦଶନ୍ଧିରୁ ଅଧିକ ସମୟ କାର୍ଯ୍ୟ କରିଥିଲେ। ୨୦୧୬ରେ 'ସମ୍ବାଦ ପୋର୍ଟାଲ' ଆରମ୍ଭ ସମୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ।

## ବଳିଆପଣ୍ଡା ବୋମାମାଡ଼ଃ ଅଭିଯୁକ୍ତର ଜାମିନ୍ ଖାରଜ

କଟକ,୨୬।୫ (ସଂଚାର ବ୍ୟୁରୋ)ଃ ପୁରୀ ବଳିଆପଣ୍ଡାଠାରେ ହୋଇଥିବା ବୋମାମାଡ଼ ଘଟଣାରେ ଅଭିଯୁକ୍ତ ଧୀରେନ୍ଦ୍ରନାଥ ବରାଳ ଓରଫ ପପୁର ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ବିବରଣୀରୁ ପ୍ରକାଶ, ବଳିଆପଣ୍ଡା ହାଉସିଂବୋର୍ଡ କଲୋନିସ୍ଥିତ ସ୍ୱପ୍ନା ଇନ୍ ହୋଟେଲ୍‌ର ମାଲିକ ଶିବୁନା ପଲେଇ ଓ ତାଙ୍କ ବନ୍ଧୁମାନଙ୍କ ଉପରକୁ ଫେବୃଆରି ୧୦ ତାରିଖରେ ବୋମାମାଡ଼ ହୋଇଥିଲା। ଲୋକନାଥ ରାସ୍ତା ପଟୁ ଦୁଇଜଣ ଅଭିଯୁକ୍ତ ଏକ ସ୍କୁଟିରେ ଆସି ତିନୋଟି ବୋମା ଫିଙ୍ଗିଥିଲେ।

**● ଯୁବକଙ୍କ ତଣ୍ଟି କାଟି ହତ୍ୟା ଘଟଣା**

## ୭ ଗିରଫ, ୬ ବାଇକ ଜବତ

ପୁରୀ,୨୬।୫(ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳରେ ଘଟିଥିବା ଲିପୁ ଜେନା ହତ୍ୟାକାଣ୍ଡ ଘଟଣାରେ ପୁଲିସକୁ ବଡ଼ ସଫଳତା ମିଳିଛି। କାଜୁ ଜଙ୍ଗଲରେ ଯୁବକ ଲିପୁଙ୍କୁ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା କରାଯାଇଥିବା ଘଟଣାରେ ସଦର ଥାନା ପୁଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନରସିଂହପାଟଣା ଗ୍ରାମର ଅମୀୟ ମାଣିଆ, ମଣ୍ଟୁ ଦାସ, ଦିବାକର ଦାସ, ଶାନ୍ତନୁ ଭୋଇ, ପ୍ରଶାନ୍ତ ସେଠୀ, ରାକେଶ ବେହେରା ଓ ସନ୍ତୋଷ କୁମାର ଦାସ। ଅଭିଯୁକ୍ତଙ୍କଠାରୁ ହତ୍ୟାରେ ବ୍ୟବହୃତ ଛୁରୀ, ଲୁହା ରଡ଼, ୬ଟି ବାଇକ୍ ଓ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି ବୋଲି ପୁରୀ ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା ପ୍ରାରମ୍ଭିକ ତଦନ୍ତରୁ ସୂଚନା ମିଳିଛି।ଗତ ୨୪ ତାରିଖ ରାତିରେ ପୁରୀ ସଦର ଥାନା ଅନ୍ତର୍ଗତ ନରସିଂହପାଟଣା ସେତୁ ନିକଟସ୍ଥ କାଜୁ ଜଙ୍ଗଲରୁ ଜଗନ୍ନାଥପାଟଣା ଗାଁର ଲିପୁ ଜେନା (୨୫)ଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହର ତଣ୍ଟି କଟାଯାଇଥିବାରୁ ଘଟଣାଟି ସମଗ୍ର ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି କରିଥିଲା। ଘଟଣା ପରେ ପୁଲିସ ବିଭିନ୍ନ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା।

# ନବୀନଙ୍କୁ ଭେଟିଲା ବିଜେଡି ଲିଗାଲ ଫ୍ରଣ୍ଟ



ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ)ଃ ବିଜେଡି ଲିଗାଲ ଫ୍ରଣ୍ଟର ସଦସ୍ୟମାନେ ଆଜି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟକୁ ଆହୁରି ମଜବୁତ୍ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ସରକାର ଅବହେଳା କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ସ୍ୱର ଉଠାଇବାକୁ ଶ୍ରୀ ପଟ୍ଟନାୟକ ଲିଗାଲ୍ ଫ୍ରଣ୍ଟର ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ସାଧାରଣ ଲୋକେ ଯେପରି ବ୍ୟବସ୍ଥାରୁ ନ୍ୟାୟ ପାଇପାରିବେ, ସେଥିପ୍ରତି ବିଶେଷ ଧ୍ୟାନ ଦେବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଆଇନ ସହାୟତା ଆବଶ୍ୟକ କରୁଥିବା ଗରିବ ଲୋକଙ୍କୁ ମଧ୍ୟ ମାଗଣାରେ ଆଇନ ସହାୟତା ଯୋଗାଇଦେବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ସାକ୍ଷାତ ସମୟରେ ବିଜେଡି ଲିଗାଲ ଫ୍ରଣ୍ଟର ସଦସ୍ୟ ମିଲନ କାନୁନଗୋ, ମନୋଜ ବର୍ମା, ସିଦ୍ଧାର୍ଥ ଦାସ ଓ ସୁରେଶ ବାରିକଙ୍କ ସହ ଅନ୍ୟମାନେ ଯୋଗ ଦେଇ ବିଜେଡି ଲିଗାଲ ଫ୍ରଣ୍ଟ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରରେ କିଭଳି ଆହୁରି ମଜବୁତ୍ ହୋଇପାରିବ, ସେ ସମ୍ପର୍କରେ ଦଳ ସଭାପତିଙ୍କୁ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଛନ୍ତି।

# ନାଟ୍ୟକାର ରାମଶଙ୍କର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

କଟକ,୨୬।୫(ସଂଚାର ବ୍ୟୁରୋ)ଃ ଆଧୁନିକ ଓଡ଼ିଆ ନାଟକର କାଳ-ନାଟ୍ୟକାର ରାମ ଶଙ୍କର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଓଡ଼ିଆ ନାଟକର ଭିତ୍ତିଭୂମି ନିର୍ମାଣରେ ନାଟ୍ୟକାର ଓ ଔପନ୍ୟାସିକ ରାମ ଶଙ୍କର ରାୟଙ୍କ ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ ବୋଲି ମତ ପ୍ରଦାନ କରିଛନ୍ତି। ବିଶିଷ୍ଟ ଅତିଥି ଭାବେ ଡାକ୍ତର ଅନଙ୍ଗ ଦ୍ୱିବେଦୀ ଯୋଗଦେଇ ରାମ ଶଙ୍କରଙ୍କୁ ଓଡ଼ିଆ ନାଟକର ଉଜ୍ଜ୍ୱଳ ନକ୍ଷତ୍ର ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଭାବେ ସାରସ୍ୱତ ସାଧକ ନିତ୍ୟାନନ୍ଦ ମିଶ୍ର ଯୋଗଦେଇ ରାମ ଶଙ୍କରଙ୍କ କାଳ-ସାହିତ୍ୟକୁ ଅନନ୍ୟ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ବିକାଶ ପରିଷଦର ସଂଯୋଜକ ଡ. ଅଶୋକ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ସଂଗଠକ ଅନଙ୍ଗ ଭୂଷଣ ଦାସ, କଟକ କ୍ରିମିନାଲ ବାର ଆସୋସିଏସନର ସଭାପତି ବାଦଲ ଚନ୍ଦ୍ର ରାୟ, ସମ୍ପାଦକ ଗଦାଧର ସାହୁ, ଆଡଭୋକେଟ ଶରତ ଚନ୍ଦ୍ର ପ୍ରଧାନ, ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ନାଟ୍ୟକର ଅଭୟ ଦାସ ଉପସ୍ଥିତ ଥିଲେ।

## ସୁନ୍ଦରଗଡ ବିଧାୟକଙ୍କ ତରଫରୁ ମୃତକ ପରିବାରଙ୍କୁ ଆର୍ଥିକ ସହାୟତା



ସୁନ୍ଦରଗଡ଼,୨୬।୫ (ସଂଚାର ବ୍ୟୁରୋ)ଃ ମଙ୍ଗଳବାର ଦିନ ସୁନ୍ଦରଗଡ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଯୋଗେଶ କୁମାର ସିଂ ହେମଗିର ବ୍ଲକ୍ ଅନ୍ତର୍ଗତ ନୂଆଡିହି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିବା ଅଞ୍ଚଳକୁ ଗସ୍ତ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଟିମ୍, ଆଶା ଦିଦି, ଅଙ୍ଗନବାଡି କର୍ମୀ ଏବଂ ସ୍ଥାନୀୟ ଅଞ୍ଚଳ ବାସିଙ୍କ ସହ ଆଲୋଚନା କଲେ। ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆବଶ୍ୟକୀୟ ଔଷଧ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହା ସହିତ ସମ୍ପୃକ୍ତ ଅଞ୍ଚଳରେ ବିଶୁଦ୍ଧ ଜଳ ଯୋଗାଣ ଏବଂ ସମ୍ପୂର୍ଣ୍ଣ ବିଶୋଧନ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନିଆଯାଉଛି। ମୃତକଙ୍କ ପରିବାରକୁ ବିଧାୟକ ସାକ୍ଷାତ କରି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ଆଖପାଖର ବିଭିନ୍ନ ଖଣି କମ୍ପାନୀ ଗୁଡ଼ିକ ସହିତ ବିଧାୟକ ଆଲୋଚନା କରିଛନ୍ତି । ବିଧାୟକଙ୍କ ଗସ୍ତ ସମୟରେ ବିଜେଡି କର୍ମୀ ପ୍ରକାଶ ବହିଦାର, ପ୍ରମୋଦ ପତି, ପବିତ୍ର ପଶାୟତ, ଧନେଶ୍ୱର ରାଉତ, ରାମ ପ୍ରସାଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଅସହାୟ ଉର୍ମିଳାକୁ ଉଦ୍ଧାର କଲା ପ୍ରଶାସନ



ବାଲିଆପାଳ,୨୬।୫ (ସଂଚାର ବ୍ୟୁରୋ)ଃ ମାନବିକତାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ବାଲିଆପାଳ ଥାନା ଅନ୍ତର୍ଗତ ଅଳାଡିହା ପଞ୍ଚାୟତର ବାଲିବିଲ ଗ୍ରାମର ଅସହାୟ ଭିନ୍ନକ୍ଷମ ମହିଳା ଉର୍ମିଳା ମାଝୀଙ୍କୁ ଆଜି ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇ ବାଲେଶ୍ୱର ନାରୀସଙ୍ଘରେ ଥଇଥାନ କରାଯାଇଛି। ବହୁ ବର୍ଷ ପୂର୍ବରୁ ବାପା-ମାଆଙ୍କୁ ହରାଇଥିବା ଉର୍ମିଳା ଜୀବନରେ ଅନେକ ଦୁଃଖ ଓ ଅବହେଳା ସହିଛି । ସମ୍ପର୍କୀୟମାନେ ମଧ୍ୟ ତାଙ୍କୁ ପର କରିଦେବା ପରେ ସେ ଅନ୍ୟ ଘରେ ବାସନ ମାଜି ଜୀବନ ବିତାଉଥିଲେ। କିନ୍ତୁ ଶାରୀରିକ ଅସୁବିଧା ବଢ଼ିବାରୁ ସେ ଠିକ୍ ଭାବେ ଚାଲିପାରୁନଥିଲେ । ଫଳରେ କେହି ତାଙ୍କୁ ଘରେ ରଖିନଥିଲେ। ଏପରି ଅବସ୍ଥାରେ ଉର୍ମିଳା ଗଛମୂଳେ, ରାସ୍ତାକଡେ, ଛକ ବଜାର ଏବଂ ବାତ୍ୟା ଆଶ୍ରୟସ୍ଥଳୀରେ ଖରା ଓ ବର୍ଷାରେ ଦିନ କାଟୁଥିଲେ। କାହାର ଦୟାରେ ଖାଇବା ମିଳୁଥିଲା, ନହେଲେ ଭୋକ ଉପାସରେ ରହିବାକୁ ପଡୁଥିଲା। ପରେ ଗ୍ରାମର କିଛି ବଦାନ୍ୟ ବ୍ୟକ୍ତି ଉର୍ମିଳାଙ୍କୁ ଉଦ୍ଧାର କରି ସାମୟିକ ଭାବେ ଗ୍ରାମର ଶିକ୍ଷକ ମୃତ୍ୟୁଞ୍ଜୟ ପରିଡାଙ୍କ ଘରେ ରଖିବା ସହ ପାରା ଲିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ରଙ୍କୁ ପ୍ରଶାସନ ଜରିଆରେ ଥଇଥାନ ପାଇଁ ଅନୁରୋଧ କରିଥିଲେ ।

## ଆସୁଛି ବର୍ଷାଋତୁ, ଡ୍ରେନ ମରାମତି ହେଲାନି

### ନିଦାବିଷ୍ଟ ସାଜିଛି ପୂର୍ତ୍ତ ବିଭାଗ



ଯାଜପୁର,୨୬।୫ (ସଂଚାର ବ୍ୟୁରୋ)ଃ ଆଉ କିଛି ମାସ ପରେ ବର୍ଷାଦିନ ହେବ । ହେଲେ ମିଲିଟାରୀ ଛକ - ମାନପୁର ରାସ୍ତାର ଉଭୟ ପାର୍ଶ୍ୱରେ ନିର୍ମାଣାଧୀନ ଡ୍ରେନ ଅଧା ପନ୍ତରିଆ ଭାବେ ପଡି ରହିଛି। ଫଳରେ ସାମାନ୍ୟ ବର୍ଷାରେ ତ୍ରିଜଙ୍ଗା, ଦାନଗଦି, ବିସ୍ଥାପିତ କଲୋନୀରୁ ଆସୁଥିବା ପାଣି ରାସ୍ତା ଉପରେ ଜମିବ । ଦୀର୍ଘ ୩ ବର୍ଷ ହେଲା ଏହି ଡ୍ରେନ କାମକୁ ପୂର୍ତ୍ତ ବିଭାଗ ଆରମ୍ଭ କରିଥିଲା। ସିଙ୍ଗାଗାଡ଼ିଆ ଛକ ନିକଟରୁ ଆରମ୍ଭ ହୋଇ ସୋଲେଇ ଛକ ଦେଇ ମହାରଣା ଟ୍ରେଡ଼ର୍ସ ପର୍ଯ୍ୟନ୍ତ ଏହି ଡ୍ରେନ ନିର୍ମାଣ ହୋଇଥିଲା। ହେଲେ ହଠାତ ଏହି କାମକୁ ବନ୍ଦ କରାଯାଇଥିଲା। ଆଗକୁ କାମ ନ କରି ସମ୍ପୃକ୍ତ ଠିକାଦାର ଛୁ ମାରିଥିଲା। ଫଳରେ ବର୍ଷା ପାଣି ସମେତ ବର୍ଜ୍ୟ ଜଳ ନିଷ୍କାସନ ହେବାରେ ଏବେ ଘୋର ବାଧା ସୃଷ୍ଟି ହେଉଛି। ପୂର୍ବରୁ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଡ୍ରେନ ସବୁ ପୋତି ହୋଇଯିବା ଫଳରେ ଏବେ ପାଣି ନିଷ୍କାସନ ହେବା କଷ୍ଟକର ହୋଇଛି। ପୁରୁଣା ଡ୍ରେନରେ ପାଣି ଜମି ରହିବା ଫଳରେ ମଶା ଓ ନାଁଗୁଡିଆ ପୋକ ସବୁ ସୃଷ୍ଟି ହୋଇ ପରିବେଶକୁ ପ୍ରଦୂଷିତ କରୁଛନ୍ତି। ତୁରନ୍ତ ବର୍ଷା ପୂର୍ବରୁ ଡ୍ରେନର ବ୍ୟବସ୍ଥା କରିବାପାଇଁ ତ୍ରିଜଙ୍ଗା ଗ୍ରାମବାସୀ ସମେତ ବିସ୍ଥାପିତ ଲୋକେ ଦାବି କରିଛନ୍ତି।

## ମରଣଯନ୍ତା ପାଲଟିଛି ଚାନ୍ଦୋଳ କଲେଜ ଛକ-ବସୁପୁର ରାସ୍ତା

# ପ୍ରଶସ୍ତିକରଣ ଧର୍ମକୁ ଆଖିଠାର

### ଦୈନନ୍ଦିନ ଘଟୁଛି ଦୁର୍ଘଟଣା

### ଚିର ନିଦ୍ରାରେ ଡେରାବିଶ ଗ୍ରାମ୍ୟ ଉନ୍ନୟନ ବିଭାଗ



ଡେରାବିଶ,୨୬।୫ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଚାନ୍ଦୋଳ କଲେଜ ଛକ ଠାରୁ ବସୁପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଅଞ୍ଚଳବାସୀଙ୍କ ପାଇଁ ବହୁ ଗୁରୁତ୍ୱ ବହନ କରେ। ଏହି ରାସ୍ତାଟି ଡେରାବିଶ ବ୍ଲକ ସମେତ ଲୁଣାନଦୀ ଅପରପାର୍ଶ୍ୱରେ ଥିବା ଗରଦପୁର, ମାର୍ଶାଘାଇ ବ୍ଲକ ଅଞ୍ଚଳକୁ ସଂଯୋଗ କରୁଥିବାରୁ ଦୈନନ୍ଦିନ ହଜାର ହଜାର ଜନସାଧାରଣ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ବ୍ୟସ୍ତ ବହୁଳ ରାସ୍ତା ଭାବେ ପରିଚିତ ଏହି ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୧୦ ବର୍ଷ ପୂର୍ବେ ଉନ୍ନତି କରଣ କରାଯାଇଥିଲା। ମାତ୍ର ଅଣଓସାରିଆ ଥିବା ଏହି ରାସ୍ତାରେ ଦୁଇଟି ଚାରି ଚକିଆ ଯାନ ଅତିକ୍ରମ କରିବା କଷ୍ଟକର ହେଉଥିବା ବେଳେ ବହୁ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ନଜରକୁ ଆସିଥିଲା।

ତେବେ ପ୍ରାୟ ଦୁଇ ବର୍ଷ ପୂର୍ବେ ଏହି ଅଣଓସାରିଆ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଶସ୍ତିକରଣ କାର୍ଯ୍ୟ କରାଯାଇଥିଲା। ସେହି ସମୟରେ ଅଞ୍ଚଳବାସୀ ରାସ୍ତା କାର୍ଯ୍ୟକୁ ନେଇ ଆପତ୍ତି ଉଠାଇଥିଲେ। ପ୍ରଶସ୍ତିକରଣ କାର୍ଯ୍ୟ ସଠିକ ଢଙ୍ଗରେ ନହେବା ଓ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିବା ସମ୍ପର୍କରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇନଥିଲା। ପରିତାପର ବିଷୟ ରାସ୍ତା କାର୍ଯ୍ୟ ସରିବାର ଛଅମାସ ମଧ୍ୟରେ ରାସ୍ତାର ମଧ୍ୟରେ ଫାଟ ସୃଷ୍ଟି ହୋଇ ଗୋଟିଏ ପଟକୁ ଭଳି ପଡ଼ିଛି । ଯାହା ଆଜି ପର୍ଯ୍ୟନ୍ତ ସେହି ଅବସ୍ଥାରେ ଥିବା ବେଳେ ଏହି ରାସ୍ତାରେ ଦୈନନ୍ଦିନ ଦୁର୍ଘଟଣା ଘଟି ଧନଜୀବନ ହାନୀ ଘଟୁଛି।

ରାସ୍ତାଟି ଗୋଟିଏ ପଟକୁ ଢଳି ରହିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ଉଠି ରାସ୍ତାକୁ ସଙ୍କୁଚିତ କରି ଦେଇଛି। ଫଳରେ ଅଞ୍ଚଳବାସୀ ହୀନସ୍ତା ଭୋଗୁଥିବା ବେଳେ ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିବା ରତାଦିଆ ଖଣ୍ଡସାହି ପଞ୍ଚାୟତର ସମାଜସେବୀ ପଦ୍ମନାଭ ତ୍ରିପାଠୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ତେବେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ଏହି ରାସ୍ତାଟିକୁ ଯାତାୟାତ ଉପଯୋଗୀ କରିବା ପାଇଁ ସମାଜସେବୀ ପଦ୍ମନାଭ ତ୍ରିପାଠୀ ଦାବି କରିଛନ୍ତି। ନଚେତ୍ ଅଞ୍ଚଳର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମୋବାଇଲ ଆଉ ଜୁଆ ଖେଳ ପଥଭ୍ରଷ୍ଟ ହେଉଛନ୍ତି ଯୁବପିଢ଼ି

କେନ୍ଦ୍ରାପଡ଼ା,୨୬।୫(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଞ୍ଚଳର କରିଲୋପାଟଣା, ଡିହବଳରାମପୁର ଓ ଆୟତପୁର ଗ୍ରାମରେ ମୋବାଇଲ ମାଧ୍ୟମରେ ଅନଲାଇନ ଜୁଆ ଖେଳ ବଢ଼ୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ, କିଛି ଯୁବକ ଛକ ଓ ବଜାର ଅଞ୍ଚଳରେ ବସି ମୋବାଇଲ ଦ୍ୱାରା ଜୁଆ ଖେଳରେ ଲିପ୍ତ ରହୁଛନ୍ତି। ଏହାର ପ୍ରଭାବରେ ଅନେକ ଯୁବକ ପଥଭ୍ରଷ୍ଟ ହେଉଥିବା ସହ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବଢ଼ୁଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କେତେକ ଜୁଆଡ଼ି ରାତି ସାରା ଛକ ବଜାର ଓ ବିଭିନ୍ନ ସ୍ଥାନରେ ମଦ୍ୟପାନ କରି ହଙ୍ଗାମା କରୁଥିବାରୁ ସାଧାରଣ ଲୋକ ଓ ପଥଚାରୀମାନେ ଭୟଭୀତ ହେଉଛନ୍ତି। ବିଶେଷ କରି ବସୁପୁର ପୋଲ ଓ ଗାଁ ଗହଳି ଅଞ୍ଚଳରେ ଜୁଆଡ଼ିଙ୍କ ଆଡ୍ଡା ଜମୁଥିବାରୁ ପରିବେଶ ଅଶାନ୍ତ ହୋଇପଡ଼ିଛି।

ଏନେଇ କେନ୍ଦ୍ରାପଡ଼ା ଜିଲ୍ଲା ସାଇବର ଥାନାରେ ଅଭିଯୋଗ ହୋଇଥିବା ବେଳେ ଜୁଆ କାରବାରରେ ଲିପ୍ତ ଲୋକମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁଦାନଗରୀ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

## ଚାନ୍ଦୋଳ ବଜାରରେ ଏକାଧିକ ଷ୍ଟ୍ରିଟ ଲାଇଟ୍ ଅଚଳ

❍ ହୀନସ୍ତାରେ ବ୍ୟବସାୟୀ ❍ ଅଭିଯୋଗ ପରେ ବି ପ୍ରଶାସନ ନୀରବ

ଡେରାବିଶ,୨୬।୫ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଅନ୍ତର୍ଗତ ମୁଖ୍ୟ ବ୍ୟବସାୟ ସ୍ଥଳ ଚାନ୍ଦୋଳ ବଜାରରେ ବହୁ ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇପଡିଥିବା ବେଳେ ବ୍ୟବସାୟୀ ମାନେ ହୀନସ୍ଥା ଭୋଗୁଛନ୍ତି। ଚାନ୍ଦୋଳ ବଜାର ଏକ ପ୍ରମୁଖ ବ୍ୟବସାୟ ସ୍ଥଳ ହୋଇଥିବା ବେଳେ ଦୈନନ୍ଦିନ ଏହି ବଜାରରେ ହଜାର ହଜାର ଜନସାଧାରଣଙ୍କ ସମାଗମ ହୋଇଥାଏ। ରାଜ୍ୟ ରାଜପଥର କଡ଼ରେ ଥିବା ଏହି ବଜାର ଉପରେ ଡେରାବିଶ ବ୍ଲକର ୨୦ ଗୋଟି ପଞ୍ଚାୟତ ସମେତ ମାର୍ଶାଘାଇ ଓ ଗରଦପୁର ବ୍ଲକର ବହୁ ଜନସାଧାରଣ ନିର୍ଭର କରିଥାନ୍ତି। ଗୁରୁତ୍ୱକୁ ଉପଲବ୍ଧି କରାଯାଇ ପ୍ରାୟ ୪ ବର୍ଷ ପୂର୍ବେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ବିଧାୟକ ଉନ୍ନୟନ



ପାଣ୍ଠିରୁ ପ୍ରଦତ୍ତ ଅର୍ଥରେ ଚାନ୍ଦୋଳ ବଜାରର ଖରିଦାସାହି ଛକ ଠାରୁ କାକତିଆ ବଜାର ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍ ଲଗାଯାଇଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଏହାର ସଠିକ ରକ୍ଷଣାବେକ୍ଷଣ ହୋଇ ନ ଥିବାରୁ ଅର୍ଦ୍ଧାଧିକ ଲାଇଟ୍ ଅଚଳ ହୋଇପଡିଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗଜଲକ୍ଷ୍ମୀ ପୂଜାକୁ ଦୃଷ୍ଟିରେ ରଖି ଚାନ୍ଦୋଳ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର ମଲିକଙ୍କ ଦ୍ୱାରା ଷ୍ଟ୍ରିଟ ଲାଇଟ୍ ଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ କରାଯାଇଥିଲା। ମାତ୍ର ଇତି ମଧ୍ୟରେ ଉକ୍ତ ଷ୍ଟ୍ରିଟ ଲାଇଟ୍ ମଧ୍ୟରୁ ବହୁ ଲାଇଟ୍ ଅଚଳ ହୋଇପଡିଥିଲେ ହେ କାହାରି ସେଥିପ୍ରତି ନିଘା ନାହିଁ।

କିଛି ମାସ ହେବ ସ୍ଥାନୀୟ ଅଞ୍ଚଳରେ ଚୋରି ରାହାଜାନି ବଢ଼ି ଚାଲିଥିବା ବେଳେ ଚାନ୍ଦୋଳ ବଜାରର ଏକାଧିକ ଦୋକାନରୁ ଲୁଟିଆମାନେ କଳାକନା ବୁଲାଇଛନ୍ତି। ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଜନସାଧାରଣ ଓ ବ୍ୟବସାୟୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଷ୍ଟ୍ରିଟ ଲାଇଟ୍ ଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ମନମାନୀରେ ଚାଲିଛି ଗୋତରା ଅଙ୍ଗନବାଡି କେନ୍ଦ୍ର-୨



ମାହାଙ୍ଗା, ୨୬।୫ (ସଂଚାର ବ୍ୟୁରୋ)ଃ ସରକାରତଙ୍କ ପକ୍ଷରୁ କୁନି କୁନି ପିଲାମାନଙ୍କ ପାଠ ପଢ଼ାଇବା ନିମନ୍ତେ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଅଛି। ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢ଼ା ଯାଇଥାଏ। କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନବାଡି କର୍ମୀ ଓ ସହାୟିକା ସଠିକ୍ ସମୟରେ ଦେଖା ମିଳୁନାହାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ ସ୍ଥିତ ଗୋତରା ଅଙ୍ଗନୱାଡୀ କେନ୍ଦ୍ର-୨ରେ।

**୭ଟା ୨୦ ପର୍ଯ୍ୟନ୍ତ କେନ୍ଦ୍ରରେ ଝୁଲୁଛି ତାଲା, କାର୍ଯ୍ୟାନୁଷ୍ଠାନ ଦାବି**

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୬.୩୦ ଟାରେ ଖୋଲିବା ସହ ୯ଟା ସମୟରେ ବନ୍ଦ ହୋଇଥାଏ। କିନ୍ତୁ ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନବାଡି କର୍ମୀ ହରପ୍ରିୟା ସ୍ୱାଇଁ ୭.୨୦ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସିନଥିଲେ ଯାହା ଫଳରେ ୭ଟା ୨୦ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲିଥିବା ଦେଖିବାକୁ ମିଳିଛି। କିନ୍ତୁ ଏହି କେନ୍ଦ୍ରର ସହାୟିକା ସୀତା ମହାରଣା କେନ୍ଦ୍ରକୁ ଆସିଥିଲେ ମଧ୍ୟ ତାଙ୍କ ନିକଟରେ ଚାବି ନ ଥିବାରୁ ସେ କେନ୍ଦ୍ରରେ ବସି ରହିଥିଲେ। ଯାହାକି ସରକାରଙ୍କ ନିୟମକୁ ଅଙ୍ଗନବାଡୀ କର୍ମୀ ଶ୍ରୀମତୀ ସ୍ୱାଇଁ ଫୁ କରି ଦେଉଛନ୍ତି। ଏପରିକି ୭.୨୦ ପର୍ଯ୍ୟନ୍ତ କେନ୍ଦ୍ରକୁ କୌଣସି ପିଲାମାନେ ମଧ୍ୟ ଆସିଥିଲେ। ତେଣୁ ଏଠାରେ ସ୍ପଷ୍ଟ ବାରିହୋଇ ପଡୁଛି କି କେନ୍ଦ୍ର କିପରି ଭାବେ ଚାଲୁଥିବ। ସେହିପରି ପିଲାମାନଙ୍କ ପାଠ ପଢ଼ା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡ଼ିବ।

ଏ ନେଇ ସିଡିପିଓ ଗରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ କେନ୍ଦ୍ରଗୁଡିକ ୬.୩୦ରୁ ୯ ପର୍ଯ୍ୟନ୍ତ ଖୋଲା ରହିବ। ଯଦି କୌଣସି ଅଙ୍ଗନବାଡି କର୍ମୀ କିମ୍ବା ସହାୟିକା କାର୍ଯ୍ୟରେ ଅବହେଳା କରିଛନ୍ତି ଏ ନେଇ ମୁଁ ମୋ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବି।

## ବିଜେପିରେ ମିଶିଲେ ବିଜେଡି ନେତା

● ଖୁବ୍ ଶୀଘ୍ର ପଞ୍ଚାୟତସ୍ତରୀୟ କର୍ମୀ ହେବେ ସାମିଲ



କେନ୍ଦ୍ରାପଡ଼ା,୨୬।୫(ସଂଚାର ବ୍ୟୁରୋ)ଃ ବିଜେଡି ଛାଡି ବିଜେପିରେ ମିଶିଛନ୍ତି ୮ ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା, ପୂର୍ବତନ ସରପଞ୍ଚ ଶ୍ରୀମତୀ ସାହୁ। ସେହିପରି ଏହି ଅବସରରେ ବିଜେଡିର ବରିଷ୍ଠ ନେତା ତଥା ବିଜେଡିର ବଗଡ଼ା ପଞ୍ଚାୟତ ସଭାପତି ସୁରେନ୍ଦ୍ର ସାହୁ ମଧ୍ୟ ବିଜେପିରେ ମିଶିଛନ୍ତି। ଶ୍ରୀମତୀ ସାହୁ ଓ ସୁରେନ୍ଦ୍ର ସାହୁ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ମିଶିଥିବା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ବିଜେଡିରେ ସେମାନଙ୍କୁ ଉପେକ୍ଷା କରାଗଲା। ଏହାସହ ରାଜ୍ୟରେ ବିଜେପି ସରକାର ସ୍ୱଚ୍ଛ ଶାସନ ଚଳାଇଥିବାରୁ ସେମାନେ ଏଥିରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ସେମାନଙ୍କ ଶତାଧିକ ଅନୁଗାମୀ ମିଶିବେ ବୋଲି ସେମାନେ ପ୍ରକାଶ କରିଛନ୍ତି। ବିଜେପି କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଜ୍ୟୋତ୍ସ୍ନା ରାଣୀ ଜେନାଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀଯୁକ୍ତ ଅମୀୟ ଜେନାଙ୍କ ଉପସ୍ଥିତିରେ ସେମାନେ ବିଜେପିରେ ମିଶିଛନ୍ତି। ତୃଣମୂଳ ସ୍ତରରେ ବିଜେପିକୁ ଅଧିକ ସକ୍ରିୟ ଓ ମଜଭୁତ କରିବା ପାଇଁ ଏହି ପ୍ରୟାସ ଜାରି ରହିଛି। ଆଗାମୀ ଦିନରେ ହଜାର ହଜାର ବିଜେଡି ନେତା ଓ କର୍ମୀ ବିଜେପିରେ ଯୋଗଦେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଛନ୍ତି ଓ ଏନେଇ ସେମାନେ ପ୍ରତିଶୃତି ଦେଇଛନ୍ତି ବୋଲି ଶ୍ରୀ ଜେନା ଗଣମାଧ୍ୟମକୁ ଏକ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ବିଜେପି ଜିଲ୍ଲା କାର୍ଯ୍ୟନିର୍ବାହୀ ସଦସ୍ୟ ମନୋରଞ୍ଜନ ସାମଲ, ଜିଲ୍ଲା ଏସସି ମୋର୍ଚ୍ଚ ଉପସଭାପତି ସ୍ୱରାଜ ମଲ୍ଲିକ, ବରିଷ୍ଠ ବିଜେପି ନେତା ତଥା ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାତ ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ। ଶ୍ରୀମତୀ ସାହୁ କହିଛନ୍ତି ଖୁବ ଶୀଘ୍ର ବଗଡ଼ା ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହେବେ। ରାଜ୍ୟରେ ଚାଲିଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଲୋକପ୍ରିୟ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେପିରେ ମିଶିଥିବା ପ୍ରକାଶ କରିଛନ୍ତି।

## ପ୍ରଚଣ୍ଡ ଗୀଷ୍ମରେ ଜଳୁଛି ହିଂଜିଳି, ବଜାର ଘାଟ ଶୂନଶାନ

ହିଞ୍ଜିଳିକାଟୁ, ୨୬।୫ (ସଂଚାର ବ୍ୟୁରୋ)ଃ ହିଞ୍ଜିଳିକାଟୁ ସହର ସମେତ ଏହାର ଆଖପାଖ ଅଂଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଖରାର ତାତି। ପ୍ରତିଦିନ ପାରଦ ବଢ଼ିବାରେ ଲାଗିଛି। ସକାଳ ୭ଟାରୁ ଅପରାହ୍ନ ୫ଟା ପଯ୍ୟନ୍ତ ଖରା ସାଙ୍ଗକୁ ଗୁଳୁଗୁଳିର ପ୍ରକୋପ ଏମିତି ରହୁଛି ଯେ ପଦାକୁ ବାହାରିବା ସମ୍ଭବ ହୋଇନି । ବିଶେଷ କରି ଅଂଶୁଘାତ ଭୟ ସୃଷ୍ଟି ହେଉଛି । ଏହି ସମୟ ମଧ୍ୟରେ ସବୁଆଡେ ସହର ସାରା ଶୂନଶାନ ହୋଇଯାଉଛି ।

ଚଳିତ ବର୍ଷର ତାପମାତ୍ରା ମାଧ୍ୟାହ୍ନରେ ୪୦ ଡିଗ୍ରୀ ଛୁଇଁଥିବା ନେଇ ଜଣାପଡିଛି। ଫଳରେ ସାଧାରଣ ଜୀବନ ଯାତ୍ରା ବାଧାପ୍ରାପ୍ତ ହୋଇଛି। ଗୁଳୁଗୁଳି ଓ ଖରା ସତ୍ତ୍ୱେ ଅତ୍ୟାବଶ୍ୟକ କାମ ପାଇଁ ଲୋକେ ପଦାକୁ ଗୋଡ କାଢ଼ୁଛନ୍ତି । ଘରୁ ପଦାକୁ ବାହାରିବାକୁ ହେଲେ ଲୋକେ ଛତା ଓ ଗାମୁଛାର ସାହାଯ୍ୟ ନେଉଛନ୍ତି । ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ଲୋକେ ପଇଡ ଦୋକାନ ଓ ଆଖୁରସ ଦୋକାନରେ ଭିଡ ଜମାଉଛନ୍ତି ।

## ବୋରିଗୁମ୍ମାରେ ବଢୁଛି ମନ୍ଦିରରୁ ଚୋରି

ବୋରିଗୁମ୍ମା, ୨୬।୫ (ସଂଚାର ବ୍ୟୁରୋ) କୋରାପୁଟ ଜିଲ୍ଲା ବୋରିଗୁମ୍ମା ଉପଖଣ୍ଡ ଆରୋକ୍ଷୀ ଅଧ୍ୟକ୍ଷଙ୍କ କର୍ଯ୍ୟାଳୟ ଅଧୀନ ବି.ସିଂହପୁର ସ୍ଥିତ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ଓ ମା' ସଂକୁଳାଇ ମନ୍ଦିର, ଏବଂ ମୁଣ୍ଡାଗୁଡା ଓ ସେମେଲା ଗୁଡା ଗ୍ରାମର ଆରୋଧ୍ୟ ଠାକୁରାଣୀଙ୍କ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚାରଟି ମନ୍ଦିର ତାଲା ଭାଙ୍ଗି କଳାକନା ବୁଲେଇ ଦେଲେ ଦୁର୍ବୃତ୍ତ। ଗୋଟିଏ ରାତିରେ ଚାରି ଚାରିଟି ସ୍ଥାନରେ ଚୋରି ହୋଇଥିବା ଘଟଣା ବୋରିଗୁମ୍ମା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଯାଇଛି।

ବୋରିଗୁମ୍ମା ବ୍ଲକ ବି. ସିଂହପୁର ପୁଲିସ ଥାନା ଅଧୀନ ମୁଣ୍ଡାଗୁଡା ସେମଲା ଗୁଡା ଓ ବି. ସିଂହପୁର ସ୍ଥିତ ମା' 'ସାଙ୍କୁଲେଇ ଓ ଠାକୁରାଣୀଙ୍କ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଛି। ମନ୍ଦିର ଫାଟକ ଭାଙ୍ଗି କେହି ଦୁର୍ବୃତ୍ତ ମା'ଙ୍କ ବିଗ୍ରହରୁ ସୁନାର ହାର, ଚିତା ଏବଂ ରୁପା ଆଖି ଓ ମୁକୁଟ ଲୁଟି ନେଇଛନ୍ତି। ଆରାଧ୍ୟ ଠାକୁରାଣୀଙ୍କ ମନ୍ଦିରରୁ



ଚୋରି ଘଟଣା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି | ଏ ନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏନେଇ ଥାନାରେ ୩ ଖଣ୍ଡ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି ବୋଲି ଥାନା ଅଧିକାରୀ ଲିମା ରାଜ ପ୍ରଧାନ ସୂଚନା ଦେଇଛନ୍ତି |

କହିବାକୁ ଗଲେ ବି. ସିଂହପୁର ଥାନା ଅଞ୍ଚଳରେ ମନ୍ଦିର ଚୋରି, ରାହାଜାନୀ ବଢ଼ି ଚାଲିଥିବା ବେଳେ ପୁଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଜି ୩ ଘଣ୍ଟା ବନ୍ଦ ରହିବ ଶ୍ରୀବଳଦେବଜୀଉଙ୍କ ସାଧାରଣ ଦର୍ଶନ



କେନ୍ଦ୍ରାପଡ଼ା,୨୬।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ବୁଧବାର ସକାଳ ସାତଟାରୁ ଦଶଟା ତିନି ଘଣ୍ଟା ପର୍ଯ୍ୟନ୍ତ ସର୍ବ ସାଧାରଣ ଦର୍ଶନ ବନ୍ଦ ରହିବ । କାରଣ ଆସନ୍ତା ୨୭ ତାରିଖ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ । ଚିତ୍ରକର ସେବାୟତ ଜୟ ମଙ୍ଗଳା ଆଳତି ସମ୍ପନ୍ନ ପରେ ରତ୍ନ ସିଂହାସନକୁ ଯାଇ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇଥାନ୍ତି । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ସକାଳ ସାତଟାରୁ ଦଶଟା ତିନି ଘଣ୍ଟା ସର୍ବ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀବଳଦେବଜୀଉ ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ।

## ପଟ୍ଟାମୁଣ୍ଡାଇରେ ପୁଲିସର ଫ୍ଲାଗମାର୍ଚ୍ଚ



ପଟ୍ଟାମୁଣ୍ଡାଇ,୨୬।୫ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଏସ ସିଦ୍ଧାର୍ଥ କଟାରିଆ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ଆସନ୍ତା ଇଦୁଲ ଫିତରକୁ ଆଖି ଆଗରେ ରଖି ସହରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ପକ୍ଷରୁ ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା । ଏଏସଆଇ ସୁମନ୍ତ ସେଠୀଙ୍କ ନେତୃତ୍ୱରେ ସଶସ୍ତ୍ର ପୁଲିସ ବାହିନୀ ଫ୍ଲାଗ ମାର୍ଚ୍ଚ କରି ବିଶୃଙ୍ଖଳା ସୃଷ୍ଟିକାରୀ ଉପରେ ସତର୍କ ଦୃଷ୍ଟି ରଖିବା ସହିତ କୌଣସି ଗଣ୍ଡଗୋଳ ହେଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାର୍ତ୍ତା ଦେଇଥିଲେ ।

## ଅତାରେ ବଢୁଛି ଜବରଦଖଲ



ଆନନ୍ଦପୁର,୨୬।୫ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ବାତୋ ପଞ୍ଚାୟତ ଅତା ଗ୍ରାମରେ ଦିନକୁ ଦିନ ବଢ଼ୁଛି ସରକାରୀ ଜମି ଜବର ଦଖଲ। ସରକାର ଏକପଟେ ଜବରଦଖଲ ଉଚ୍ଛେଦ କରୁଥିବା ବେଳେ ଅନ୍ୟପଟେ ଅମାନିଆମାନେ ପୁଣି ସରକାରୀ ଜମିକୁ କବ୍‌ଜା କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗ୍ରାମରେ ବଢ଼ୁଛି ଅସନ୍ତୋଷ।

ଅଭିଯୋଗ ଅନୁସାରେ ଗତ ୨୯ ସେପ୍ଟେମ୍ବର ୨୦୨୪ରେ ଘଷିପୁରା ତହସିଲରେ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ମାସ ପରେ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଫଳରେ ଦିନକୁ ଦିନ ଜବରଦଖଲକାରୀଙ୍କ ଦବଦବା ବଢ଼ୁଥିବା କୁହାଯାଉଛି। ଗ୍ରାମର ମୁଖ୍ୟ

**ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ**

ଛକର ଉଭୟ ପାର୍ଶ୍ୱରେ ଜବର ଦଖଲ ହୋଇଥିବାରୁ ସେଠାରେ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇ ପାରୁନାହିଁ। କେବଳ ସେତିକି ନୁହେଁ, ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ବି କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ତୁରନ୍ତ ଜବର ଦଖଲ ଉଚ୍ଛେଦ କରି ସରକାରୀ ଜମିକୁ ମୁକ୍ତ କରିବା ସହ ଗ୍ରାମରେ ବିକାଶମୂଳକ କାର୍ଯ୍ୟ ପାଇଁ ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।

## ପ୍ରକୃତ ଅଭିଯୁକ୍ତକୁ ଗିରଫ ଦାବିରେ ଗଣବିକ୍ଷୋଭ

ଢେଙ୍କାନାଳ,୨୬।୫(ସଂଚାର ବ୍ୟୁରୋ)ଃ ସଦର ବ୍ଲକ ଅନ୍ତର୍ଗତ ଭାପୁର ଗ୍ରାମ ପଂଚାୟତର ବଣିଆସାହି (ପାଣସାହି) ତରଫରୁ ଭାପୁର ଅଶାନ୍ତି ନାଏକଙ୍କୁ ମାରଣାନ୍ତକ ଆକ୍ରମଣ ଘଟଣାର ପ୍ରକୃତ ଅଭିଯୁକ୍ତକୁ ଗିରଫ ନକରି ନିର୍ଦ୍ଦୋଷ ସୁକୁଟା ନାଏକକୁ ଗିରଫ ପ୍ରତିବାଦରେ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଅଛି ।

ଅଶାନ୍ତି ନାଏକଙ୍କୁ କିଏ ଆକ୍ରମଣ କରିଛି ତାହାର ପ୍ରମାଣ ପୁଲିସ ପାଖରେ ନାହିଁ । ବିଭିନ୍ନ ସାମାଜିକ ସଂଗଠନ ଓ ରାଜନୈତିକ ଦଳ ମାନଙ୍କ ବାରମ୍ବାର ବିଦ୍ରୋହ ଓ ବିକ୍ଷୋଭ ଫଳରେ ପୁଲିସ୍ ଚାପଗ୍ରସ୍ତ ହୋଇ ଓ ନିଜର ଦାୟିତ୍ୱ ତୁଲାଇବାର ସାବାସୀ ନେବା ପାଇଁ କ୍ଷମତାକୁ ଦୁରୁପଯୋଗ କରି ସୁକୁଟା ନାଏକକୁ ଗତ ତା ୨୪/୦୫/୨୦୨୬ ରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପୂର୍ବରୁ ସାହିର ଲୋକମାନେ ଗତ ତା ୦୧/୦୫/୨୦୨୬ ରିଖରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ଭାପୁର



ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପରେ ତା ୦୮/୦୫/୨୦୨୬ରିଖରେ ଢେଙ୍କାନାଳ ଆରକ୍ଷୀ ଅଧ୍ୟକ୍ଷକ, ଜିଲ୍ଲାପାଳ ଓ ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଓଡ଼ିଶା ସରକାର କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ମଧ୍ୟ ଲିଖୁତ ଅଭିଯୋଗ କରିଥିଲେ । ସମସ୍ତେ ଆଶ୍ୱସନା ଦେଇଥିଲେ ଯେ କେବଳ ଦୋଷୀଙ୍କୁ ଗିରଫ କରାଯିବ।

ଏହା ପୂର୍ବରୁ ସୁକୁଟା ନାଏକକୁ ପୁଲିସ ଦୁଇଥର ପଚରା ଉଚୁରା କରିଥିଲେ ଓ ନିର୍ଦ୍ଦୋଷ ଭାବି ଛାଡ଼ିଦେଇ ଥିଲେ । ମାତ୍ର ବିଭିନ୍ନ ଚାପର ପ୍ରଭାବରେ ପୁଲିସ ସୁକୁଟା ନାଏକକୁ ଗତ ତା.୨୪/୦୫/୨୦୨୬ ରିଖରେ ଗିରଫ କରି କୋର୍ଟକୁ ଚାଲାଣ କରିଛି । ଏହି ଗିରଫ ବେଆଇନ ଓ ପୁଲିସ ସୁକୁଟାକୁ ଗିରଫ କରିବା ଓ ଗିରଫ ମେମୋରେ ପିତା ନବ ନାଏକଙ୍କ ମିଛ କହି, ସୁକୁଟାକୁ ଛାଡିଦେବୁ କହି ଗିରଫ କରିଥିବାରୁ ଲୋକମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । କୌଣସି ସୁଫଳ ନମିଳିବାରୁ ଆଜି ସାହିର ଲୋକମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆରକ୍ଷୀ ଅଧ୍ୟକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷକଙ୍କୁ ଦାବିପତ୍ର ଦେଇଥିଲେ।

# ଟ୍ୱିନ୍ ସିଟିରେ ସହରୀ ଗତିଶୀଳତାର ଅଡିଟ୍ କରିବେ ସିଏଜି



ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ ତାଙ୍କର ବାର୍ଷିକ କାର୍ଯ୍ୟ ଯୋଜନା ୨୦୨୬-୨୭ ଅନ୍ତର୍ଗତ ଦେଶର ୧୦୧ଟି ସହରରେ ସହରୀ ଗତିଶୀଳତା (ଅର୍ବାନ ମୋବିଲିଟି) ଉପରେ ଏକ 'ନାଗରିକ-କେନ୍ଦ୍ରିକ ଅନୁପାଳନ ଅଡିଟ୍' (ସିଟିଜେନ୍-ସେଣ୍ଟ୍ରିକ୍ କମ୍ପ୍ଲାଏନ୍ସ ଅଡିଟ୍) କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବିତ ଅଡିଟ୍ ପ୍ରକ୍ରିୟା ପାଇଁ ଓଡ଼ିଶାରୁ ଭୁବନେଶ୍ୱର ଏବଂ କଟକ ସହରକୁ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସହରୀ ଗତିଶୀଳତା ଉପରେ ଏକ 'ଏଣ୍ଟ୍ରି କନଫରେନ୍ସ' (ପ୍ରାରମ୍ଭିକ ବୈଠକ) ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ପ୍ରଧାନ ମହାଲେଖାକାର (ଅଡିଟ୍-୧) ସୁବୁ ଆର୍, ଉପ-ମହାଲେଖାକାର ବାଲକ୍ରିଷ୍ଣା ଓ ଅଡିଟ୍ ଦଳର ସଦସ୍ୟମାନେ ଯୋଗଦେଇଥିଲେ।

ସମ୍ମିଳନୀ ଅବସରରେ ଅଡିଟ୍ ଦଳ ପକ୍ଷରୁ ପ୍ରସ୍ତାବିତ ଅଡିଟ୍‌ର ମାପଦଣ୍ଡ, ଆଇନଗତ ଓ ନୀତିଗତ ଆଭିମୁଖ୍ୟ, ସହରୀ ପରିବହନ ବ୍ୟବସ୍ଥା, ପ୍ରମୁଖ ସେବା କ୍ଷେତ୍ର, କାର୍ଯ୍ୟପନ୍ଥା ଓ ସମୟସୀମା ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା (ପ୍ରେଜେଣ୍ଟେସନ) କରାଯାଇଥିଲା। ଏଥିସହ ସୁରୁଖୁରୁରେ ଅଡିଟ୍ କାର୍ଯ୍ୟ ଶେଷ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ମନୋନୀତ କରିବା ସହ ସମ୍ପୃକ୍ତ ସମସ୍ତ ବିଭାଗ ଓ ସଂସ୍ଥାଗୁଡ଼ିକର ସହଯୋଗ ଲୋଡ଼ିଛି ମହାଲେଖାକାରଙ୍କ କାର୍ଯ୍ୟାଳୟ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଅଡିଟ୍‌ର ସଫଳ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଏବଂ ଆବଶ୍ୟକୀୟ ସହାୟତା ଯୋଗାଇଦେବାକୁ ଆଶ୍ୱାସନା ଦେଇଛନ୍ତି। ସହରୀ ଗତିଶୀଳତା ବ୍ୟବସ୍ଥାକୁ ଅଧିକ ସ୍ପଷ୍ଟ ଭାବେ ବୁଝିବା, ଗଠନମୂଳକ ଆଲୋଚନା ଓ ବ୍ୟାବହାରିକ ପରାମର୍ଶ ପାଇଁ ନିଜ ନିଜର ସମସ୍ୟା, ଆହ୍ୱାନ ଓ କାର୍ଯ୍ୟକ୍ଷେତ୍ରରେ ରହୁଥିବା ଅସୁବିଧାଗୁଡ଼ିକୁ ଅଡିଟ୍ ଟିମ୍ ସମ୍ମୁଖରେ ଉପସ୍ଥାପନ କରିବାକୁ ସେ ବିଭାଗୀୟ ଅଧିକାରୀ ଓ ସହଭାଗୀ ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅଡିଟ୍ ପରିଚାଳନା ପାଇଁ ପ୍ରସ୍ତାବିତ ସମୟସୀମା ଓ ରୂପରେଖ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, କ୍ରୁଟ୍, କଟକ ମହାନଗର ନିଗମ, କଟକ ଉନ୍ନୟନ କର୍ତ୍ତୃପକ୍ଷ, ସ୍ମାର୍ଟ ସିଟି ଲିମିଟେଡ୍, ବାଣିଜ୍ୟ ଓ ପରିବହନ ବିଭାଗ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗୃହ ବିଭାଗ ଓ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ୫-୭ ଟିପି ସ୍କିମ୍ ପାଇଁ ଡ୍ରାଫ୍ଟ ଏସ୍‌ଓପି ଜାରିକଲା ବିଡିଏ

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଜୋନ୍ -୧ରେ ସହର ପରିକଳ୍ପନା ଯୋଜନା (ଟିପି ସ୍କିମ) ୫ରୁ ୭ ଅନ୍ତର୍ଗତ ଜମି ଅଂଶ ପୁନର୍ଗଠନ ପାଇଁ ଏକ ଡ୍ରାଫ୍ଟ ଏସ୍‌ଓପି ପ୍ରକାଶ କରିଛି। ଏହା ସହରରେ ସ୍ୱଚ୍ଛ, ନିରପେକ୍ଷ ଓ ସଂରଚିତ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ଡ୍ରାଫ୍ଟ ଏସ୍‌ଓପି ମଲିପଡ଼ା ଓ ଦାସପୁର ରାଜସ୍ୱ ଗ୍ରାମ ଅଧୀନରେ ଥିବା ଅଞ୍ଚଳଗୁଡ଼ିକ ଅନ୍ତର୍ଭୁକ୍ତ। ଏହି ଡ୍ରାଫ୍ଟ ଏସ୍‌ଓପି ସମାନ ନିର୍ଦ୍ଦେଶାବଳୀ ମାଧ୍ୟମରେ ପ୍ଲଟ୍ ପୁନର୍ଗଠନ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିବା ଲକ୍ଷ୍ୟ ରଖିଛି। ଏଥିରେ ଜମି ମାଲିକମାନଙ୍କୁ ସର୍ବାଧିକ ଲାଭ ପ୍ରଦାନ କରିବା ସହ ପୁନର୍ଗଠିତ ପ୍ଲଟ୍‌ଗୁଡ଼ିକର ସହଜ, ସମାନ ଓ ବିବାଦମୁକ୍ତ ବଣ୍ଟନ ନିଶ୍ଚିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପଦକ୍ଷେପ ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିବା ସହ ଜମି ମାଲିକଙ୍କ ସ୍ୱାର୍ଥ ସୁରକ୍ଷିତ ରଖିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ଜାରି କରାଯାଇଥିବା ଡ୍ରାଫ୍ଟ ଏସ୍‌ଓପିରେ ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତା ହେଉଛି ସମାନ ମୌଜା ମଧ୍ୟରେ ପ୍ଲଟ୍‌ଗୁଡ଼ିକର ସ୍ୱେଚ୍ଛାକୃତ ମିଶ୍ରଣ ବ୍ୟବସ୍ଥା। ପ୍ରସ୍ତାବ ଅନୁଯାୟୀ, ଯେଉଁ ଜମି ମାଲିକମାନେ ନିଜର ପ୍ଲଟ୍‌ଗୁଡ଼ିକୁ ମିଶ୍ରଣ କରିବେ, ସେମାନେ ଭିତ୍ତିଭୂମି ଓ ସାର୍ବଜନୀନ ସୁବିଧା ପାଇଁ ୪୦ ପ୍ରତିଶତ ରିହାତି ପରେ ମୋଟ ଜମି କ୍ଷେତ୍ରଫଳର ୬୦ ପ୍ରତିଶତ ଫେରସ୍ତ ପାଇବେ। ଏଥିସହ ଗୋଟିଏ ମୌଜା ଭିତରେ ବିଭିନ୍ନ ଖାତା ନମ୍ବରରେ ଜଣେ ମାଲିକଙ୍କର ଏକାଧିକ ପ୍ଲଟ୍ ଥିଲେ, ଏହି ଏସ୍‌ଓପି ସେଠାରେ ମଧ୍ୟ ପ୍ଲଟ୍ ମିଶାଇବାକୁ ଅନୁମତି ଦେଇଛି। ଏହି ବ୍ୟବସ୍ଥା ଜମି ମାଲିକମାନଙ୍କୁ ଅଧିକ ଲାଭ ପ୍ରଦାନ କରିବା ସହ ଯୋଜନାବଦ୍ଧ ସହରୀ ବିକାଶ ଓ ଉନ୍ନତ ପ୍ଲଟିଂ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।



ଯୋଜନାବଦ୍ଧ ସହରାଞ୍ଚଳ ବିକାଶକୁ ଉତ୍ସାହିତ କରିବା ପାଇଁ ବିଡିଏ ବୃହତ ମିଶ୍ରିତ ପ୍ଲଟ୍ ପାଇଁ ଫ୍ଲୋର ଏରିଆ ରେସିଓ (ଏଫଏଆର) ପ୍ରୋତ୍ସାହନ ପ୍ରସ୍ତାବ ଦେଇଛି। ଏହି ପଦକ୍ଷେପ ଉତ୍ତମ ଭୂମି ବ୍ୟବହାରକୁ ପ୍ରୋତ୍ସାହିତ କରିବ ଓ ବିକାଶଶୀଳ କ୍ଷେତ୍ରରେ ନିବେଶକୁ ଆକର୍ଷିତ କରିବ। ବିଜ୍ଞପ୍ତି ପ୍ରକାଶିତ ପାଇବାର ୭ ଦିନ ମଧ୍ୟରେ ଜମି ମାଲିକ, ଅଂଶୀଦାର ଓ ସାଧାରଣ ଜନତା ଏହି ଡ୍ରାଫ୍ଟ ଏସ୍‌ଓପି ଉପରେ ନିଜର ମତାମତ ଓ ପରାମର୍ଶ ଦେଇପାରିବେ। ଏହି ମାଧ୍ୟମରେ ଯୋଜନାକୁ ଆହୁରି ଉନ୍ନତ ଓ ସମସ୍ତଙ୍କ ପାଇଁ ଲାଭଦାୟକ କରାଯାଇପାରିବ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

● ପାଲିଗୁଡ଼ା ହତ୍ୟାକାଣ୍ଡ ରହସ୍ୟ ଉନ୍ମୋଚିତ

## ଦେହରୁ ଲୁଗା ଖସିଯିବାରୁ ଜୀବନ ନେଇଥିଲା ସ୍ୱାମୀ



ଜୟପୁର,୨୬।୫(ସଂଚାର ବ୍ୟୁରୋ): ସଦର ବ୍ଲକ୍ ପାଲିଗୁଡ଼ା ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି ସଦର ପୁଲିସ। ଗାଧୋଇବା ସମୟରେ ଦେହରୁ ଲୁଗା ଖସିଯିବାରୁ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀକୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲା ସ୍ୱାମୀ। ଏହି ମାମଲାରେ ଅଭିଯୁକ୍ତକୁ ଗିରଫ କରାଯାଇଛି। ସେ ହେଉଛି ପାଲିଗୁଡ଼ାର ବିଭୀଷଣ ଭୂମିଆ (୩୭)। ଆକ୍ରମଣରେ ବ୍ୟବହୃତ ଠେଙ୍ଗାକୁ ପୁଲିସ୍ ଜବତ କରିଛି। ବିଭୀଷଣକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ସଚ୍ଚୀନ୍ଦ୍ର ପ୍ରଧାନ କହିଛନ୍ତି। ପୁଲିସ ଦେଇଥିବା ସୂଚନାନୁଯାୟୀ, ପାଲିଗୁଡ଼ାରେ ବିଭୀଷଣ ଓ କମଳା ମାଝୀ ରହୁଥିଲେ। ଗତ ୨୩ ତାରିଖରେ ଗାଁରେ ଏକ ସାମାଜିକ କାର୍ଯ୍ୟକ୍ରମ ଥିଲା। କାମ ସରିବା ପରେ ଗାଧୋଇବା ଲାଗି କମଳା ଯାଇଥିଲେ। ଏହି ସମୟରେ ଅସାବଧାନତାବଶତଃ ତାଙ୍କ ଶରୀରରୁ ଲୁଗା ଖସିଯାଇଥିଲା। ଏହା ଦେଖି ବିଭୀଷଣ ରାଗିପାଚି ଲାଲ୍ ହୋଇଯାଇଥିଲା। ସେ କମଳାଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲା। ଏହାକୁ କମଳା ବିରୋଧ କରିବାରୁ ତାଙ୍କୁ ଠେଙ୍ଗାରେ ପିଟିବା ଆରମ୍ଭ କରିଥିଲା। କମଳା ଏଥିରେ ଆହତ ହୋଇଥିଲେ ମଧ୍ୟ ବିଭୀଷଣ ତାଙ୍କୁ ଡାକ୍ତରଖାନା ନେଇନଥିଲା। ଫଳତଃ ରାତିରେ କମଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ପରଦିନ ଅର୍ଥାତ ୨୪ ତାରିଖରେ କମଳାଙ୍କ ମୃତ୍ୟୁ ହୋଇଥିଲା। ଅପରାହ୍ଣ ସାଢ଼େ ୨ଟାରେ କମଳାଙ୍କ ମୃତ୍ୟୁ ଖବର ପାଇ ପାଲିଗୁଡ଼ାରେ ପହଞ୍ଚିଥିଲେ ସମ୍ପର୍କୀୟ। କମଳାଙ୍କ ପାଟିରୁ ରକ୍ତ ବାହାରୁଥିଲା। ପିଠିରେ ମାଡ଼ ଚିହ୍ନ ବି ରହିଥିଲା। ଏ ସମ୍ପର୍କରେ ପୁଲିସକୁ ଖବର ଦିଆଯାଇଥିଲା। ବିଭୀଷଣ ପିଟିପିଟି ହତ୍ୟା କରିଛି ବୋଲି ସମ୍ପର୍କୀୟମାନେ ଏତଲାରେ ଦର୍ଶାଇଥିଲେ। ଆଇଆଇସି ଶ୍ରୀ ପ୍ରଧାନ, ଏସ୍‌ଆଇ ଶିରୀଶ ମହାପାତ୍ର, ଅମୀୟ ରଞ୍ଜନ ସଗରିଆ, ଏଏସ୍‌ଆଇ ପ୍ରଶାନ୍ତ ସରକାର ପହଞ୍ଚି ଗାଁ ଲୋକଙ୍କୁ ପଚରାଉଚରା କରିଥିଲେ। କୋରାପୁଟ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ପରେ ପଚରାଉଚରା ସମୟରେ ବିଭୀଷଣ ପୁଲିସ ଆଗରେ ତା'ର ସମସ୍ତ ଦୋଷ ସ୍ୱୀକାର କରିଥିଲା। ଆଇଆଇସି ଶ୍ରୀ ପ୍ରଧାନ ମାମଲାର ତଦନ୍ତକାରୀ ଅଧିକାରୀ ରହିଛନ୍ତି।

## ଭଡ଼ା ଘରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ରାଜଧାନୀରେ ଚାଞ୍ଚଲ୍ୟ। ଭୁବନେଶ୍ୱର ପାହାଳ ଅଞ୍ଚଳସ୍ଥିତ ଏକ ଭଡ଼ା ଘରୁ ସ୍ଥାନୀୟ ପୁଲିସ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବତୀ ଜଣଙ୍କ ଭଦ୍ରକ ବାସୁଦେବପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଯୁବତୀ ଜଣଙ୍କ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ ମାନବ ସମ୍ବଳ ବିଭାଗରେ କାର୍ଯ୍ୟ କରୁଥିଲେ। ହେଲେ ୬ ମାସ ତଳେ ତାଙ୍କୁ ଉକ୍ତ ଚାକିରିରୁ ବାହାର କରିଦିଆଯାଇଥିଲା। ଚାକିରି ଛାଡ଼ିବା ପରେ ମଧ୍ୟ ସେ ଉକ୍ତ ଭଡ଼ା ଘରେ ରହିଆସୁଥିଲେ। ଅନ୍ୟପକ୍ଷରେ ଯୁବତୀଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା, ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହା ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଘଟଣାସ୍ଥଳରେ ପାହାଳ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

● ଦନ୍ତା ହାତୀ ମୃତ୍ୟୁ ମାମଲା

## ୩ ଜଣଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

ବଲାଙ୍ଗୀର,୨୬।୫(ସଂଚାର ବ୍ୟୁରୋ): ବଲାଙ୍ଗୀର ମୁରିବାହାଲ ରେଞ୍ଜ୍ ଚାନୁଟମାଲ ଗାଁ ନିକଟରେ ଏକ ଦନ୍ତା ହାତୀ ମୃତ୍ୟୁ ଘଟଣାରେ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩ ଜଣଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। ସେମାନେ ହେଲେ ହାତୀ ମରିଥିବା ସ୍ଥାନର ଜମି ମାଲିକ ସଞ୍ଜୀବ ପୁଟେଲ, ବିଦ୍ୟୁତ ବିଭାଗୀୟ ଅଧିକାରୀ ମହମ୍ମଦ ଜୁନେଦ ଓ ଲାଇନମ୍ୟାନ ଅଜିତ ତରିଆ। ତେବେ ଏହି ମାମଲା ସହ ଜଡ଼ିତ ଥିବା ମୁରିବାହାଲ ରେଞ୍ଜରଙ୍କୁ ଖସାଇବାକୁ ବନ ବିଭାଗ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ, ଗତ ୩୦ ତାରିଖରେ ସଞ୍ଜୀବ ପୁଟେଲଙ୍କ କାଜୁ ବଗିଚାରୁ ଏକ ଦନ୍ତା ହାତୀର ମୃତଦେହ ମିଳିଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉକ୍ତ ହାତୀର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଥିଲା। କିନ୍ତୁ ବିଦ୍ୟୁତ୍ ବିଭାଗ ଏହାକୁ ଖଣ୍ଡନ କରିଥିଲା। ପରେ ହାତୀର ଶବ ବ୍ୟବଚ୍ଛେଦ ରିପୋର୍ଟରେ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହି ମାମଲାରେ ଗୁଡ଼ିଘାଟ ଫରେଷ୍ଟର ଜୟକୃଷ୍ଣ ଭୋଇଙ୍କୁ ନିଲମ୍ବନ କରାଯାଇଥିଲା। ଜମି ମାଲିକ ଶ୍ରୀ ପୁଟେଲ, ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଶ୍ରୀ ଜୁନେଦ ଏବଂ ଲାଇନମ୍ୟାନ ଶ୍ରୀ ତରିଆଙ୍କ ନାମରେ ବନ ବିଭାଗ ପକ୍ଷରୁ ଚାର୍ଜସିଟ୍ ଦାଖଲ କରିଥିଲା। ଆଜି ଏହି ୩ ଜଣଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି। କିନ୍ତୁ ନିଲମ୍ବିତ ଫରେଷ୍ଟରଙ୍କୁ ଏହି ମାମଲାରେ ଖସାଇ ଦେବାକୁ ବନ ବିଭାଗ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।

||||||||||||||| ପର୍ଯ୍ୟଟନ ବିକାଶର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ |||||||||||||||

# ପର୍ଯ୍ୟଟନ ପ୍ରକଳ୍ପ ପାଇଁ ହେବ ଲ୍ୟାଣ୍ଡ ବ୍ୟାଙ୍କ



ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ରାଜ୍ୟରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ପ୍ରକଳ୍ପ, ପର୍ଯ୍ୟଟନସ୍ଥଳୀର ବିକାଶମୂଳକ କାର୍ଯ୍ୟ ଏବଂ ପ୍ରଚାର ପ୍ରସାରର ସ୍ଥିତି ସମୀକ୍ଷା କରିଥିଲେ। ଧଉଳି ଆଖପାଖରେ ହେବାକୁ ଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଏହି ଐତିହ୍ୟସ୍ଥଳରେ ପର୍ଯ୍ୟଟକଙ୍କ ଅନୁଭୂତିକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଧଉଳି ମାଷ୍ଟର ପ୍ଲାନର ଏକ ଅଂଶସ୍ୱରୂପ ପରିବେଶ ଅନୁକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଓ ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ସେ ପର୍ଯ୍ୟଟକ ଓ ସ୍ଥାନୀୟ ଯାତାୟାତ ନିମନ୍ତେ ବୈଦ୍ୟୁତିକ ଯାନ (ଇଭି) ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଭୁବନେଶ୍ୱର- ପୁରୀ କରିଡର ମଧ୍ୟରେ ଥିବା କପିଳେଶ୍ୱର ଓ ସୁଖମେଶ୍ୱର ମନ୍ଦିର ସହ ଦାସିଆ ବାଉରୀ ପୀଠ ଓ ଅନ୍ୟାନ୍ୟ ଐତିହ୍ୟ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସମନ୍ୱିତ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ ସମ୍ପୃକ୍ତ ବିଭାଗ ଏବଂ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ମଞ୍ଜୁରୀ ଓ ଅନୁମତି ପାଇବା ପରେ ସମନ୍ୱୟ ରକ୍ଷା କରି ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକ ହାତକୁ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ରଥଯାତ୍ରା ଏବଂ ଏଥିପାଇଁ ଆସିବାକୁ ଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ପୁରୀ କରିଡର ପାଇଁ ବିଭାଗର ବିଜ୍ଞାପନ ଓ ପ୍ରଚାର ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ହୋମଷ୍ଟେ, ଆଡଭେଞ୍ଚର ପର୍ଯ୍ୟଟନ, ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତା ଓ ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ପରିମଳ ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା, ଯେଉଁଥିରେ ଓଡ଼ିଶାକୁ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ସାଂସ୍କୃତିକ ଭିତ୍ତିକ ସମୃଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବାକୁ ଗୁରୁତ୍ୱ ଦିଆଯାଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ବେସରକାରୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ନୀତି ଓ ଯୋଜନାର ସମୀକ୍ଷା ସହ ପର୍ଯ୍ୟଟନ ଭିତ୍ତିଭୂମି ତଥା ପୁଞ୍ଜିନିବେଶକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ।

## ଓଇଆରସି ଅଚଳ

# ୩୦ ବର୍ଷର ଇତିହାସରେ ପ୍ରଥମ ଘଟଣା

● ତିନି ମାସ ଭିତରେ ସଚଳ ନ ହେଲେ ଓଡ଼ିଶା ଅନ୍ଧାର ହେବ

ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ): ଗତକାଲି ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ବିଦ୍ୟୁତ୍ ନିୟାମକ କାର୍ଯ୍ୟରୁ ବିରତି ନେବା ପରେ ଆଜିଠାରୁ ଓଇଆରସି ଅଚଳ ହୋଇଛି। ଗତ ସପ୍ତାହରେ ଯାନ୍ତ୍ରିକ ସଭ୍ୟ ସୁଶାନ୍ତ ରାୟମହାପାତ୍ର ଆୟୋଗରୁ ଅବସର ନେଇଥିଲେ। ତିନି ସଦସ୍ୟବିଶିଷ୍ଟ ଆୟୋଗରେ ବର୍ତ୍ତମାନ କେବଳ ଜଣେ ନ୍ୟାୟିକ ସଭ୍ୟ ଶ୍ରୀ ବିଶ୍ୱଜିତ୍ ମହାନ୍ତି ଅଛନ୍ତି। ବିଦ୍ୟୁତ୍ ନିୟାମକ ପ୍ରକ୍ରିୟାରେ ଥିବା ବିଧି ବ୍ୟବସ୍ଥା ଅନୁସାରେ ଜଣେ ସଭ୍ୟ ଦ୍ୱାରା କୌଣସି ଆଦେଶ ବା ନିର୍ଦ୍ଦେଶ ଜାରି କରାଯାଇପାରିବ ନାହିଁ କି କୌଣସି ମାମଲାର ଶୁଣାଣି ହେବ ନାହିଁ। ସଭ୍ୟ ଶ୍ରୀ ମହାନ୍ତି ଏବେ ଅଚଳ ହୋଇଥିବା ଆୟୋଗ କାର୍ଯ୍ୟାଳୟକୁ କେବଳ ସୁରକ୍ଷିତ ରଖିବେ। ତେବେ ଆୟୋଗର ଅଚଳ ଅବସ୍ଥାକୁ ବେଶୀଦିନ ବଜାୟ ରଖିଲେ ଓଡ଼ିଶା ଅନ୍ଧାର ହୋଇଯିବ। ତେଣୁ ଅତି ବେଶୀରେ ୩ ମାସ ମଧ୍ୟରେ ରାଜ୍ୟ ସରକାର ଆୟୋଗରେ ଖାଲି ପଡ଼ିଥିବା ଜଣେ ସଭ୍ୟ ଓ ଅଧ୍ୟକ୍ଷ ପଦକୁ ପୂରଣ କରିବା ଦରକାର। ଆୟୋଗଙ୍କ ସଭ୍ୟ ପଦ ପାଇଁ ଜଣେ ଏକାଉଣ୍ଟାଣ୍ଟ ଓ ଅଧ୍ୟକ୍ଷ ପଦ ପାଇଁ ନିୟାମକ ପ୍ରକ୍ରିୟାରେ ଜଡ଼ିତ ଜଣେ ଯାନ୍ତ୍ରିକ ବିଦ୍ୟୁତ୍ ବିଶେଷଜ୍ଞଙ୍କର ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାର ଆୟୋଗରେ ଖାଲି ଥିବା ପଦବୀ ପୂରଣ ପାଇଁ ଅବିଳମ୍ବେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ଆଶା ରହିଛି।




● ମୌସୁମୀ ପାଇଁ ପ୍ରଶାସନିକ ସଜବାଜ

# ୧ରୁ ଦିନରାତି କାର୍ଯ୍ୟ କରିବ ବନ୍ୟା ନିୟନ୍ତ୍ରଣ କକ୍ଷ

ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ) : ଆଗାମୀ ମୌସୁମୀ ଋତୁ ତଥା ବନ୍ୟା ସମୟରେ ପ୍ରଭାବଶାଳୀ ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଆଜି ଏକ ଉଚ୍ଚସ୍ତରୀୟ ପ୍ରାକ୍-ବନ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମାଙ୍କ ସହ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଭୁତି ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ବିସ୍ତୃତ ସମୀକ୍ଷା କରାଯାଇଛି। ଚଳିତ ବର୍ଷ ବନ୍ୟାଜନିତ କ୍ଷୟକ୍ଷତିକୁ ରୋକିବା ସହ 'ଶୂନ୍ୟ ମୃତାହତ' ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ବିଭିନ୍ନ ସବ୍-ୱିଙ୍ଗକୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭାଗର 'ବନ୍ୟା ଜରୁରୀକାଳୀନ ଯୋଜନା'ର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଚଳିତ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ନଦୀବନ୍ଧର ସ୍ଥିତି ଏବଂ ଗତ ବର୍ଷ ବନ୍ୟା ସମୟରେ ହୋଇଥିବା କ୍ଷୟକ୍ଷତିର ପୁନରୁଦ୍ଧାର ତଥା ମରାମତି କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ଅସମ୍ପୂର୍ଣ୍ଣ ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ କ୍ଷେତ୍ରାଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ନଦୀ ପଠାରେ ଥିବା ସ୍ଲୁଇସ୍ ଗେଟ୍‌ଗୁଡ଼ିକର କାର୍ଯ୍ୟକ୍ଷମତା ଓ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ସଫେଇ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିଭଳି ପଡ଼ୋଶୀ ସହ-ଅବବାହିକା ରାଜ୍ୟଗୁଡ଼ିକ ସହ ଜଳ ପ୍ରବାହ ସମ୍ପର୍କିତ ସୂଚନା ଆଦାନ ପ୍ରଦାନ ଓ ସମନ୍ୱୟ ରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟର ସମସ୍ତ ପ୍ରମୁଖ ଡ୍ୟାମ୍‌ଗୁଡ଼ିକରେ ହୋଇଥିବା ମକ୍ ଡ୍ରିଲରୁ ମିଳିଥିବା ତଥ୍ୟ ଆଧାରରେ ବନ୍ୟା ଗେଟ୍‌ଗୁଡ଼ିକର କାର୍ଯ୍ୟକାରିତା ଓ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବନ୍ୟା ଜଳ ନିଷ୍କାସନର ପ୍ରଭାବଶାଳୀ ପରିଚାଳନା ଓ ପ୍ରଶମନ ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ଜଳ ପ୍ରବାହକୁ ବାଧାପ୍ରାପ୍ତ କରୁଥିବା ସମସ୍ତ ପ୍ରକାର ଜଳବନ୍ଦୀ ସମସ୍ୟାର ସମାଧାନ ତଥା ନଦୀପଥ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କ୍ଷେତ୍ର ସ୍ତରରେ ସୁପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରିବାକୁ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଯେକୌଣସି ଜରୁରୀ ପରିସ୍ଥିତିରେ ବ୍ୟବହାର କରାଯିବାକୁ ଥିବା ଆଧୁନିକ ଯନ୍ତ୍ରପାତିଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା ସହ ଚଳିତ ମୌସୁମୀ ପାଇଁ ଚିହ୍ନଟ ହୋଇଥିବା ଅତି ସମ୍ବେଦନଶୀଳ ଓ ଦୁର୍ବଳ ସ୍ଥାନଗୁଡ଼ିକ ଉପରେ ୨୪ଘଣ୍ଟିଆ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି।

## ସୌମ୍ୟ ହତ୍ୟାକାଣ୍ଡରେ ନୂଆ ଟ୍ୱିଷ୍ଟ

# ମାରିବାକୁ ସତ୍ୟନଗରରୁ ପିଲା ଯାଇଥିଲେ ବାଲିଅନ୍ତା!



ଗିରଫ ହେଲେ ଆଉ ଜଣେ ଅଭିଯୁକ୍ତ

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡରେ କ୍ରାଇମବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। କ୍ରାଇମବ୍ରାଞ୍ଚ ଟିମ୍ କେନ୍ଦ୍ରାପଡ଼ା ଜିଲ୍ଲାର ଇନ୍ଦୁପୁର ଅଞ୍ଚଳରୁ ଏହି ଅଭିଯୁକ୍ତଙ୍କୁ ଧରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଭୁବନେଶ୍ୱର ସତ୍ୟନଗର ଅଞ୍ଚଳର ବିନୋଦ ବେହେରା। ଏଥିସହ ଏହି ମାମଲାରେ ମୋଟ ଗିରଫଦାରୀ ସଂଖ୍ୟା ୧୬ରେ ପହଞ୍ଚିଛି। ତେବେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରଶ୍ନ ଯେ ବିନୋଦ ଭୁବନେଶ୍ୱରର ସତ୍ୟନଗରର ବାସିନ୍ଦା ହୋଇଥିଲେ ବି ସେ ଉକ୍ତ ଦିନ ବାଲିଅନ୍ତା କାହିଁକି ଯାଇଥିଲେ। ଏହି ଘଟଣାରେ ସତ୍ୟନଗର ଲିଙ୍କ କିଛି ରହୁଛି କି? ଏହା ଜାଣିବା ସକାଶେ କ୍ରାଇମବ୍ରାଞ୍ଚ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଛି ଓ ଏହି ଘଟଣା ସହ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢ଼ାଉକୁ ମଧ୍ୟ ତ୍ୱରାନ୍ୱିତ କରାଯାଉଛି। ସେହିପରି ଏହି ହତ୍ୟାକାଣ୍ଡ ପଛରେ କୌଣସି ଷଡ଼ଯନ୍ତ୍ର ହୋଇଥିଲା କି ତାହା ଜାଣିବା ସକାଶେ କ୍ରାଇମ୍ ବ୍ରାଞ୍ଚ୍ ଟିମ୍ ଅନୁସନ୍ଧାନ ଚଳାଇଛି।

# ବ୍ରହ୍ମପୁରରେ ପୁଣି ଡବଲ୍ ଏନକାଉଣ୍ଟର

ଫେରାର ହେଉଥିବା ବେଳେ ଗୁଳି ଖାଇଲେ ଅଭିଯୁକ୍ତ



ବ୍ରହ୍ମପୁର,୨୬।୫(ସଂଚାର ବ୍ୟୁରୋ): ବ୍ରହ୍ମପୁରରେ ପୁଣି ଘଟିଛି ଡବଲ ଏନକାଉଣ୍ଟର। ଫଳତଃ ଗତ ୧୦ ଦିନ ଭିତରେ ପଞ୍ଚମ ଏନକାଉଣ୍ଟର ହୋଇଛି। ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ମାମଲାରେ ଫେରାର ଅଭିଯୁକ୍ତ ବରଗଡ଼ ନୂଆ ଗାଁର ରଞ୍ଜନ ମଲ୍ଲିକ ଓ ହିଞ୍ଜିଳି ଥାନା ସିକିରି ଥାନା ସାହିର ସରୋଜ ପାଢ଼ୀଙ୍କୁ ପୁଲିସ୍ ପକ୍ଷରୁ ଏନକାଉଣ୍ଟର କରାଯାଇଛି। ସରୋଜଙ୍କ ବାମ ଗୋଡ଼ରେ ଓ ରଞ୍ଜନଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଭାବେ ଆହତ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁସାରେ, ମୁକେଶ ସାହୁ, ସୁମିତ ସିଂ, ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡାଙ୍କୁ ବ୍ରହ୍ମପୁରର ସ୍ୱତନ୍ତ୍ର ପୁଲିସ ଟିମ୍ ରାଜସ୍ଥାନର ଭିଲ୍‌ୱାଡାରୁ ଟ୍ରାନ୍‌ଜିଟ ରିମାଣ୍ଡରେ ଆଣୁଥିବା ବେଳେ ବ୍ରହ୍ମପୁର ସହର ଉପକଣ୍ଠ ରତ୍ନପୁରଠାରେ ରଞ୍ଜନ ଓ ସରୋଜ ପରିସ୍ରା କରିବା ସକାଶେ ଓହ୍ଲାଇଥିଲେ। ତେବେ ଏହି ସମୟରେ ଜଣେ ପୁଲିସ କର୍ମଚାରୀଙ୍କ ପିସ୍ତଲ ନେଇ ଦୁଇ ରାଉଣ୍ଡ ଗୁଳି ଫୁଟାଇ ଫେରାର ହେବାକୁ ଚେଷ୍ଟା କରିଥିଲେ ଉଭୟ ରଞ୍ଜନ ଓ ସରୋଜ। ଏହାପରେ ପୁଲିସ ନିଜର ସୁରକ୍ଷା ପାଇଁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା। ପୂର୍ବରୁ ଭିନ୍ନ ଭିନ୍ନ ମାମଲାରେ ମୁକେଶ ସାହୁ, ଦୀପୁନା ନାୟକ ଓ ଜଗନ୍ନାଥ ସାହୁଙ୍କ ପରି ୩ ଜଣ ଅପରାଧୀଙ୍କୁ ପୁଲିସ ଏନକାଉଣ୍ଟର କରିଥିବା ବେଳେ ଆଜି ଆଉ ଦୁଇ ଅଭିଯୁକ୍ତ ତଥା ସୁପାରି କିଲରଙ୍କୁ ଏନ୍‌କାଉଣ୍ଟର୍ କରାଯାଇଛି।

# ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ବିଜେତାଙ୍କ ଇସ୍ରୋ ପରିଭ୍ରମଣ

● ପ୍ଲାନେଟାରିୟମରେ ଶିକ୍ଷାଭିତ୍ତିକ ପରିଭ୍ରମଣର ଶୁଭାରମ୍ଭ

● ୭୬ ହଜାରରୁ ୩୦ ପ୍ରତିଯୋଗୀ ମନୋନୀତ

● ମହାକାଶ ଗବେଷଣା ଓ ଉପଗ୍ରହ ପ୍ରକ୍ଷେପଣର ଅଭିଜ୍ଞତା ମିଳିବ




ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ମହାକାଶ ଗବେଷଣା ଓ ଗ୍ରହ ନକ୍ଷତ୍ରମାନଙ୍କ ଉପସ୍ଥିତି ଏବଂ ଗତିବିଧି ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବା ନିଶ୍ଚିତ ଭାବେ ଏକ ସୁଯୋଗ। ଏହି ସୁଯୋଗକୁ ସଫଳ ରୂପାୟନ ପାଇଁ ଆଜି ରାଜ୍ୟର ୩୦ ଜଣ ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସତୀଶ ଧୱନ ମହାକେଶ କେନ୍ଦ୍ରକୁ ଶିକ୍ଷାଭିତ୍ତିକ ଗସ୍ତ କରିଛନ୍ତି। 'ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ' (ୟାଟ୍ସ)ର ୩୦ ଜଣ କୃତୀ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଏହି ଗସ୍ତ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗିତାରେ ଆୟୋଜିତ ୧୯ଶ ସଂସ୍କରଣରେ ସାରା ରାଜ୍ୟର ୭୬ ହଜାର ୭୦୦ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩୦ ଜଣ ବିଜେତା ଛାତ୍ରଛାତ୍ରୀଙ୍କୁ ଇସ୍ରୋ ଗସ୍ତ ପାଇଁ ମନୋନୀତ କରାଯାଇଥିଲା। ଏହି ଶିକ୍ଷାଭିତ୍ତିକ ଗସ୍ତର ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ପ୍ରଥମ ଥର ପାଇଁ ୟାଟ୍ସ ବିଜେତାମାନେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଇସ୍ରୋ ପ୍ରତିଷ୍ଠାନ ପରିଦର୍ଶନ କରିବାର ସୁଯୋଗ ପାଉଛନ୍ତି। ଏହି ଶିକ୍ଷାଭିତ୍ତିକ ପରିଭ୍ରମଣରେ ସେମାନେ ମହାକାଶ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଷୟରେ ଅନେକ ତଥ୍ୟ ଜାଣିବାର ସୁଯୋଗ ପାଇବେ। ଏହି ଯୁବ ଜ୍ୟୋତିର୍ବିଜ୍ଞାନୀମାନେ ଆଗାମୀ ଦିନରେ ପ୍ରସିଦ୍ଧ ବୈଜ୍ଞାନିକ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ଅଧ୍ୟକ୍ଷା ଚିତ୍ରା ଅରୁମୁଗମ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ସ୍ପେସ୍ ସେଣ୍ଟର ପରିଭ୍ରମଣରେ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମହାକାଶ ଅନୁସନ୍ଧାନକାରୀଙ୍କ ମଧ୍ୟରେ ସାମିଲ ହେବା ପାଇଁ କଠିନ ପରିଶ୍ରମ ଓ ବୁଦ୍ଧିମତ୍ତାର ସହ କାର୍ଯ୍ୟ କରିବାକୁ ପିଲାମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତରେ ଛାତ୍ରଛାତ୍ରୀମାନେ ଟେଲିମେଟ୍ରି ଦେଖିବା ଏବଂ ରକେଟ୍ ଉତ୍‌କ୍ଷେପଣ ଦେଖିବାର ସୁଯୋଗ ପାଇବେ। ଏହା ନିଶ୍ଚିତ ଭାବରେ ସମସ୍ତଙ୍କୁ ଅନୁପ୍ରାଣିତ କରିବ ବୋଲି ସେ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣରେ ଉନ୍ନତି ଆଣିବ 'କ୍ୱାଡ୍'



ନୂଆଦିଲ୍ଲୀ, ୨୬ା୫ଃ ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ଯୋଗାଣରେ ଚୀନଚଳାଇଥିବା ମନମୁଖୀ କାରବାରକୁ କମାଇବା ପାଇଁ କ୍ୱାଡ୍ ଦେଶଗୁଡ଼ିକ ଅଣ୍ଟା ଭିଡିଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ କ୍ୱାଡ୍ ଦେଶର ବିଦେଶ ବ୍ୟାପାର ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଏ ନେଇ ବଡ଼ ନିଷ୍ପତ୍ତି ହୋଇଛି। ଏ କ୍ଷେତ୍ରରେ ସେମାନେ ୨୦ ବିଲିଅନ ଡଲାର ନିବେଶ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। 'କ୍ୱାଡ୍ କ୍ରିଟିକାଲ ମିନେରାଲ୍ସ ଇନିସିଏଟିଭ ଫ୍ରେମୱର୍କ' ଘୋଷଣା କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ

## ୨୦ ବିଲିଅନ ଡଲାର ନିବେଶ ଯୋଜନା

ଯଥା ଲିଥିୟମ, ନିକେଲ ଏବଂ ଗ୍ରାଫାଇଟ୍ ଆଦିକୁ ଇଲେକ୍ଟ୍ରିକ୍ ଯାନ (ଇଭି), ଡ୍ରୋନ, ବ୍ୟାଟେରି ଷ୍ଟୋରେଜ୍ ଆଦିରେ ବହୁଳ ଭାବେ ବ୍ୟବହାର କରାଯାଉଛି। ଏସବୁର ଉତ୍ପାଦନରେ ଚୀନର ଆଧିପତ୍ୟ ରହିଛି। ଏସବୁ ସାମଗ୍ରୀର ଯୋଗାଣକୁ ଚୀନ ହଠାତ୍ ସଂକୁଚିତ କରି ଦେଉଥିବାରୁ ଏହାକୁ ନେଇ କ୍ୱାଡ୍ ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ଭବିଷ୍ୟତରେ ଯେଭଳି ଏସବୁ ସାମଗ୍ରୀର ଯୋଗାଣରେ ଅସୁବିଧା ହେବ ନାହିଁ ସେଥିପାଇଁ ଏ ପ୍ରକାର ଯୋଜନା କରାଯାଇଛି। ଆଜି ପ୍ରକାଶ କରାଯାଇଥିବା କ୍ୱାଡ୍ କ୍ରିଟିକାଲ ମିନେରାଲ୍ସ ଇନିସିଏଟିଭ ଫ୍ରେମୱର୍କରେ କ୍ୱାଡ ଦେଶଗୁଡ଼ିକ ଯେଉଁ ୨୦ ବିଲିଅନ ଡଲାରର ନିବେଶ ସଂପର୍କରେ ଘୋଷଣା କରିଛନ୍ତି ତାହା ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରୁ ସଂଗ୍ରହ ହେବ। ଏଥିରେ ଖଣି ଖନନ, ପ୍ରକ୍ରିୟାକରଣ, ରିସାଇକ୍ଲିଂ ସମେତ ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ ଯୋଗାଣରେ ଉନ୍ନତି ଅଣାଯିବ। ଏ କ୍ଷେତ୍ରରେ ସଦସ୍ୟ ଦେଶଗୁଡ଼ିକ ପରସ୍ପରକୁ ପ୍ରଯୁକ୍ତି ଓ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ କରିବେ।

# ନିଫ୍ଟି-ସେନ୍‌ସେକ୍ସ ଲାଲ୍ ସଂକେତରେ ବନ୍ଦ

ନୂଆଦିଲ୍ଲୀ, ୨୬ା୫ଃ ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ସଂଘର୍ଷ ବଢ଼ିବା ଭୟରେ ଘରୋଇ ଇକ୍ୱିଟି ବେଞ୍ଚମାର୍କ ଇଣ୍ଡେକ୍ସ ସେନ୍‌ସେକ୍ସ ଓ ନିଫ୍ଟି ଲାଲ୍ ସଂକେତରେ ବନ୍ଦ ହୋଇଛି। ଇଣ୍ଟ୍ରା-ଡେ'ର ସର୍ବୋଚ୍ଚ ସ୍ତରଠାରୁ ସେନ୍‌ସେକ୍ସ ୭୦୦ ପଏଣ୍ଟରୁ ଅଧିକ ହ୍ରାସ ହୋଇଛି। ଅନ୍ୟପଟେ ନିଫ୍ଟି ମଧ୍ୟ ଖସି ୨୩,୯୦୦ ତଳକୁ ଖସି ବନ୍ଦ ହୋଇଛି। ବ୍ରଡର ମାର୍କେଟରେ ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ଷ୍ଟକ୍ ମୋର୍ଚ୍ଚା ସମ୍ଭାଳିବାକୁ ପ୍ରୟାସ କରିଥିଲେ କିନ୍ତୁ ପରେ ସ୍ମଲ୍‌କ୍ୟାପରେ ହ୍ରାସ ଘଟିଥିଲା। ନିଫ୍ଟି ଆଇଟି ଅନେକ ମାତ୍ରାରେ ବଜାର ସ୍ଥିତିକୁ ସମ୍ଭାଳିବା ପାଇଁ ପ୍ରୟାସ କରିଥିଲା, କିନ୍ତୁ ଆଧା ପ୍ରତିଶତରୁ ଅଧିକ ବୃଦ୍ଧିକୁ ହରାଇ ଫ୍ଲାଟ୍ ବନ୍ଦ ହୋଇଥିଲା। ଅନ୍ୟପଟେ ପିଏସୟୁ ବ୍ୟାଙ୍କ ସବୁଜରୁ ଲାଲ୍ ହୋଇଥିଲା। ଏଥିରେ ବି ପ୍ରାୟ ଅଧା ପ୍ରତିଶତ ହ୍ରାସ ଘଟିଥିଲା। ନିଫ୍ଟି ପ୍ରାଇଭେଟ୍ ବ୍ୟାଙ୍କ ମଧ୍ୟ ଅଧା ପ୍ରତିଶତରୁ ଅଧିକ ହ୍ରାସ ସହିଥିଲା। ନିଫ୍ଟି ରିୟଲ୍ଟିରେ ମଧ୍ୟ ଆଧା ପ୍ରତିଶତର ହ୍ରାସ ଘଟିଥିଲା। ଘରୋଇ ଇକ୍ୱିଟି ବେଞ୍ଚମାର୍କ ସୂଚକାଙ୍କ ବିଷୟରେ କହିବାକୁ ଗଲେ, କାରବାର ଶେଷରେ ସେନ୍‌ସେକ୍ସ ୪୭୯.୨୬ ପଏଣ୍ଟ ବା ୦.୬୩% ହ୍ରାସ ପାଇ ୭୬,୦୦୯.୭୦ ସ୍ତରରେ ଏବଂ ନିଫ୍ଟି ୧୧୮.୦୦ ପଏଣ୍ଟ ବା ୦.୪୯% ହ୍ରାସ ପାଇ ୨୩,୯୧୩.୭୦ରେ ବନ୍ଦ ହୋଇଛି। ଦିନ ମଧ୍ୟରେ, ସେନ୍‌ସେକ୍ସ ୧୩୮.୦୮ ପଏଣ୍ଟ ବୃଦ୍ଧି ପାଇ ୭୬,୬୨୭.୦୪ର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା, ପରେ ଏହା ୭୧୭.୩୬ ପଏଣ୍ଟ ହ୍ରାସ ପାଇ ୭୫,୯୦୯.୬୮ରେ ପହଞ୍ଚିଥିଲା। ଅନ୍ୟପକ୍ଷରେ, ନିଫ୍ଟି ମଧ୍ୟ ୫୮.୧୦ ପଏଣ୍ଟ ବୃଦ୍ଧି ପାଇ ୨୪,୦୮୯.୮୦ର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା, ଏହା ପରେ ଏହା ୨୦୪.୩୫ ପଏଣ୍ଟ ହ୍ରାସ ପାଇ ୨୩,୮୮୫.୪୫ ସ୍ତରକୁ ଖସିଥିଲା। ଏହି ଟଣାଓଟରା ମଧ୍ୟରେ, ଆଜି ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାର ପୁଞ୍ଜି ୧ ଲକ୍ଷ କୋଟିରୁ ଅଧିକ ବୃଦ୍ଧି ପାଇଛି, ଅର୍ଥାତ୍ ନିବେଶକଙ୍କ ସମ୍ପତ୍ତି ୧ ଲକ୍ଷ କୋଟିରୁ ଅଧିକ ବୃଦ୍ଧି ପାଇଛି।



### ୧୧ ଦିନରେ ୮ ଟଙ୍କା ବଢ଼ିଲାଣି ପେଟ୍ରୋଲ, ଡିଜେଲ

# ମହଙ୍ଗା ହେବ ପନିପରିବା, ଫଳ, ରାସନ୍

ଭୁବନେଶ୍ୱର, ୨୬ା୫ : ସ୍ଥିର ଆୟରେ ପରିବାର ଚଳାଇବା ଆମ୍ ଆଦ୍‌ମୀଙ୍କ ପାଇଁ ପାଲଟିଛି ମୁସ୍କିଲ। ମହଙ୍ଗା ଚୋଟରେ ଅଣ୍ଟା ସଳଖି ପାରୁନାହିଁ ଖାଉଟି। ଇନ୍ଧନ ଦର ଉପରମୁହାଁ। ଏହାସହିତ ସବୁକିଛି ମହଙ୍ଗା। ୧୧ ଦିନ ମଧ୍ୟରେ ୪ ଥର ବଢ଼ିଲାଣି ପେଟ୍ରୋଲ ଡିଜେଲ ଦର। ଲିଟର ପିଛା ଉଭୟ ଇନ୍ଧନ ଆଜି ଅଢ଼େଇ ଟଙ୍କାରୁ ଅଧିକ ମହଙ୍ଗା ହୋଇଯାଇଛି। ଏହିଭଳି ଭାବେ ୪ ଥରରେ ପ୍ରାୟ ୮ ଟଙ୍କା ବଢ଼ିଗଲାଣି ପେଟ୍ରୋଲ ଡିଜେଲ ଦର। ଏଭଳି ସ୍ଥିତିରେ ଆଗକୁ ପରିବହନ ଖର୍ଚ୍ଚ ବଢ଼ିବା ସହ ଆହୁରି ତେଜିବ ଦରଦାମ ସ୍ଥିତି। ମହଙ୍ଗା ମାଡ଼ରେ ଖାଉଟି ଏକ ପ୍ରକାର ଚେପା ହୋଇଯିବା ଥୟ। ରାଜଧାନୀ ଭୁବନେଶ୍ୱରରେ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଦରରେ ଯଥାକ୍ରମେ ୨.୭୯ ଟଙ୍କା ଏବଂ ୨.୮୮ ଟଙ୍କା ବୃଦ୍ଧି ଘଟିଛି। ଫଳରେ ଉଭୟ ଯଥାକ୍ରମେ ୧୦୯.୧୫ ଟଙ୍କା ଏବଂ ୧୦୦.୮୦ ଟଙ୍କା ହୋଇଛି। ୪ ଥରରେ ପେଟ୍ରୋଲ ୭.୮୬ ଟଙ୍କା ଏବଂ ଡିଜେଲ ୮ ଟଙ୍କା ମହଙ୍ଗା ହୋଇଗଲାଣି। ଇନ୍ଧନ ଦରରେ ଲଗାତର ବୃଦ୍ଧି ଫଳରେ ଖାଉଟିଙ୍କ ଅବସ୍ଥା ବେହାଲ। ଦରଦାମ ଚାପରେ ପୂର୍ବରୁ ଛନ୍ଦି ହୋଇଥିବା ଆମ୍ ଆଦ୍‌ମୀଙ୍କ ପରିସ୍ଥିତି ଏବେ ବୋଝ ଉପରେ ନଳିତାବିଡ଼ା ସଦୃଶ। ଇନ୍ଧନ ଦର ବଢ଼ିବା ଦ୍ୱାରା ଟ୍ରକ ଏବଂ ବସ୍ ଭଡ଼ା ବଢ଼ିବ। ଫଳରେ ଅନ୍ୟ ରାଜ୍ୟରୁ ଆସୁଥିବା ପନିପରିବା, ଫଳ ଏବଂ ରାସନ୍ ଆଦି ମହଙ୍ଗା ହୋଇଯିବ। ଟ୍ରାକ୍ଟର ଏବଂ ପମ୍ପ ସେଟ୍ ଚଳାଇବା ପାଇଁ ଚାଷୀଙ୍କ ଖର୍ଚ୍ଚ ବଢ଼ିବ, ଯାହାଦ୍ୱାରା ଶସ୍ୟ ମହଙ୍ଗା ହେବ। ସାର୍ବଜନୀକ ପରିବହନ ଏବଂ ସ୍କୁଲ୍ ବସ୍ ଭଡ଼ା ମଧ୍ୟ ବୃଦ୍ଧି ପାଇବ। ବର୍ତ୍ତମାନ ସ୍ଥିତିରେ ଖାଉଟିଙ୍କ ବୋଝ କମାଇବା ପାଇଁ ଇନ୍ଧନ ଉପରେ ରାଜ୍ୟ ଭାଟ୍ ହ୍ରାସ କରିବା ଲାଗି ବିଭିନ୍ନ ମହଲରେ ଦାବି ହେଉଛି। ବିଶେଷ କରି ବିଜେପି ଶାସିତ ରାଜ୍ୟ ଗୁଡ଼ିକ ଉପରେ ଅଧିକ ଚାପ ପଡ଼ିଲାଣି।

ଉତ୍କଳ ପେଟ୍ରୋଲିୟମ ଡିଲର ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ଦେଶ ଏହାର ତେଲ ଚାହିଦାର ୯୦% ବିଦେଶରୁ ଆମଦାନି ଜରିଆରେ ପୂରଣ କରୁଛି। ଯୁଦ୍ଧ ନ ଥମିବା ଯୋଗୁ ଅଶୋଧିତ ତେଲ କିଣିବା କମ୍ପାନିଙ୍କ ଲାଗି ଚିନ୍ତାଜନକ ହୋଇଛି। କମ୍ପାନି କ୍ଷତିଭରଣା କରିବା ଲାଗି ଲିଟର ପିଛା ଦର ପ୍ରାୟ ୨୦ ଟଙ୍କା ଯାଏ ବୃଦ୍ଧି କରିବା ନେଇ ଆକଳନ କରାଯାଇଛି। ଏଯାବତ ଦର ୮ ଟଙ୍କା ଯାଏ ବଢ଼ିଗଲାଣି। ସ୍ଥିତି ସ୍ୱାଭାବିକ ନ ହେଲେ ଏହା ଆହୁରି ବଢ଼ିବ। ନୂଆ ଦର ମେ' ୨୫ ବା ଆଜିଠାରୁ ଲାଗୁ ହୋଇଛି। ୧୫ ମେ'ରୁ ଆରମ୍ଭ ହୋଇଥିଲା ଦରବୃଦ୍ଧି ଧାରା। ପ୍ରଥମେ ଉଭୟ ଇନ୍ଧନ ଦରରେ ଲିଟର ପିଛା ୩ ଟଙ୍କା ଲେଖାଏଁ ବୃଦ୍ଧି ଘଟିଥିଲା। ମେ' ୧୯ରେ ପାଖାପାଖି ୯୦ ପଇସା, ମେ' ୨୩ରେ ବି ସମାନ ଆକାରରେ ବୃଦ୍ଧି ଘଟିବା ପରେ ଆଜି ଅଢ଼େଇ ଟଙ୍କାରୁ ଅଧିକ ମହଙ୍ଗା ହୋଇଛି ଇନ୍ଧନ। ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ୨୦୨୪ ମାର୍ଚ୍ଚରୁ ସ୍ଥିର ଥିଲା। ଲୋକସଭା ନିର୍ବାଚନ ୨୦୨୪ର ଠିକ୍ ପୂର୍ବରୁ ସରକାର ଲିଟର ପିଛା ଦରରେ ୨ ଟଙ୍କା ହ୍ରାସ କରିଥିଲେ। ମହଙ୍ଗା ଅଶୋଧିତ ତୈଳ ଯୋଗୁ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ବିକ୍ରିରେ ତୈଳ କମ୍ପାନିଗୁଡ଼ିକ ମାସକୁ ୩୦,୦୦୦ କୋଟି ଟଙ୍କା କ୍ଷତି ସହି ଆସୁଥିଲେ, ଯାହାକୁ ଦୃଷ୍ଟିରେ ରଖି ପର୍ଯ୍ୟାୟ କ୍ରମେ ଦର ବଢ଼ାଉଛନ୍ତି ତୈଳ କମ୍ପାନି।




# ବଜାରରେ ନକଲି ରୁପା କଏନ, ବାର୍

ନୂଆଦିଲ୍ଲୀ, ୨୬ା୫ଃ ଗତ କିଛି ମାସରେ ରୁପା ଦରରେ ଅହେତୁକ ବୃଦ୍ଧି ଘଟିଛି। ସେଥିପାଇଁ ରୁପାରେ ନିବେଶ ବୃଦ୍ଧି ପାଇଛି। ତାହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ନକଲି ରୁପା କଏନ ଓ ବାର୍ ବିକ୍ରି କରୁଛନ୍ତି। ଏହାକୁ ନେଇ ଅଳଙ୍କାର ଶିଳ୍ପ ଚିନ୍ତା ପ୍ରକଟ କରିଛି। ରୁପା ଜିନିଷର ବାଧ୍ୟତାମୂଳକ ହଲମାର୍କିଂକୁ କଡ଼ାକଡ଼ି କରିବାକୁ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍)କୁ କୁହାଯାଇଛି। ରୁପା ବିଶୋଧନ କରୁଥିବା ସଂସ୍ଥାଗୁଡ଼ିକ ପାଇଁ ଲାଇସେନ୍ସ ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବାକୁ ଦାବି କରାଯାଇଛି।୨୦୨୫ ସେପ୍ଟେମ୍ବରରୁ ରୁପାର ହଲମାର୍କିଂ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ସେହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ। ବହୁ ଅଳଙ୍କାର ବିକ୍ରେତା ସେଭଳି ରୁପା ବିକ୍ରି କରୁନାହାନ୍ତି। ପ୍ରିସିୟସ୍ ମେଟାଲ ରିଫାଇନାରିଜ୍ ଫୋରମ୍‌ର ସଭାପତି ଜେମ୍‌ସ ଜୋସ୍ କହିଛନ୍ତି ଯେ ବଜାରରେ ଉପଲବ୍ଧ ଥିବା ଅଧିକାଂଶ ରୁପା କଏନ ଓ ବାର୍ ଶୁଦ୍ଧତାର ନିର୍ଦ୍ଧାରିତ ମାନକ ପୂରଣ କରିବାରେ ବିଫଳ ହେବେ। ବଜାରରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ରୁପା ସାମଗ୍ରୀରେ ନିଷିଦ୍ଧ ଉପାଦାନ ଯଥା ନିକେଲ, କାଡମିୟମ୍ ଓ ଲିଡ୍ ଆଦି ବ୍ୟବହାର କରାଯାଉଛି। ଏବେ ଅଧିକାଂଶ ରୁପା ଜିନିଷକୁ ସ୍କ୍ରାପ୍ ରୁପାରୁ




ତିଆରି କରାଯାଉଛି। ସେଗୁଡ଼ିକୁ ଠିକ୍ ଭାବେ ବିଶୋଧନ ମଧ୍ୟ କରାଯାଉନାହିଁ। ଜିନିଷଟି ଯେଭଳି ରୁପାର ବୋଲି ଦେଖାଯିବ, ସେଥିପାଇଁ ସେଥିରେ ଅଳ୍ପ ପରିମାଣର ବିଶୁଦ୍ଧ ରୁପା ମିଶାଯାଉଛି। ଦେଶରେ କଟକ, ଜୟପୁର, ଆଗ୍ରା, ସାଲେମ, ରାଜକୋଟ ଓ କୋହ୍ଲାପୁର ହେଉଛି ପ୍ରମୁଖ ରୁପା ହବ୍ ଯେଉଁଠାରେ ବିଭିନ୍ନ ପ୍ରକାର ରୁପା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଭାରତରେ ବର୍ଷକୁ ୭୦୦୦ ଟନ୍ ରୁପା କାରବାର ହେଉଛି। କିନ୍ତୁ ରୁପା ସାମଗ୍ରୀର ପରୀକ୍ଷଣ ଓ ହଲମାର୍କିଂ ପାଇଁ ମାତ୍ର ୨୮୬ଟି କେନ୍ଦ୍ର ରହିଛି। ବର୍ଷକୁ ବିକ୍ରି ହେଉଥିବା ୮୦୦-୮୫୦ ଟନ୍ ସୁନା ପାଇଁ କିନ୍ତୁ ୧୫୯୫ଟି ପରୀକ୍ଷଣ କେନ୍ଦ୍ର ରହିଛି। ନକଲି ରୁପା ଉପରେ ନଜର ରଖିବା ପାଇଁ ଦୃଢ଼ ବ୍ୟବସ୍ଥା ନଥିବାରୁ ସ୍କ୍ରାପ୍ ରୁପାର ବ୍ୟାପକ ବ୍ୟବହାର ହେଉଛି। ପ୍ରାୟ ୫୦ ପ୍ରତିଶତ ରୁପାକୁ ପୂଜା ସାମଗ୍ରୀ, ଲ୍ୟାମ୍ପ ଓ ବାସନକୁସନ ଆକାରରେ ବିକ୍ରି କରାଯାଉଥିବାରୁ ଶୁଦ୍ଧତାର ମାନକକୁ ନେଇ ଅଧିକ ସନ୍ଦେହ ସୃଷ୍ଟି ହୋଇଛି। ମନ୍ଦିରରେ ଦାନ କରାଯାଉଥିବା ଅଧିକାଂଶ ରୁପା ଜିନିଷର ଶୁଦ୍ଧତା ମଧ୍ୟ ନିର୍ଦ୍ଧାରିତ ମାନଠାରୁ କମ୍ ରହୁଛି।

# ସୁଧୁରୁଛି ଗାଁ ଅର୍ଥନୀତିଃ ୧୨ ବର୍ଷରେ ୩୮୦ ପ୍ରତିଶତ ଉତ୍ପାଦନ ବୃଦ୍ଧି

ନୂଆଦିଲ୍ଲୀ, ୨୬ା୫ଃ ଖଦି ଏବଂ ଗ୍ରାମୀଣ ଶିଳ୍ପର ଉତ୍ପାଦନ ଏବଂ ଆୟରେ ଏକ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବିକ୍ରି ୧,୮୭,୧୦୫ କୋଟି ଟଙ୍କାରେ ପହଞ୍ଚିଛି। ଏହା ବ୍ୟତୀତ, ଉତ୍ପାଦନ ୧,୨୫,୨୯୬ କୋଟି ଟଙ୍କା ହୋଇଛି। ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନର ଅଧ୍ୟକ୍ଷ ମନୋଜ କୁମାର ଏହି ସୂଚନା ଦେଇଛନ୍ତି। ଏହି ଶିଳ୍ପରେ ଆୟ ବୃଦ୍ଧି ଅର୍ଥ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା। ଏଥିରେ ଯେ କେବଳ ଚାଷୀ, ମହିଳା ଏବଂ ବେକାର ଯୁବକ ଯୁବତୀମାନେ ନିଯୁକ୍ତି ମିଳୁଛି ତାହା ନୁହେଁ, ସେମାନଙ୍କର ଆୟ ମଧ୍ୟ ବୃଦ୍ଧି ପାଉଛି।

ଖଦି ଏବଂ ଗ୍ରାମୋଦ୍ୟୋଗର ତଥ୍ୟ ଅନୁଯାୟୀ, ଗତ କିଛିବର୍ଷ ମଧ୍ୟରେ ଏହି ଶିଳ୍ପରେ ବିକ୍ରି ଏବଂ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଖଦି ବସ୍ତ୍ର ଉତ୍ପାଦନ ୩,୯୭୪ କୋଟିରେ ପହଞ୍ଚିଛି। ବିକ୍ରୟ ମଧ୍ୟ ୭,୮୬୯ କୋଟିରେ ପହଞ୍ଚିଛି। ଗ୍ରାମ ଶିଳ୍ପ ଉତ୍ପାଦନ ୧,୨୧,୩୨୨ କୋଟିରେ ପହଞ୍ଚିଛି, ଏବଂ ବିକ୍ରୟ ୩୦,୦୭୩ କୋଟିରେ ପହଞ୍ଚିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଶିଳ୍ପ ଗତ ଆର୍ଥିକ ବର୍ଷରେ ୧୯.୯ କୋଟି ଲୋକଙ୍କୁ ନିଯୁକ୍ତି ଦେଇଛି। ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନର ଅଧ୍ୟକ୍ଷ



ମନୋଜ କୁମାର କହିଛନ୍ତି ଯେ ଏହି ଅଭିବୃଦ୍ଧି ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ଏବଂ ପ୍ରତ୍ୟେକ ଘରେ ସ୍ୱଦେଶୀ ଆପଣାଇବା ଭଳି ଅନେକ ପଦକ୍ଷେପର ଯୋଗୁ ହୋଇଛି। ଗ୍ରାମୀଣ ଉତ୍ପାଦର ଚାହିଦା ନିରନ୍ତର ବୃଦ୍ଧି ପାଉଛି, ଯାହାର ଲାଭ ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ ଭାବରେ ଦେଖାଯାଉଛି। ଗତ ୧୨ ବର୍ଷ ମଧ୍ୟରେ, ଏହି ଶିଳ୍ପର ଉତ୍ପାଦନରେ ୩୮୦% ଏବଂ ବିକ୍ରୟରେ ୫୦୧% ଉଲ୍ଲେଖନୀୟ ବୃଦ୍ଧି ଘଟିଛି।ଏହା ବ୍ୟତୀତ, ଗତ ୧୨ ବର୍ଷ ମଧ୍ୟରେ ଏହି ଶିଳ୍ପରେ ନିଯୁକ୍ତି ମଧ୍ୟ ୫୬% ବୃଦ୍ଧି ପାଇଛି। ଏହି ଶିଳ୍ପ ଗ୍ରାମୀଣ ଅର୍ଥନୀତିକୁ ନୂତନ ଗତି ପ୍ରଦାନ କରୁଛି। ଗ୍ରାମାଞ୍ଚଳର ଆୟ ବୃଦ୍ଧି କରିବା ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଗ୍ରାମାଞ୍ଚଳର ଲୋକମାନେ ହାତରେ କଟା ସୂତାଠାରୁ ଆରମ୍ଭ କରି ପ୍ରାକୃତିକ ଏବଂ ପରିବେଶ ଅନୁକୂଳ ଉତ୍ପାଦ ପର୍ଯ୍ୟନ୍ତ ଉତ୍ପାଦ ଉତ୍ପାଦନ କରୁଛନ୍ତି। ଏଥିପାଇଁ, ଗାଁରେ ଅନେକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠିତ ହୋଇଛି, ଯେପରିକି ଧୂପକାଠି ଏବଂ ମହମବତୀ ତିଆରି ଠାରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣ, ପଶୁପାଳନ ଏବଂ ହସ୍ତଶିଳ୍ପ ଆଦି ରହିଛି। ଏହି ଶିଳ୍ପଗୁଡ଼ିକରୁ ଆୟ ବୃଦ୍ଧି ହେଲେ ଏହା ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ତାକୁ ସୂଚାଇ ଥାଏ। ଗ୍ରାମାଞ୍ଚଳର ଚାଷୀ, କମ୍ ଶିକ୍ଷିତ ଯୁବକ ଏବଂ ମହିଳାମାନେ ମଧ୍ୟ ନିଯୁକ୍ତି ସୁଯୋଗ ପାଆନ୍ତି।



# ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରେଟ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

# ବାଲି ଚୋରା ଚାଲାଣ ପଛରେ କାହା ହାତ ?

### ହାଇୱ୍ୱାରୁ ଆଦାୟ ହେଉଛି ମାସିକିଆ ବଟି !
### ବାଲି ଗାଡି ଟଙ୍କା ନେଉଛି କିଏ ?
### ଏସପିଙ୍କ ନଜର କେବେ ପଡିବ ?



କାକଟପୁର/ଅସ୍ତରଙ୍ଗ,୨୬।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ନଦୀକୁ ସୁରକ୍ଷା ଦେବା ଲାଗି ହେଉ କିମ୍ବା ବିଭିନ୍ନ କାରଣ ବଶତଃ ବାଲି ଗାଡି ଧରିବାରେ ପୂର୍ବରୁ ପୁଲିସକୁ ଅନେକ ସଫଳତା ମିଳିଛି। କିନ୍ତୁ ଦୁର୍ଭାଗ୍ୟ ବିଷୟ କିଛି ମାସ ହେବ ଖୁଲମ ଖୁଲ୍ଲା ରାତିରାତି ଶହ ଶହ ଟ୍ରିପ ବାଲି ଗାଡି ଚାଲୁଥିବା ବେଳେ ପୁଲିସ କାହିଁକି ହାତବାନ୍ଧି ବସିଛି ତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ନିକଟସ୍ତ ଦେବୀ ନଦୀ ହେଉ କି ବାହାର ଅଂଚଳର ଅନ୍ୟ ନଦୀ ଓ ଶାଖା ନଦୀ ଗୁଡିକରେ ଏବେ ଅନେକ ବେଆଇନି ବାଲି ଖାଦାନ ଚାଲିଛି। ପ୍ରତିଦିନ ରାତିରେ ହେଉ କି ନଦୀ ବନ୍ଧରେ ବିନା ନମ୍ବର ପ୍ଲେଟ ଥିବା ଟ୍ରାକ୍ଟର ମାଧ୍ୟମରେ ଶହ ଶହ ଟ୍ରିପ ବାଲି ଉଠାଯାଉଛି। ଏହି ବାଲିକୁ ପୁରୀ ଜିଲ୍ଲାର ଚାରିଛକ, କାକଟପୁର ଓ ଅସ୍ତରଙ୍ଗ ଦେଇ ହାଇୱ୍ୱା ଜରିଆରେ ପଠାଯାଉଛି। କିନ୍ତୁ ବାଲି ଚାଲାଣ ଉପରେ ଏସ୍ପିଙ୍କ ତୀକ୍ଷ୍ଣ ନଜର ଦେବାକୁ ନିର୍ଦ୍ଦେଶ ଥିବା ବେଳେ କାକଟପୁର ଓ ଅସ୍ତରଙ୍ଗ ପୁଲିସର ନିଷ୍କ୍ରିୟତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାଲି ଚାଲାଣ କରୁଥିବା ହାଇୱ୍ୱା କର୍ମଚାରୀ ଓ ପୁଲିସ ମଧ୍ୟରେ ଗଢିଉଠିଥିବା ଭିତିରି ସମ୍ପର୍କ ବାବଦରେ ଚାଞ୍ଚଲ୍ୟକର ତଥ୍ୟ ମିଳିଛି।

ଅନ୍ୟ ପଟେ ବିଭିନ୍ନ ନଦୀ ଘାଟରୁ ବିନା ଟିପି ଓ ଓଭରଲୋଡିଂ କରି ବାଲିଗାଡି ଚାଲୁଥିବା ବେଳେ ଏହା ନୟାହାଟ ଫାଣ୍ଡି, କାକଟପୁର ଥାନା ଓ ଅସ୍ତରଙ୍ଗ ଥାନା ଅତିକ୍ରମ କରି ଯାଉଥିଲେ ମଧ୍ୟ ପୁଲିସ ସମ୍ପୂର୍ଣ୍ଣ ଭାବେ ନିରବଦ୍ରଷ୍ଟା ସାଜିଛି। ଲୋକ ଦେଖାଣିଆ ଭାବେ ଗଣମାଧ୍ୟମରେ କେତେବେଳେ ଖବର ପ୍ରକାଶ ପାଇଲେ, ବଡ଼ ଧରଣଅଭିଯୋଗ ହେଲେ କିମ୍ବା ଅନ୍ୟ କାରଣ ଥିଲେ ମଧ୍ୟ ବାଲିଗାଡି ଧରିବା ନେଇ ନିଦ ଭାଙ୍ଗୁଛି।

ଏହା ପଛରେ ପୁଲିସ ଓ ବାଲି ଚାଲାଣକାରୀଙ୍କ ମଧ୍ୟରେ ବଡ଼ ଧରଣର ଭିତିରି ବୁଝାମଣା ହୋଇଥିବା ଜଣାପଡିଛି। ବୁଝାମଣା ସ୍ୱରୂପ ଯେଉଁଠାରେ ବେଆଇନ ବାଲି ଉତ୍ତୋଳନ କରାଯାଉଛି, ସେଠାକୁ ପୁଲିସ କେବେ ମଧ୍ୟ ନିଜ ତରଫରୁ ଯିବ ନାହିଁ। ଯଦିଓ ଏହା ଉପରେ ଧରପଗଡ ପାଇଁ ଲଘୁ ଖଣିଜ ବିଭାଗ ସମ୍ପୃକ୍ତ ସ୍ଥାନକୁ ଯାଉଛି ପୁଲିସ ଆଗୁଆ ବାଲି ମାଫିଆଙ୍କୁ ସୂଚନା ଦେଉଛି, ଫଳରେ ବିଭାଗୀୟ ଅଧିକାରୀ ସେଠାରୁ ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ବାଲି ଗାଡି ଯେଉଁ ସବୁ ଥାନା ଅଂଚଳ ଦେଇ ରାସ୍ତା ଅତିକ୍ରମ କରୁଛି, ସେହି ଥାନା ଅଂଚଳରେ ଗାଡି ପିଛା ୩ହଜାରରୁ ୫ ହଜାର ଟଙ୍କା ଲେଖାଏଁ ଦଲାଲଙ୍କ ସହାୟତାରେ ବାବୁ, ବାବୁଆଣିଙ୍କ ପକେଟକୁ ଯାଉଛି ବୋଲି ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ।

ସୂଚନା ଥାଉକି, ପ୍ରତିବର୍ଷ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ବାଲି ଉତ୍ତୋଳନ ବିରୋଧରେ ଗଠିତ ଟାସ୍କଫୋର୍ସ କମିଟି ହେଉଛି କିନ୍ତୁ କଡା କାର୍ଯ୍ୟାନୁଷ୍ଠାନ ହେଉନି। କେବେ ଉଚ୍ଚ ସ୍ତରୀୟ ଅଧିକାରୀ ଙ୍କ ନଜର ପଡିବ ତାହା ହିଁ ଅପେକ୍ଷା।

## ଷ୍ଟିଲ ସିଟି କଲେଜ ପାଇଁ ଗୌରବ ଆଣିଲେ ସାଇନା ସାଇଶ୍ରୀ



ଯାଜପୁର ରୋଡ଼,୨୬।୫ (ସଂଚାର ବ୍ୟୁରୋ): ଦ୍ୱାଦଶ ପରୀକ୍ଷାରେ ଦାନଗଦି ସ୍ଥିତ ଷ୍ଟିଲ ସିଟି ହାୟର ସେକେଣ୍ଡାରୀ ସ୍କୁଲ ହାସଲ କରିଛି ଅଭୁତପୁର୍ବ ସଫଳତା। ଚଳିତ +୨ ପରୀକ୍ଷାରେ ମୋଟ ୪୭ଜଣ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ସଫଳତା ସହ ସାଇନା ସାଇଶ୍ରୀ ବରାଳ ୯୨.୩%ନମ୍ବର ରଖି ଟପର ହୋଇଥିବା ବେଳେ ୩୭ଜଣ ପ୍ରଥମ ଶ୍ରେଣୀରେ ଓ ୧୦ଜଣ ଦ୍ୱତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବ ଆଣିଥିବା ନେଇ ପ୍ରିନସିପାଲ ସୁବୋଧ କୁମାର ବେହେରା ସୂଚନା ଦେଇଥିଲେ। ଆଜିର ଏହି ସଫଳତା ପଛରେ ଛାତ୍ର ଛାତ୍ରୀଙ୍କ ଅକ୍ଳାନ୍ତ ପରିଶ୍ରମ, ଅଭିଭାବକ ମାନଙ୍କ ସହଯୋଗ, ଶିକ୍ଷକ ଶିକ୍ଷୟତ୍ରି ମାନଙ୍କ ପ୍ରେରଣା ପାଇଁ ଆଜି ଷ୍ଟିଲ ସିଟି କଲେଜର ସ୍ୱପ୍ନ ସଫଳତାରେ ପରିଣତ ହୋଇଥିବା ନେଇ ଡାଇରେକ୍ଟର ପ୍ରଦୀପ କୁମାର ରାୟ ସୂଚନା ଦେଇଥିଲେ ।କଲେଜ କ୍ୟାମ୍ପସ ଭିତରେ ସମସ୍ତ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପ ଗୁଚ୍ଛ,ଉତରୀୟ ଓ ମାନପତ୍ର ଦେବା ସହିତ ମିଠା ଖୁଆଇ ଖୁସି ମନାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାସୟନ ବିଜ୍ଞାନ ଅଧ୍ୟାପିକା ମନୋରମା ସେନାପତି, ଇଂରାଜୀ ଅଧ୍ୟାପିକା ସୂର୍ଯ୍ୟମୟୀ ସାହାଣୀ, ଓଡ଼ିଆ ଅଧ୍ୟାପିକା ଚିତ ରଞ୍ଜନ ମଲିକ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଓଏଏସ୍ ପରୀକ୍ଷାରେ ସିଦ୍ଧାମୟୀଙ୍କ ସଫଳତା



କାକଟପୁର /ଅସ୍ତରଙ୍ଗ,୨୬।୫ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ବ୍ଲକ ପାଟପୁର ଝିଅ ସିଦ୍ଧାମୟୀ ସ୍ୱାଇଁ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରି ଅଂଚଳ ପାଇଁ ଗର୍ବ ଆଣିପାରିଛନ୍ତି।

ମଙ୍ଗଳବାର ଓଡିଶା ପ୍ରଶାସନିକ ସେବା ପରୀକ୍ଷାର ଫଳାଫଳ ପ୍ରକାଶିତ ହେବା ପରେ ରାଜ୍ୟରେ ମୋଟ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ କାକଟପୁର ବ୍ଲକ ପାଟପୁର ଅଂଚଳର ଝିଅ ସିଦ୍ଧାମୟୀ ସ୍ୱାଇଁ ୫୯ ନମ୍ବର ରାଙ୍କ ସ୍ଥାନରେ ରହିଛନ୍ତି। ଦୀର୍ଘ ୨ବର୍ଷ ରୁ ଉର୍ଦ୍ଧ କଠିନ ପରିଶ୍ରମ ସହ ନିଜେ ପ୍ରତିଦିନ ୮ରୁ ୧୦ଘଣ୍ଟା ପରିଶ୍ରମ କରି ସଫଳତା ହାସଲ କରିଛନ୍ତି।ବାପା ଓ ମା 'ଙ୍କ ଲକ୍ଷ୍ୟ ଥିଲା ଝିଅ ଓଏସ ହେଉ, ବାପା ଓ ମା ଙ୍କ ଲକ୍ଷ୍ୟ କୁ ପୁରଣ ପାଇଁ କଠିନ ପରିଶ୍ରମ କରି ପାଠ ପଢୁଥିଲେ ସିଦ୍ଧାମୟୀ । ତାଙ୍କର ଏହି ସଫଳତା ପଛରେ ଭଗବାନ ଙ୍କ ଆଶୀର୍ବାଦ ଏବଂ ପିତା ମାତା ଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, ସାଙ୍ଗ ଙ୍କ ପ୍ରେରଣା ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି ନିଜ ପ୍ରତିକ୍ରିୟା ରେ ସିଦ୍ଧାମୟୀ ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ସୁଅ ଛୁଟିଥିବା ବେଳେ ଶୁଭେଚ୍ଛୁ ମାନେ ଶୁଭେଚ୍ଛା ଜଣାଇଥିବା ବେଳେ କାକଟପୁର ଅଂଚଳରେ ଆନନ୍ଦର ଲହରୀ ଖେଳି ଯାଇଛି।

## ଭାରତୀୟ ପୂର୍ବତନ ସୈନିକ ସଂଗଠନ ବାଲିଆପାଳ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ



ବାଲିଆପାଳ,୨୬।୫ (ସଂଚାର ବ୍ୟୁରୋ):ଭାରତୀୟ ପୂର୍ବତନ ସୈନିକ ସଂଗଠନ ବାଲିଆପାଳ ଶାଖାର ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ରବିବାର ଗୁରୁକୁଳ ଭବନ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ବନ ବିହାରୀ ଦାସ ଅଧିକାରୀ ଏବଂ ଜୟରାମ ପାତ୍ର ପରିଚାଳନା କରିଥିଲେ। ଚଳିତବର୍ଷ ସଭାପତି ଭାବେ ମନୋଜ କୁମାର ସି,ଉପ ସଭାପତି ପ୍ରମୋଦ କୁମାର ସିଂ,କାଳି ଚରଣ ମହାନ୍ତି ,ସାଧାରଣ ସଂପାଦକ ରାଧାନାଥ ରାଉତ, ସହ ସଂପାଦକ ସୁଶାନ୍ତ କୁମାର ରାଉତ, କୋଷାଧକ୍ଷ ପଦ୍ମ ଲୋଚନ ଚକ୍ରବର୍ତ୍ତୀ,ସହ କୋଷାଧକ୍ଷ ରାମଚନ୍ଦ୍ର ଜେନା, ଆଇନ ପରାମର୍ଶଦାତା ଆଡ଼ଭୋକେଟ ସୁଷମା ଦାସ, ସୂଚନା ଓ ଲୋକ ସମ୍ପର୍କ ଚୈତନ୍ୟ ପ୍ରଧାନ, ପରମାନନ୍ଦ ଜେନା, ଅମରେଶ ପ୍ରଧାନ ବିଚାରକ ମଣ୍ଡଳୀ କମଳ ଲୋଚନ ପିଳା, ବନ ବିହାରୀ ଦାସ ଅଧିକାରୀ, ଜୟରାମ ପାତ୍ର, ଜୀବନକୃଷ୍ଣ ଦାସ, ମୁରଲୀଧର ସାହୁ, ସୁବଳ କୁମାର ଗିରି ପରିଚାଳନା କମିଟି ସଦସ୍ୟ ମୁକୁନ୍ଦ ସିଂ, ଶ୍ରୀଧର ସାହୁ ଅଜୟ କୁମାର ଦାସ ଅଧିକାରୀ ,ନିରଞ୍ଜନ ଗିରି ,ଦେବେନ୍ଦ୍ର ନନ୍ଦୀଙ୍କୁ ଚୟନ କରାଯାଇଛି।

## ଭାରତ ବିକାଶ ପରିଷଦ ପକ୍ଷରୁ ଫଳ ଓ ମୃଦୁ ପାନୀୟ ବଣ୍ଟନ



ସୁବର୍ଣ୍ଣପୁର,୨୬।୫ (ସଂଚାର ବ୍ୟୁରୋ): ଭାରତ ବିକାଶ ପରିଷଦ ସୋନପୁର ଶାଖା ତରଫରୁ ସୋନପୁର ସହର ସ୍ଥିତ ବାଳାଶ୍ରମର ଅନ୍ତେବଶୀଙ୍କୁ ଫଳ ଓ ମୃଦୁ ପାନୀୟ ବଣ୍ଟନ କରାଗଲା । ଆଜି ଅପରାହ୍ନ ୫.୩୦ ସମୟରେ ଭାରତ ବିକାଶ ପରିଷଦ ତରଫରୁ ସୋନପୁର ସହର ସ୍ଥିତ ବାଳାଶ୍ରମ ବା ଶିଶୁ ଆଶ୍ରମ ଠାରେ ୩୭ ଜଣ ଅନ୍ତେବାସୀଙ୍କୁ ପ୍ରଚଣ୍ଡ ଗ୍ରୀଷ୍ମ ଦାଉ ରୁ ରକ୍ଷା କରିବା ପାଇଁ ଫଳ ଓ ମୃଦୁ ପାନୀୟ ବଣ୍ଟନ କରାଗଲା। ଏହି କାର୍ଯ୍ୟକ୍ରମ ରେ ଭାରତ ବିକାଶ ପରିଷଦ ଓଡିଶା ସୋନପୁର ଶାଖା ର ସଭାପତି ଶ୍ରୀଯୁକ୍ତ ସନ୍ତୋଷ ପାଢ଼ୀ, ସେବା ସଚିବ ପ୍ରମୋଦ କୁମାର ସାହୁ , ପଶ୍ଚିମ ପ୍ରାନ୍ତ ର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ସାହୁ କୋଷାଧକ୍ଷ ସୁନନ୍ଦା ସାହୁ ଉପସ୍ଥିତ ଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଦେବଦତ୍ତ ସୌରଭ ସାହୁ ଓ ଦେବବ୍ରତ ସାହୁ ତଥା ଶ୍ରଦ୍ଧାଞ୍ଜଳି ମିଶ୍ର ଉପସ୍ଥିତ ରହିଥିଲେ ।

## ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ




ହିଞ୍ଜିଳିକାଟୁ,୨୬।୫ (ସଂଚାର ବ୍ୟୁରୋ): ଛିଳି ନିର୍ବାଚନ ମଣ୍ଡଳୀରେ ମହିଳା ବିଜେଡ଼ି ପକ୍ଷରୁ ନାରୀ ଅଧିକାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି | ରାଜ୍ୟ ସାଧାରଣ ସମ୍ପାଦିକା ରଂଜିତା ସାହୁଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ହିଞ୍ଜିଳି ମିନି ଷ୍ଟାଡିଅମ ଠାରୁ ଶତାଧିକ କର୍ମୀ ଓ ନାରୀ ନେତ୍ରୀ ଏକାଠି ହୋଇ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଓ ସୁରକ୍ଷା ଦାବି କରିଥିଲେ। ପରେ ବିଜୁ ପଟ୍ଟନାୟକ ଛକ ଦେଇ ସହର ପରିକ୍ରମା କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଫେଲ୍ ମାରିଛି, ନାରୀ ହିଂସାରେ ଓଡ଼ିଶା ଦେଶରେ ଅଲୋଡ଼ା ରେକର୍ଡ କରିଛି ନେଇ ନାରାବାଜି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନବୀନଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସମେତ ପୌରପରିଷଦର ଅଧ୍ୟକ୍ଷ ସୁବାଷ ପୋଲାଇ, ଉପାଧ୍ୟାକ୍ଷା ସୁଚିତ୍ରା ପଣ୍ଡା, ନଗର ସଭାପତି ହୃଦୟାନନ୍ଦ ମହାପାତ୍ର, ଅଜୟ ମହାରଣା, ଶିବା ପାତ୍ର, ଚନ୍ଦନ ପାତ୍ର ସମେତ ବହୁ ଛାତ୍ର ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସୁନାବେଡ଼ାରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା

### ଆହାର କେନ୍ଦ୍ରର ଖାଦ୍ୟ ଗୁଣବତ୍ତାରେ ସନ୍ତୋଷ
### ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ରକୁ ଆହୁରି ସକ୍ରିୟ କରିବାକୁ ନିର୍ଦ୍ଦେଶ



ସୁନାବେଡ଼ା,୨୬।୫ (ସଂଚାର ବ୍ୟୁରୋ): କୋରାପୁଟ ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ମଙ୍ଗଳବାର ସୁନାବେଡ଼ା ପୌରାଞ୍ଚଳର ଆହାର କେନ୍ଦ୍ର ଓ ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରି ସମୀକ୍ଷା କରିଥିଲେ। ସହରୀୟ ସ୍ୱଚ୍ଛତା, ଖାଦ୍ୟର ଗୁଣବତ୍ତା ଓ ବର୍ଜ୍ୟବସ୍ତୁ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ଏକାଧିକ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ସେ ଆହାର କେନ୍ଦ୍ରରେ ପହଞ୍ଚି ସେଠାରେ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନ ଚାଖି ଖାଦ୍ୟର ମାନ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରତିଦିନ ୪୫୦ରୁ ଅଧିକ ହିତାଧିକାରୀ ମାତ୍ର ୫ ଟଙ୍କାରେ ପୌଷ୍ଟିକ ଭୋଜନ ପାଉଥିବା ସୂଚନା ପାଇ ସେ ଖୁସି ବ୍ୟକ୍ତ କରିଥିଲେ। ଏହାସହ ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛତାକୁ ଆହୁରି ଉନ୍ନତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ପରେ ସେ ଆବର୍ଜନା ପୁନଃପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରି ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁର ପୃଥକୀକରଣ ପ୍ରକ୍ରିୟା, କମ୍ପୋଷ୍ଟିଂ ୟୁନିଟ୍ ଓ ପ୍ଲାଷ୍ଟିକ ବେଲିଂ କାର୍ଯ୍ୟର ଯାଞ୍ଚ କରିଥିଲେ। ସହରକୁ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଦେବା ପାଇଁ ପ୍ରତ୍ୟେକ ୱାର୍ଡରେ ୧୦୦ ପ୍ରତିଶତ ଡୋର-ଟୁ-ଡୋର ଆବର୍ଜନା ସଂଗ୍ରହ ନିଶ୍ଚିତ କରିବାକୁ ସେ ଜୋର ଦେଇଥିଲେ। ଏହାସହ କମ୍ପୋଷ୍ଟ ସାରର ବ୍ରାଣ୍ଡିଂ ଓ ବଜାରୀକରଣ ଉପରେ ବିଶେଷ ଗୁରୁତ୍ୱ ଦେବାକୁ କହିଥିଲେ।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆବର୍ଜନା ସଂଗ୍ରହ ଓ କମ୍ପୋଷ୍ଟ ବିକ୍ରି ମାଧ୍ୟମରେ କିପରି ଆତ୍ମନିର୍ଭରଶୀଳ ହେଉଛନ୍ତି, ସେ ସମ୍ପର୍କରେ ମଧ୍ୟ ସେ ଅନୁଧ୍ୟାନ କରିଥିଲେ। ସ୍ୱଚ୍ଛ ସାଥୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ତପନ କୁମାର ନାୟକ କହିଥିଲେ ଯେ, ସମସ୍ତଙ୍କ ସହଯୋଗରେ ସୁନାବେଡ଼ାକୁ ଏକ ସ୍ୱଚ୍ଛ ଓ ମଡେଲ ସହରରେ ପରିଣତ କରାଯାଇପାରିବ। ଏହି ଗସ୍ତ ସମୟରେ ସୁନାବେଡ଼ା ପୌର ପରିଷଦର ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ସମେତ ପୌର ପରିଷଦର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଏସ୍ଆଇଆର୍ ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ



ଢେଙ୍କାନାଳ,୨୬।୫ (ସଂଚାର ବ୍ୟୁରୋ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମକୁ ବ୍ଲକ ଏବଂ ଉପଖଣ୍ଡସ୍ତରରେ ସୂଚାରୁରୂପେ ପରିଚାଳନା କରିବା ନିମନ୍ତେ ଆଜି ହିନ୍ଦୋଳ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ପ୍ରଭାସ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ସାମିଲ ହୋଇଥିଲେ ।

ବୈଠକରେ ଶ୍ରୀ ବେହୁରା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସମାବେଶୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ଭୋଟରମାନଙ୍କୁ ସଠିକ୍ ସୂଚନା ପ୍ରଦାନ କରିବାରେ ବୁଥ୍ ସ୍ତରୀୟ ପ୍ରତିନିଧି ଏବଂ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ବେହୁରା କହିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ ଅଧୀନରେ କରାଯିବାକୁ ଥିବା କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ୩୦ ମଇ ୨୦୨୬ ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ପରିଦର୍ଶନ, ୫ ଜୁଲାଇ ୨୦୨୬ ରେ ଚିଠା ନିର୍ବାଚନ ତାଲିକା ପ୍ରକାଶନ, ୫ ଜୁଲାଇ ୨୦୨୬ ରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଏବଂ ଆପତ୍ତି ଦାଖଲ ସମୟସୀମା, ୫ ଜୁଲାଇ ୨୦୨୬ ରୁ ୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଦାବି ଏବଂ ଆପତ୍ତିର ସମାଧାନ, ଏବଂ ୬ ସେପ୍ଟେମ୍ବର ୨୦୨୬ ରେ ଚୂଡ଼ାନ୍ତ ନିର୍ବାଚନ ତାଲିକା ପ୍ରକାଶନ ଅନ୍ତର୍ଭୁକ୍ତ।

ବୈଠକରେ କଲ୍ୟାଣ ସୌରଭ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହିନ୍ଦୋଳ, ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଓଡାପଡା, ଦୁର୍ଯ୍ୟଧନ ସାହୁ, ଡେପୁଟି କଲେକ୍ଟରଙ୍କ ସମେତ ସମସ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତ ନିର୍ବାଚନ ଲାଗି ସଂଗଠନର ମଙ୍ଗ ଧରିଲେଣି ବିଜେପି ନେତା



କୋରେଇ,୨୬।୫ (ସଂଚାର ବ୍ୟୁରୋ): କୋରେଇ ବିଧାୟକ ଆକାଶ ଦାସନାୟକ'ଙ୍କ ଅତିପ୍ରିୟ ଏବଂ ବିଶ୍ୱସ୍ତ ଓ ଜଣେ ପରଉପକାରୀ ମଣିଷ ଭାବେ ପରିଚିତ ତଥା ଅଂଚଳର ଜଣେ ଜଣାଶୁଣା ବିଜେପି ଦଳର ଆଗଧାଡ଼ିର ଟାଣୁଆ ନେତା ପ୍ରକାଶ ଧଳ ଏବେ ଶକ୍ତିକେନ୍ଦ୍ର ବୈଠକକୁ ଅସ୍ତ୍ର କରି ବିଜେପି ସଂଗଠନକୁ କରୁଛନ୍ତି ଆହୁରି ସୁଦୃଢ଼ ବୋଲି ବିରୋଧି ବିଜେଡି ଓ କଂଗ୍ରେସ ଶିବିରରେ ହେଉଥିବା ଆଲୋଚନା କଥା ଏବେ ପଦାକୁ ଆସିଅଛି। ବିଜେପି ଦଳର ଶକ୍ତିକେନ୍ଦ୍ର ବୈଠକ ବିଭିନ୍ନ ପଂଚାୟତରେ ଦଳ ପକ୍ଷରୁ ଅନୁଷ୍ଠିତ ହେଉଛି। ରାଜ୍ୟରେ ଆଗାମୀ ଦିନରେ ପଂଚାୟତ ନିର୍ବାଚନ ହେବାକୁ ଥିବାରୁ ବିଜେପି ଦଳୀୟ ନେତାମାନେ କର୍ମୀଙ୍କୁ ଗୁରୁମନ୍ତ୍ର ଦେଉଛନ୍ତି। ଧିରେ ଧିରେ ଏଥିପାଇଁ ବେଶ ଚଳଚଂଚଳ ହୋଇଉଠିଲାଣି କୋରେଇର ପ୍ରତ୍ୟେକ ପଂଚାୟତର ପଦ୍ମ ଶିବିର। ବିଗତ ଦିନରେ ଏବେ ହୋଇଥିବା ଅମୃତୀୟା ପଂଚାୟତର ଶକ୍ତିକେନ୍ଦ୍ର ବୈଠକରେ ବିଜେପି ନେତା ପ୍ରକାଶ ଧଳ ସାମିଲ ହୋଇ ବିଜେପି ସଂଗଠନ ଏବଂ ସରକାରକୁ ୨ ବର୍ଷ ପୂରିବାକୁ ବସିଥିବା ବେଳେ ତୃଣମୂଳସ୍ତରରେ ଲୋକଙ୍କ ପାଖରେ ବିଜେପି ସରକାରଙ୍କର ଜନହିତକର ଯୋଜନା କିପରି ପ୍ରଭାବ ପକାଉଛି ତାହା ଉପରେ ଆଲୋକପାତ କରିଥିବା ବେଳେ ତୃଣମୂଳ ସ୍ତରରେ ନୂଆ ଓ ପୁରୁଖା ନେତାଙ୍କ ଭିତରେ କିପରି ସମନ୍ୱୟ ରହିବ, ଦଳକୁ ଗ୍ରାଉଣ୍ଡ ଜିରୋରେ ଲୋକଙ୍କ ଆସ୍ଥାଭାଜନ ହେବାରେ ଆହୁରି କିପରି ମଜବୁତ କରାଯିବ, ଦଳ ପଂଚାୟତର ନିର୍ବାଚନ କିପରି ରେକର୍ଡ ସଫଳତା ହାସଲ କରିବ, ସେ ନେଇ କାର୍ଯ୍ୟ କରିବାକୁ ଦଳିୟ କର୍ମିମାନଙ୍କୁ ଆହ୍ୱାନ ଦେଇଥିଲେ। ବିଜେପି ନେତା ଶ୍ରୀ ଧଳଙ୍କ ଏପରି ତତ୍ପରତା ବିରୋଧି ଶିବିରର ସାଂଗଠନିକ ନେତା ମାନଙ୍କ ନିଦ ହଜାଉଛି ବୋଲି କୋରେଇ ନିର୍ବାଚନ ମଣ୍ଡଳୀର ଚାରିଆଡ଼େ ଏବେ ଚର୍ଚ୍ଚାଚାଲିଛି।

## ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ 'ଅକ୍ସ ମମ୍ବୋ - ୨୦୨୬' ଉଦ୍ଯାପିତ




ବାଲିଅନ୍ତା,୨୬।୫ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅଧୀନ ରାମଚନ୍ଦ୍ରପୁର ସ୍ଥିତ ଅକ୍ସଫୋର୍ଡ଼ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ ଅକ୍ସମମ୍ବୋ ୨୦୨୬ ଆଜି ଉଦଯାପିତ ହୋଇଯାଇଛି । ଏନେଇ ଆୟୋଜିତ ଉଦଘାଟନୀ ସଭାରେ ମୂଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ । ସିମୁଳିଆ ବିଧାୟକ ,ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ପଦ୍ମଲୋଚନ ପଣ୍ଡା ସଭାପତିତ୍ୱ କରିଥିଲେ । ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାରେ ସରକାରୀ ସ୍ତରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କଲେଜର ଚେୟାର ମ୍ୟାନ ଡାକ୍ତର ଅନୁମାଧବ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜର ସମସ୍ତ ପ୍ରିନସିପାଲ, ମ୍ୟାନେଜେମେଣ୍ଟ ଷ୍ଟାଫ, ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକ ଲାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବାର୍ଷିକ କ୍ରୀଡା ପ୍ରତିଯୋଗିତା ରେ ବିଜେତା ଓ କ୍ୟାମ୍ପସ ଚୟନରେ ମନୋନୀତ ଛାତ୍ର ଛାତ୍ରୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ପରିଶେଷରେ ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋରଞ୍ଜନର ଖୋରାକ ଯୋଗାଇଥିଲା । ବହୁ ଓଲିଓଡ ଓ ବଲିଓଡ କଳାକାର ସଙ୍ଗୀତ ଓ ନୃତ୍ୟ ଛାତ୍ରଛାତ୍ରୀଙ୍କୁ ବିମୋହିତ କରିଥିଲା । ଶେଷ ସନ୍ଧ୍ୟାରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲେ ବଲିଓଡ ଗାୟକ ଅମନ ତ୍ରିଖା ,ସେ ତାଙ୍କ ସୁମଧୁର ସଂଗୀତ ରେ ଦର୍ଶକମାନଙ୍କୁ ମତୁଆଲା କରିଥିଲା ।

## ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା




ଯାଜପୁର ରୋଡ଼,୨୬।୫ (ସଂଚାର ବ୍ୟୁରୋ): ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ବ୍ୟାସନଗର ସ୍ଥିତ ଅଭିମନ୍ୟୁ କଳା ମଣ୍ଡପ ଠାରେ ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ'ଙ୍କ ସଭାପତିତ୍ୱରେ ସିଆଇଟିୟୁର ସର୍ବ ଭାରତୀୟ ଉପ ସଭାପତି, ରାଜ୍ୟ ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଶ୍ରମିକ ନେତା କମ୍ରେଡ ସାଥି ବିଷ୍ଣୁ ମହାନ୍ତି'ଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସିପିଏମର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ବରିଷ୍ଠ ଆଇନଜୀବି ଗୋକୁଳାନନ୍ଦ ମହାନ୍ତି, ଜିଲ୍ଲା ଟ୍ୟାକ୍ସବାର ଆସୋସିଏସନର ସଭାପତି ବିବେକାନନ୍ଦ ମହାନ୍ତି, ଆଇଏନଟିୟୁସିର ଜିଲ୍ଲା ଉପ ସଭାପତି ନିରଞ୍ଜନ ପରିଡା, ଏଆରୟୁଟିୟୁସି ନେତା ବିଜୟାନନ୍ଦ ମଲ୍ଲିକ, ସିପିଏମ ଜିଲ୍ଲା ସମ୍ପାଦକ ସାଥୀ ନିର୍ମଳ ରଥ, କାଉନସିଲର କୁମୁଦିନୀ ରାଉତ, ସୁଦୀପ୍ତ ମହାନ୍ତି ରଶ୍ମିରେଖା ନାୟକ, ଜୟିରାମ ମୁର୍ମୁ,ପାନୀ କିସ୍କୁ, ମାଳତୀ ହାଁସଦା, ପ୍ରଦୀପ ମହାନ୍ତି, ବିଜୟାଲକ୍ଷ୍ମୀ ମହାନ୍ତି, ରମେଶ ରାଉତ, ନିରାକାର ନାୟକ,ସନ୍ତୋଷ ପୃଷ୍ଟି ପ୍ରମୁଖ ସ୍ୱର୍ଗତ ବିଷ୍ଣୁ ମହାନ୍ତିଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରି ତାଙ୍କ ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶ୍ରମିକ ନେତା ପରମାନନ୍ଦ ସେଠୀ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ନିଜ ବକ୍ତବ୍ୟ ଉପସ୍ଥାପନ କରିଥିବା ବେଳେ ସମସ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସାଇ ମନ୍ଦିର ପ୍ରତିଷ୍ଠାତା ସମାଜସେବୀ ଅମୂଲ୍ୟ ପ୍ରଧାନଙ୍କ ପରଲୋକ



ପଟ୍ଟାମୁଣ୍ଡାଇ, ୨୬।୫ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଂଚାୟତ ବାଛରା ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ତହସିଲ କର୍ମଚାରୀ ତଥା ପୂର୍ବତନ ସରପଞ୍ଚ ସମୀର ପ୍ରଧାନ ଙ୍କ ପିତା ଅମୂଲ୍ୟ ପ୍ରଧାନଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ସେ ବାଛରା ସାଇମନ୍ଦିର ଓ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ । ଶ୍ରୀ ପ୍ରଧାନ ସରକାରୀ ଚାକିରୀରୁ ଅବସର ପରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କ ମର ଶରୀରକୁ ବାଛରା ଗାଁ ପରିକ୍ରମା କରାଯାଇଥିଲା । ଏଥିରେ ବରିଷ୍ଠ ସମାଜସେବୀ ବରାହ ଚରଣ ସାମଲ, ପୂର୍ବତନ ସରପଞ୍ଚ ସୁଧାଂଶୁ ସାମଲ ଓ ଜୟନ୍ତୀ ମଲିକ ପୂର୍ବତନ ସମିତି ସଭ୍ୟ ଶ୍ରୀକାନ୍ତ ବେହୁରା, ଜ୍ୟୋତିକାନ୍ତ ବେହୁରା, ସଂଗ୍ରାମ ସାମଲ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଗ୍ରାମ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଜ୍ୟେଷ୍ଠ ପୁତ୍ର ମିହିର ପ୍ରଧାନ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି କିଶୋର ତରାଇ, ଡ଼ ଅଲେଖ କୁମାର ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟରେ ଚାଷ ଜମିରୁ ଜଳ ନିଷ୍କାସନରେ ବାଧକ ହେବା ନେଇ ଚାଷୀଙ୍କ ଅଭିଯୋଗ

ଡେରାବିଶ,୨୬।୫ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଭିତିଭୂମିର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରାଥମିକ ସ୍ତରରେ ଅନାବାଦି ଜାଗାକୁ ରାସ୍ତା ଭାବେ ବ୍ୟବହାର କରାଯାଉଥିବା ବେଳେ ଏହା ଉପରେ ପାଚେରୀ ନିର୍ମାଣ କରିବା ସମ୍ପର୍କରେ ଅଦାଲତରେ ଏକ ମାମଲା ରୁଜୁ ହୋଇଥିଲା। ଏ ସମ୍ପର୍କରେ ସରଜମିନ ତଦନ୍ତ ପାଇଁ ତହସିଲଦାରଙ୍କୁ ଅଦାଲତ ପକ୍ଷରୁ ନିର୍ଦ୍ଦେଶ ଦଆଯାଇଥିଲା।

ଏବେ ଗ୍ରାମର କିଛି ଚାଷୀ ଉକ୍ତ ବିଦ୍ୟାଳୟର ପାଚେରୀ ନିର୍ମାଣ ଫଳରେ ସେମାନଙ୍କ ଜମିରୁ ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ବନ୍ଦ ହୋଇ ଫସଲ ହାନୀ ଘଟିବ ବୋଲି ଡେରାବିଶ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେଣୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ବିଶ୍ୱାସ

**ପୁଷ୍ପଲତା ମିଶ୍ର**





ବିଶ୍ୱାସ ଗୋଟିଏ ସତ୍ୟ, ଗଭୀର, ଅନୁରାଗ, ନିଷ୍ଠା ଏବଂ ଆସ୍ଥା। ବିଶ୍ୱାସ ବ୍ୟକ୍ତି ମଧ୍ୟରେ ଥିବା ଏକ ଅଦୃଶ୍ୟ ସୁସ୍ଥ ମାନସିକତାର ଶକ୍ତି। ବାପା ମାଆ ଛେଉଣ୍ଡ ରାଜୁ ଏଠି ସେଠି ବୁଲି ମାଗି ଖାଇ ଚଳୁଥାଏ। ଯେଉଁଠି ରାତି ହୁଏ ସେଇଠି ଶୋଇ ପଡେ ,"ଅରକ୍ଷିତକୁ ଦଇବ ସାହା" ପରି ସେ ଚାରିଆଡ଼େ ଏମିତି ଘୁରି ବୁଲୁଥାଏ। ଯିଏ ଯାହା ଦିଏ ହସି କି ଦିଏ ସେ ନିଏ, ଯିଏ ଯାହା ଖାଇବାକୁ ଦିଅନ୍ତି ଖୁସିରେ ନେଇ ଖାଇଦିଏ। ଆଉ ଖାଇବା ପୂର୍ବରୁ ତା ସାଙ୍ଗରେ ବୁଲୁଥିବା କାଳିଆ କୁକୁର କୁ ଖାଇବାକୁ ଦେବାକୁ ସେ ଭୁଲେ ନାହିଁ କାଳିଆ କୁକୁରକୁ ଖାଇବା ଦେବା ପରେ ସେ ଖାଏ।

ଏମିତି ଦୋସ୍ତି ସେ କୁକୁର ସହିତ ଯେମିତି ତାର ପୂର୍ବ ଜନ୍ମ ର କିଛି ସମ୍ପର୍କ ଯୋଡି ହୋଇଛି। ରାଜୁର ବସିବା, ଖାଇବା ଶୋଇବା ସହିତ ତା ସାଙ୍ଗେ ସାଙ୍ଗେ ସେ ମଧ୍ୟ ବୁଲୁ ଥାଏ।ଏମିତି ଦିନେ ରାଜୁ ବୁଲୁ ବୁଲୁ ଯାଇ ପହଁଚି ଗଲା କୋଟି ପତି ରମେଶ ବାବୁଙ୍କ ଘର ପାଖରେ ଶଙ୍ଖ ମଲ ମଲ ଘର, ଘରଟି ଅତି ସୁନ୍ଦର ହେଇଛି ଯିଏ ଦେଖିବ ଘଣ୍ଟାଏ ସେଇଠି ଅଟକି ଯିବ। ସେଇ ଘର ପାଖରେ ରାଜୁ ବସୁ ବସୁ ନିଦ ଲାଗି ଯାଇଛି କେତେବେଳେ ଯେ ଶୋଇ ଯାଇଛି ସେ ଜାଣି ପାରିନି କିନ୍ତୁ ତା ପାଖରେ ସେଇ କାଳିଆ କୁକୁରଟି ବସି ରହିଛି। ସେଇ ଶଙ୍ଖ ମଲ ମଲ ଘରର ମାଲିକ ଶ୍ରୀଯୁକ୍ତ ରମେଶ ପଟ୍ଟନାୟକ,ସେ ଜଣେ ଶିଳ୍ପପତି ତାଙ୍କ ଧର୍ମ ପତ୍ନୀ ସୁଲତା ଦେବୀ। ଦଶ ବର୍ଷ ହେଲାଣି ତାଙ୍କ ବିଭାଘରକୁ ସନ୍ତାନ ସନ୍ତତି କେହି ନାହାନ୍ତି ତାଙ୍କ କୋଳ ଖାଲି। ଏତେ ଧନ ସମ୍ପତି ଥାଇ କି ଲାଭ ଭଗବାନ ଏତେ ନିଷ୍ଠୁର କାହିଁକି ଏତେ ଧନ ଥାଇବି ଖାଇବାକୁ କେହି ନାହିଁ। କେତେ ଦେବା ଦେବୀ ଙ୍କୁ ଡାକି ଡାକି ଥକି ପଡ଼ିଲେଣି ରମେଶ ବାବୁ ଓ ସୁଲତା ଦେବୀ। ଅନାଥାଶ୍ରମ ରୁ ଗୋଟେ ପିଲା ଟିଏ ଆଣିବା ପାଇଁ ବହୁ ଚେଷ୍ଟା ରେ

ବିଫଳ ହୋଇ ପ୍ରଭୁ ଶ୍ରୀରାମଙ୍କୁ ପୂଜା କରି ତାଙ୍କରି ଶରଣରେ ପଡ଼ି ରହିଛନ୍ତି ପ୍ରଭୁ ଶ୍ରୀରାମ ଚାହିଁଲେ ସେ ନିଶ୍ଚିନ୍ତ ପୁତ୍ର ସନ୍ତାନ ପ୍ରାପ୍ତି ହେବେ। ରମେଶ ବାବୁ ସୁଲତାଙ୍କୁ ଡାକି କହିଲେ ଆଜି ପରା ଶ୍ରୀ ରାମ ନବମୀ ମୁଁ ଶୀଘ୍ର ଅଫିସରୁ ଫେରିଲେ ରାମ ମନ୍ଦିର ଯିବା ପରା, ସୁଲତା ନିଦରୁ ଉଠି ସାମ୍ନା ଦ୍ୱାରା ଖୋଲି ବାହାରକୁ ଆସିଲେ ଏହା ତାଙ୍କର ନୀତି ଦିନିଆ କାମ।ବାହାରେ ଆସି ବଗିଚାରୁ ଫୁଲ ତୋଳିବା, ଫୁଲ କଣ ଆଉ ତୋଳିବେ ଦେଖନ୍ତିତ ସାତ ଆଠ ବର୍ଷର ଛୋଟ ପିଲାକୁ ଦେଖି ଚମକି ପଡ଼ିଲା ସୁଲତା। ବାହାରେ ଛୋଟ ପିଲାଟି ଶୋଇଛି, ବିକଳ ଲାଗିଲା ସୁଲତାକୁ ତାକୁ ନିଦରୁ ଉଠାଇ ପଚାରିଲେ ପୁଅ ତୋ ନାଁ କଣ ? ତୁ ଏଠି ଏକୁଟିଆ କାହିଁକି ଶୋଇଛୁ ?ତୋର ଘର ,ବାପା ମାଆ କୋଉଠି ଅଛନ୍ତି ରେ। ପିଲାଟି ପ୍ରଥମେ ଡରି ଗଲା ଓ କହିଲା ମାଆ ମୋର କେହି ନାହାଁନ୍ତି ମୋର ଘର ବି ନାହିଁ ,ଏମିତି ବୁଲି ବୁଲି ଯୋଉଠି ଯାହା ମିଳିଲା ଖାଉଛି, ଯେଉଁଠି ନିଦ ଲାଗିଲା ସେଇଠି ଶୋଇ ପଡୁଛି। ଚାକର ରାମୁକୁ ଡାକ ପକେଇଲେ ସୁଲତା ଦେଖିବ ଆସ ପ୍ରଭୁ ଶ୍ରୀ ରାମ ମୋ କୋଳ ପୂରଣ କରିଦେଇଛନ୍ତି। ଆଜି ଶ୍ରୀ ରାମ ନବମୀ ରେ ପ୍ରଭୁ ମତେ ଏ ପୁଅ ଟିକୁ ଦେଇଛନ୍ତି। ରମେଶ ବାବୁ ସୁଲତା ର ପାଟି ଶୁଣି ବାହାରକୁ ଦଉଡ଼ି ଆସିଲେ ଆସି ଦେଖନ୍ତି ତ ସୁଲତା ଛୋଟ ଛୁଆକୁ ଧରି ବସିଛନ୍ତି।ଖୁସି ହୋଇଗଲେ ରମେଶ ବାବୁ କହିଲେ, ତୁମ କୋଳ ପୂରଣ କରିଦେଲେ ପ୍ରଭୁ !ମୁଁ କହୁ ନ ଥିଲି ସୁଲତା ,ପ୍ରଭୁ ଶ୍ରୀ ରାମ ତୁମ ଡାକ ନିଶ୍ଚୟ ଶୁଣିବେ। ସେ ପରା ଅନ୍ତର୍ଯ୍ୟାମୀ ଅନ୍ତର ର କଥା ଶୁଣି ପାରନ୍ତି ସେ ପରା ପୁରୁଷୋତ୍ତମ ! ଧନ୍ୟ ତୁମେ ପ୍ରଭୁ ଧନ୍ୟ ତୁମର ଲୀଳା। ରାମୁ କାକା ସେ ପିଲାଟିକୁ ନେଇ ଗାଧୁଆ ପାଧୁଆ କରି ଦେଲେ। ଆଉ ଅଫିସ କଣ ଯିବେ ରମେଶ ବାବୁ ବଜାରକୁ ଯାଇ ରାଜୁ ପାଇଁ ନୂଆ ପୋଷାକ କିଣି ଆଣିଲେ। ଖାଇବା ପିଇବା ଦେଇ ଘରେ ପୁଅ ପରି ରଖିଲେ। ସୁଲତା ଦେବୀ ଆଉ ରମେଶ ବାବୁ ଏତେ ଖୁସି ଯେ ରାଜୁ କୁ ନେଇ ପାଖ ସ୍କୁଲ ରେ ନାମ ଲେଖାଇ ଦେଲେ। ରାଜୁ ଭଲ ପାଠ ପଢ଼ି ଶ୍ରେଣୀ ରେ ପ୍ରଥମ ହେଉଥାଏ। କିଛି ଦିନ ପରେ ରାଜୁ ର ମେଟ୍ରିକ୍ ପରୀକ୍ଷା ପାଖେଇ ଆସିଲା ମାଷ୍ଟର୍ ମାନେ ମଧ୍ୟ ରାଜୁକୁ ଖୁବ ଭଲ ପାଉ ଥାଆନ୍ତି। ପ୍ରତିଦିନ ଘରକୁ ଆସି ରାଜୁର ପାଠପଢ଼ା ତଦାରଖ କରି ଯାଉଥାନ୍ତି। ରାଜୁ ସମସ୍ତଙ୍କର ଆଦର ଯତ୍ନ ପାଇ ରାଜୁ ମେଟ୍ରିକରେ ପ୍ରଥମ ଶ୍ରେଣୀରେ ଉର୍ତିନ ହୋଇଛି ରମେଶ ବାବୁ ଓ ସୁଲତା ଦେବୀ ବହୁତ ଖୁସିରେ ରାଜୁକୁ ଭଲ କଲେଜରେ ନାମ ଲେଖାଇ ଦେଲେ। ସୁନା ଚିହ୍ନେ ବଣିଆ ! ରମେଶ ବାବୁ ସୁଲତା ଦେବୀ ରାଜୁକୁ ନେଇ ବହୁତ ଖୁସିରେ ଦିନ ବିତି ଯାଉଥାଏ। ପୁଅ ରାଜୁକୁ ଅଧିକ ପାଠ ପଢେଇବା ପାଇଁ ବିଦେଶ ପଠାଇ ଦେଲେ। କିନ୍ତୁ ଏଥିରେ ସୁଲତା ରାଜି ନ ଥିଲେ। ସୁଲତା ଦେବୀ ଗୋଟିଏ ମୂହୁର୍ତ୍ତ ରାଜୁକୁ ପାଖରୁ ଛାଡ଼ିବାକୁ ରାଜି ନ ଥିଲେ। ରମେଶ ବାବୁ କହିଲେ ରାଜୁ ପାଠ ପଢ଼ି ଆସିଲେ ସେ ମୋ କମ୍ପାନୀ କଥା ବୁଝିବ। ନୀରବ ରହିଲେ ସୁଲତା ରାଜୁ ପାଠ ପଢିବା ପାଇଁ ବିଦେଶ ଚାଲିଗଲା। ଘରେ ରହିଲେ ରମେଶ ବାବୁ ଓ ସୁଲତା ଦେବୀ, ଏକା ରହିବାରୁ ସୁଲତା ଦେବୀଙ୍କର ଦେହ ଅସୁସ୍ଥ ହେବାକୁ ଲାଗିଲା ତେଣୁ ସେ ରମେଶ ବାବୁ ଙ୍କୁ ବାଧ୍ୟ କଲେ ପୁଅ ରାଜୁକୁ ବିଦେଶ ରୁ ଫେରାଇ ଆଣିବାକୁ କିନ୍ତୁ ରମେଶ ବାବୁ ତାହା ଚାହିଁଲେ ନାହିଁ। ରମେଶ ବାବୁ ସୁଲତାକୁ କହିଲେ - କିଛି ଦିନ ରହିଯାଅ, ସେ ପାଠ ପଢ଼ି ଆସିଗଲେ ତା ଦାୟିତ୍ୱ ରେ ସବୁ ଦେଇ ଆମେ ନିଶ୍ଚିନ୍ତ ରେ ରହିବା। ସୁଲତା ଦେବୀ ଯେମିତି ରାଜୁକୁ ଝୁରୁଥାନ୍ତି ବିଦେଶରେ ମଧ୍ୟ ରାଜୁ ,ରମେଶ ବାବୁ ଓ ସୁଲତା ଦେବୀଙ୍କୁ ଝୁରୁଥାଏ। ରମେଶ ବାବୁ ଓ ସୁଲତା ଦେବୀ ଅନନ୍ତ ବିଶ୍ୱର ବୈଚିତ୍ର୍ୟ ମଧ୍ୟ ରୁ ଗୋଟିଏ ଦୁର୍ମୂଲ୍ୟ ମୁକ୍ତା ପାଇଛନ୍ତି ,ତେଣୁ ତାକୁ ଛାଡ଼ି ରହିବା କଷ୍ଟକର ବ୍ୟାପାର। ମନର ଅସରନ୍ତି ଇଚ୍ଛା , କାମନା ଆଶାରେ ବାନ୍ଧି ରହିଥାନ୍ତି।

ରାଜୁକୁ ଝୁରି ଝୁରି ସୁଲତାଙ୍କ ଶରୀର ଅସୁସ୍ଥ ହେବାରେ ଲାଗିଛି। ରମେଶ ବାବୁ ବହୁତ ଡାକ୍ତର ଦେଖେଇ ସାରିଲେଣି କିନ୍ତୁ ଦେହ ଭଲ ହେବା ପରିବର୍ତ୍ତେ ଅଧିକ ଖରାପ ହେବାରେ ଲାଗିଛି।ରମେଶ ବାବୁ ବିଶ୍ରାମ ନେଉ ଥାଆନ୍ତି, ହଠାତ୍ ବେଲ ବାଜି ଉଠିଲା, ରମେଶ ବାବୁ କହିଲେ, ରାମୁ ଦେଖ୍ ତ ! ଏ ଅସମୟରେ କିଏ ଆମ ଘରକୁ ଆସିଛନ୍ତି ? ରାମୁ କବାଟ ଖୋଲି ଦେଖେତ ରାଜୁ ଠିଆ ହୋଇଛି। ରାମୁ ଡାକିଲା ଭିତରକୁ ଆସ ସାନ ବାବୁ, ତୁମେ କେମିତି ଜାଣିଲ ଯେ ମାଆଙ୍କ ଦେହ ଖରାପ ବୋଲି, କଣ କହିଲ ରାମୁ କାକା ମାଙ୍କ ଦେହ ଖରାପ ? ମୁଁ ଜାଣିନିରେ ରାମୁ କାକା ମତେ ସେଠି କିଛି ଭଲ ଲାଗିଲାନି ବୋଲି ମୁଁ ସେଠାରୁ ପାଠ ପଢ଼ା ଛାଡ଼ି ମୋ ବାପା ମାଆଙ୍କ ପାଖକୁ ଚାଲି ଆସିଲି। ଏହା କହି ମାଆଙ୍କ ରୁମକୁ ପଶି ଯାଇ ମା'ର ପାଦ ତଳେ ପଡିଯାଇ କହିଲା,ଏତେ ଦେହ ଖରାପ ମତେ କେହି ଜଣେଇଲନି। ସେଠି ମୁଁ କିଛି ପଢ଼ି ପାରିଲି ନାହିଁ। ବହିର ପୃଷ୍ଠା ଲେଉଟାଇଲେ ଖାଲି ମୋ ମାଆ ବାପା ଙ୍କ ମୁହଁ ଦେଖାଗଲା। ତେଣୁ ମୁଁ ସେଠିକା ପାଠ ପଢ଼ା ଛାଡ଼ି ପଳେଇ ଆସିଲି। ଯେଉଁ ବିଶ୍ୱାସ ନେଇ ରାସ୍ତା ଉପରୁ ସାଉଁଟି ଆଣି ମତେ ମଣିଷ ପରି ମଣିଷ କରି ଗଢ଼ି ତୋଳିଛନ୍ତି ସେହି ବିଶ୍ୱାସ ଭିତ୍ତିକ ବାପା ମାଆଙ୍କ ପାଦତଳେ ହିଁ ରହି ତାଙ୍କରି ସେବାରେ ଜୀବନ ବିତେଇ ଦେବି। ରମେଶ ବାବୁ ଓ ସୁଲତା ଦେବୀ ରାଜୁକୁ କୋଳରେ ଧରି ଗେଲ କରି କହୁଥାନ୍ତି ଆରେ ଧନ ତୁ ସାଉଁଟା ଦ୍ରବ୍ୟ ନୁହଁ। ତୁ ଆମ ଦୁଇ ଜଣ ଙ୍କ ର ବିଶ୍ୱାସର ଫୁଲ ! ତୋ ସ୍ଥାନ ପାଦ ତଳେ ନୁହେଁ ରେ ଆମ ହୃଦୟରେ ...।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭

---



## ଏକ ଭିନ୍ନ ସ୍ୱାଦର କବିତା

**ଡ. ଶୁଭେନ୍ଦୁ ମେହେର**

ଭୀମଦାସ୍
ଯେଉଁଦିନ ଜନ୍ମ ହେଲା,
ସେ'ଦିନ ପାହାଡ଼ ତଳ ଗାଁରେ
ଅଙ୍ଗ୍ରା ବର୍ଷା ହେଉଥିଲା !

ଲୋକେ କହିଲେ,
ଇ ପିଲା ଅଲକ୍ଷଣା ଟା
ତଥାପି............
ତା'ର୍ ନାଁ ଦିଆହେଲା ଭୀମ....ଭୀମଦାସ୍ !
ମା' କହିଲା...........
ଯିଏ ନିଆଁରେ ଜନ୍ମ ହୁଏ....ସେ' ହିଁ ଭୀମ..... ।

ତା'ର୍ ବୟସ ଦଶ୍ ହେଲାକୁ
ଧୁମ୍ ନିଦାଘ ଆଇଲା,
କୂଅ ପୋଖରୀ ଶୁଖିଗଲା,
ପାହାଡ଼ର ଝର୍ଣା ସବୁ ଅଟ୍‌କିଗଲା,
ମୁଂଡିଏ ପାଣି ମିଳିଲା ନାଇଁ !
ଗାଁ ଲୋକ ଟୁପୁର୍ ଫୁସୁର୍ ହେଲେ,
ପାହାଡ଼ ଦେବ୍‌ତା ରାଗିଛନ୍ତି,
ଆଉ ଗୋଟେ ବଳି ଦର୍‌କାର୍ ।
ଭୀମ ପଚାରିଲା.......
ଦେବ୍‌ତା ଯେବେ ପାଣି ଦବ,
ତେବେ ଯାଇ କ'ଣ ଆମେ ପିଇବୁ ?

ଭୀମ ସେ'ଦିନ ପହିଲା କରି
ଗୋଡ଼ ଉଠାଇଲା..........ପାହାଡ଼ ଚଢ଼ିଲା,
ଅନେକ୍ ଦିନ ଖୁଜିବା ପରେ
ଝରଣା ପାଇଲା,
ହେଲେ ପାଣି ପିଇଲା ନାଇଁ !
କୋଦାଳ ଧରି
ପାହାଡ଼ ଛାତିକୁ ଖୁଳିବା ଆରମ୍ଭ କଲା ।

ପଥର ତା'ର ହାତକୁ କାଟିଲା !
ଖରା ତା'ର ପିଠିକୁ ପୁଡ଼ିଲା !!
ବର୍ଷା ତା'ର ଦିହକୁ ଭିଜାଇଲା !!!

ତଥାପି ଅଟ୍‌କି ଯାଇନି ଭୀମଦାସ୍
ସେ' କହୁଥିଲା,
ଯଦି ଦେବ୍‌ତା ପାଣି ଦେବନାଇଁ,
ମୁଁ ପାହାଡ଼ ଚିରି ପାଣି ବାହାର୍ କରିବି ।

ସାତ୍ ବର୍ଷର ସଂଗ୍ରାମ୍
ସାତ୍ ବର୍ଷର ଅଗ୍ନି ବର୍ଷା !
ଭୀମ ଏକ୍‌ଲା ଲଢୁଥିଲା ପାହାଡ଼ ସାଙ୍ଗ୍‌ରେ
ଗାଁ ଲୋକ କହିଲେ............
"ସେ' ଦେବ୍‌ତାଙ୍କୁ ଅପମାନ୍ କରୁଛି
ତା'ର୍ ଉପ୍‌ରେ ଅଭିଶାପ୍ ପଡ଼ିବ"
ଭୀମ ହସି ହସି କହିଲା............
ଅଭିଶାପକୁ ମୁଁ ପିଇ ସାରିଛି,
ଏବେ କେବଳ ପାଣି ପିଇବା ବାକି ଅଛି ।

ଗୁର୍‌ଦୁ ବର୍ଷ ପରେ ପାହାଡ଼ ଫାଟିଲା
ଝର୍‌ଣା ଆଉ କୁଳୁକୁଳୁ ହୋଇ ନାଇଁ,
ନଈ ହୋଇ ତଳ୍‌କୁ ତଳ୍‌କୁ ଖେପିଲା,
ଗାଁକୁ ଭସାଇ ନେଲା ନାଇଁ,
ଭର୍‌ଷା ଦେଲା ।

ଭୀମ ତଳ୍‌କୁ ଉତୁରିଲା ବେଳକୁ
ତା'ର୍ ଦିହ ପଥର ହୋଇଯାଇଥିଲା,
ହାତ କାଠୁଆ ପଡ଼ିଯାଇଥିଲା,
ଖାନ୍ଦ ବଧିରା ହୋଇଯାଇଥିଲା,
ଆଖିରେ କିନ୍ତୁ ପାହାଡ଼ ଭଳି ଜିଦ୍ !
ଲୋକେ ମୁଣ୍ଡ ନୁଆଁଇଲେ,
ଦେବ୍‌ତା ଭଳି ସମ୍ମାନ କଲେ,
ଭୀମ କହିଲା......
ମୁଁ ଦେବ୍‌ତା ନୁହେଁ......ତୁମ ପରି ମଣିଷ !
ଫରକ୍ ଖାଲି ଏତ୍‌କି ଯେ,
ତୁମେ ପାହାଡ଼କୁ ଡରିଲ, ମୁଁ ତା' ସହ ଯୁଝିଲି,
ଆଜିଠୁ ପୂଜା ପାଠ ବନ୍ଦ୍, କୋଦାଳ ଧର ।
ଈଶ୍ୱର ଏବେ ଛୁଟିରେ ଗଲେଣି,
ଏବେ ନିଜ ଭାଗ୍ୟ ନିଜେ ଖୁଳିବାକୁ ପଡ଼ିବ ।

ଭୀମଦାସ୍ ଆଜି ନାଇଁ
ତଥାପି ପାହାଡ଼ ତଳ ଗାଁରେ
କେହି ପାହାଡ଼କୁ ମୁଣ୍ଡିଆ ମାରେ ନାଇଁ
ସବୁ ଘରେ ଗୋଟିଏ କୋଦାଳ ଅଛି !
ଆଉ ସବୁ ପିଲା ଜନ୍ମ ହେଲେ.......
ତା'ର୍ କାନରେ ଗୋଟିଏ ମନ୍ତ୍ର କୁହନ୍ତି,
"ଭୀମ ହୋଇ ବଞ୍ଚ,
ପାହାଡ଼ ହୋଇ ନୁହେଁ ।"
ପାହାଡ଼ ଭାଙ୍ଗିଯାଏ,
କିନ୍ତୁ ଭୀମଦାସ୍ ଭାଙ୍ଗେ ନାଇଁ ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪

---



## କଙ୍କାଳର ଅଟ୍ଟହାସ୍ୟ

**ପୁଷ୍ପଲତା ମିଶ୍ର**

କଙ୍କାଳ ର ସ୍ଥାନ ଅଟେ ଭୂଇଁ ତଳେ
ସେଇ ଠାରେ ଥାଏ ଶୋଇ,
ଉଠିଲେ କଙ୍କାଳ ମାଟି ଉପରକୁ
ତାଣ୍ଡବ କରଇ ସେହି ।।
ସମୁଦ୍ର ମନ୍ଥନେ ମିଳିଥିଲା ରତ୍ନ
ଅଛି ପୁରାଣ ରେ ଲେଖା,
କଙ୍କାଳ କୁ ଖୋଳି ବାହାର କରିଲେ
ସହଜେ ପାଏନା ରକ୍ଷା ।।
କଙ୍କାଳ ର ଅଟ୍ଟହାସ୍ୟ କୁ ଦେଖିଣ
କାତୁରେ ଜନତା ଆଜି,
ସରକାରୀ ଲୋକେ କରନ୍ତି ତଦନ୍ତ
ନିଶ ରେ ଚୂନ କୁ ମାଖି ।।
କାହିଁକି ଉଠିଲା ମାଟି ର ତଳରୁ
ତାହାହିଁ ବିଚାର ହେଉ ,
ସରକାରୀ ବାବୁ ଖୋଜନ୍ତି ପ୍ରମାଣ
ମୃତ୍ୟୁ ର ପ୍ରମାଣ ପାଉ ।।
ମିଛ ମୋହ ମାୟା ସଂସାର ଯେ ଏହି
ହସ କାନ୍ଦ ର ଜୀବନ,
ବେଳ ଥାଉ ଥାଉ ହରି ନାମ ଭଜନ
କାନ୍ଦେ କଙ୍କାଳ ର ପ୍ରାଣ ।।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭

---



## କାହାକୁ କହିବି

**ଡ.ଚନ୍ଦ୍ରକଳା ନାୟକ**

ଆକାଶରେ ଫୁକିଆ ତାରା
ଧପ ଧପ ହେଉଛି
ଯେମିତି ଡିବି ଆଲୁଅ ପରି
ଉଷାରାଣୀଟାବି ଗାଇ ଚାଲିଛି
ମେଘ ମହ୍ଲାରର ସଙ୍ଗୀତ ।
ମୁଁ କିନ୍ତୁ ଶୁଣି ପାରୁନି
ସେ ଉଷାର ଦରଦୀ ସଙ୍ଗୀତ
ବୋଧେ ତାହା ଲାଗୁଛି ଗୀତ ନୁହେଁ
କାହାର ଆର୍ତ୍ତଚିତ୍କାର ।
ମେଣ୍ଡା ପଲଗୁଡା ଧାଡି ଧାଡି
ଅପେକ୍ଷାରେ ଦଣ୍ଡାୟମାନ
କିଛି ନୀରିକ୍ଷଣ କରୁଛନ୍ତି
ପାହାଚ କଡରେ ବସି ରହିଥିବା
ଭିଖାରୀର ଭିକଥାଳ ଭିତରେ ।
ମୁଁ ତ ବୁଝି ପାରେନା ତୁମକୁ
ସମୁଦ୍ରର ଉତ୍ତାଳ ତରଙ୍ଗ ମାଳାକୁ
ତୁମ ଦେହ ଦିଶିଯାଏ ସେଠି
ଶୀତଳ ବାଲୁକା ପରଶରେ
ମୋତେ କିନ୍ତୁ ତତାଇ ପାରେନା
ମୁଁ ବି ତ ଭୋଗି ଚାଲେ ଅବିରତ
ମୋ କ୍ରନ୍ଦନରତ ଶୁଖୁଲା ଓଠର
ନିଘଞ୍ଚଅରନ୍ୟ ଭିତରେ ଥିବା
ବହଳ ବହଳ ସଲ୍ଲଜ ପଣକୁ ।
ମନେପଡେ ଦୂର ଆକାଶର ସ୍ୱପ୍ନ
ଯେଉଁଠି ବିହଙ୍ଗ ମାନଙ୍କ ଚହଳରେ
ଫିକା ଦିଶିଯାଏ ତୋଫା ଜହ୍ନଟା
ଡେଣା ଆଢୁଆଳରେ ଲୁଚିଯାଏ ନକ୍ଷତ୍ରମାଳା
ଗୋଡାଗୋଡି ହୋଇ ଖେଳୁଥିବା
ପିଲା ମାନଙ୍କର ହୋ ହାଲ୍ଲା ଶବ୍ଦ
ଅଣ ଲେଉଟା ସମୟଟା ବି ।
ମୁଁ ତ ଏବେ ଏବେ ନିଜକୁ ଲୁଚାଇ ଦେଇଛି
ସମୟର ବାରୁଣାବନ୍ତ ପାହାଡରେ
କହିବାକୁ ଭୋଗିବାକୁ ତୁମ ମନ ଗହ୍ୱରର
ଆବେଗ ବିହୀନ ବେଦନା ଗୁଡାକୁ ।
କାହାକୁ ବା କହିବି
ଏହି ଆସକ୍ତି ଭିତରେ ନିରାସକ୍ତାର ଯନ୍ତ୍ରଣା
ତ୍ୟାଗର ଭିଡ ଭିତରେ ଭୋଗର ସାମ୍ରାଜ୍ୟ
ଅବଶୋଷର ଶେଷ ନିଶ୍ୱାସଟିକକ ଢାଳୁ ଢାଳୁ
ଅଣାୟତ ହୋଇଯାଏ
ମୁଁ ଓ ମୋର ଚେତନା ଗୁଡାକ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଜିଲ୍ଲା-ଯାଜପୁର, ମୋ-୯୪୩୭୯୫୭୬୧୭**



---



## ରଏବାରୀର ସ୍ୱପ୍ନ

**ଭାରତୀ ହୋତା**

ରଏବାରୀ!
ଛେଳି ଜଗୁ ଜଗୁ
ପଡିଆ ମଝିରୁ
ଚାହେଁ ଅପହଞ୍ଚ ନୀଳ ଆକାଶକୁ ।।

ଦୂର ଦିଗ୍ ବଳୟକୁ ଶୁଣାଏ ଗପ
ପବନକୁ ଶୁଣାଏ ମନ ଖୋଲା ଗୀତ ।।

ବହି ବସ୍ତାନି ଧରି ବିଦ୍ୟାଳୟ ମୁହାଁ ହେବା ବୟସରେ
ଛେଳି ପଛରେ ଦୌଡୁ ଦୌଡୁ ଖସି ଯାଉଛି
ଶୈଶବ ।।

ଛଳ ଛଳ ସବୁଜ ଘାସରେ
ଛେଳିର ମେଣ୍ଟି ଯାଏ ଉଦର ଭୋକ
ହେଲେ ଟାଇଁ ଟାଇଁ ଖରାରେ
ବିଚାରୀର ଶୁଖିଯାଏ
ମନ ମରମର ଶୋଷ ।।

କେଉଁ ଈଶ୍ୱର ଲେଖିଛି ତା ହସ୍ତରେଖା
କେଜାଣି
ସେଠି ଖାଲି ଦୁଃଖ ଯନ୍ତ୍ରଣାର ମାର୍ମିକ ମାନଚିତ୍ର ।।

ଖୋଲା ନିର୍ମଳ ଆକାଶ
ଯାହାକୁ ଦିନ ରାତି ଦେଖି ପାରୁଛି ସେ
ତାର ପ୍ରିୟ ସହଚର,
କୁଳୁ କୁଳୁ ଗାଉଥିବା ଝରଣା
କଣ୍ଟକିତ ବୁଦା ତା ଅଭୟ ବର ।।

ରଏବାରୀ !
ଛେଳି ପଛରେ ଗୋଡ଼ାଉ ଗୋଡ଼ାଉ
ନିଜ ଛାଇ ସହ ଲୁଚକାଳି ଖେଳେ
କୁଢ଼ କୁଢ଼ ଦୁଃଖର ବାଦଲ ଫାଙ୍କରୁ
ସ୍ୱପ୍ନ ଦେଖେ
ଜଣେ ରାଜକୁମାର ଆସିବ
ପକ୍ଷୀରାଜ ଘୋଡାରେ ବସେଇ
ବୁଲେଇ ଆଣିବ ଲବଙ୍ଗ ଦ୍ୱୀପ
ବୁଲି ଆସିବ ଘେରାଏ ଜହ୍ନ ରାଇଜରୁ
ତା 'ସାମ୍ନାରେକେତେ କେତେ
ଡେଣା ମେଲାଇ ଉଡ଼ି ବୁଲିବେ
ସୁଖର ପ୍ରଜାପତି ।।

ଧେତ୍ ରେ !
ଏତେ ସୁନ୍ଦର ସ୍ୱପ୍ନ ଭାଙ୍ଗିଯାଏ
ଝାଞ୍ଜିର ଦଲକାଏ ପବନରେ,
ଥକି ଯାଇଥିବା ନିସ୍ତେଜ ଆଖି
କେବେ ସରୁ ନ ଥିବା ପଥ
ଡଗ ଡଗ ପାଦ
କାନେ କାନେ ବୁଝେଇ ଦିଏ ତା ' ବାସ୍ତବ ଚିତ୍ର ।।
ଭୋକର ଭୂଗୋଳ
ନିଷ୍ପେଷିତ ଇତିହାସ
ଭିତରୁ ପୁଣି ଖୋଜିଚାଲେ ଜୀବନର ମାନଚିତ୍ର ।।
ଖରୀଆର ରୋଡ଼
ନୂଆପଡ଼ା ।।

---



## ପୂରଣ ବାଚକ ସଂଖ୍ୟା

**କବି ଭାରତୀ ବାସନ୍ତୀ ଲତା ଜେନା**

ଆସରେ ପିଲେ ମୋ ପାଖେ ବସ
ଗଣନା ଶିଖିବ ବସ
ପଛକୁ ପଛ ଧାଡିରେ ବସ
ହେବା ଖୁସି ହରଷ ।୧।
ପୂରଣ ବାଚକ ସଂଖ୍ୟା ଜାଣିବା
କହିବ ତୁମର ନାଆଁ
ପ୍ରଥମ ପିଲା ଏକ ହୋଇବ
ଦ୍ୱିତୀୟ ମାରିବ ଡିଆଁ ।୨।
ତୃତୀୟ ପିଲା ଗିନି ବଜଅ
ଚତୁର୍ଥ ମାରିବ ତାଳି
ପଞ୍ଚମ ପିଲା ନାଚ କରିବ
ଷଷ୍ଠ ଧରିବ ଥାଳି ।୩।
ସପ୍ତମ ଝିଅ ପୁଚି ଖେଳିବ
ଅଷ୍ଟମ ଧରିବ ବହି
ନବମ ପିଲାଟି ଗୀତ ଗାଇବ
ଦଶମ ଖାଇବ ଖଇ ।୪।
ଏକାଦଶ ଖେଳିବ ଖେଳ
ସାଙ୍ଗ ସାଥୀକୁ ନେଇ
ଦ୍ୱାଦଶ ପିଲା ମୂର୍ତ୍ତି ଗଢ଼ିବ
ଡାକି ଜଗତ ସାଇଁ ।୫।
ତ୍ରୟୋଦଶ ଭାରି ବୁଦ୍ଧିଆ
ପର ସାହାଯ୍ୟ କରେ
ଚତୁର୍ଦ୍ଦଶ ଭାରି ମନୁଆ
କଥା ମାନେନା କାରେ ।୬।
ପଞ୍ଚଦଶ ପିଲାଟି ପରା
ହୋଇବ ଚିତ୍ରକର
ଷୋଡଷ ପିଲା ତାହାର ସାଥି
ପଡିଶା ଘର ତାର ।୭।
ସପ୍ତଦଶ ଭାରି ସୁନ୍ଦର
ନମ୍ର ସୁଶୀଳ ଗୁଣ
ଅଷ୍ଟାଦଶ ଲିଡର ହୁଏ
ସଂଗ୍ରହ କରେ ଜ୍ଞାନ ।୮।
ଉନବିଂଶ ପିଲାଟି ପରା
ଭାରି ଡରୁଆ ଜାଣ
ବିଂଶ ପିଲାଟି ସୁଶୀଳ ଗୁଣେ
ନିଏ ସଭିଙ୍କ ମନ ।୯।
ଆସରେ ପିଲେ ଗୋଲ୍ ହେବା
ଖେଳିବା ଆମେ ଖେଳ
ନାଚି ଗାଇବା ଖୁସି ହୋଇବା
ନ କରିବାରେ ଗୋଳ ।୧୦।

**ଗାନ୍ଧୀନଗର, ନବରଙ୍ଗପୁର**
**ମୋବାଇଲ୍: ୮୭୫୮୬୫୫୯୭୯**

---

## ବିଶ୍ୱସ୍ତ ମଣିଷ ସିଏ

**ସ୍ୱାଗତିକା ସାହୁ**



ମାଁ ତୁମେ ମୋର ଏକ ଭିନ୍ନ ପୃଥିବୀ
ତୁମ ସ୍ନେହଭରା ସବଳୀନ ସ୍ପନ୍ଦନରୁ
ତୁମ ସରଳ ଅନ୍ତର ନିଭୃତିରୁ ...
ତୁମ ପରି ଶିଖିଛି ମାଁ ସିଝି ସିଝି
ଫୁଟା ଚାଉଳରେ ...
ଭରିବା ସମସ୍ତଙ୍କ ପେଟ....!
ମୁଁ ଶିଖି ଗଲିଣି ଯେତେ ସବୁ
ଘରର ଦାୟିତ୍ୱ ....
ହଁ....ତୁମ ପରି
ପେଟ ଭୋକକୁ ଶୀତିଳେଇବା ପାଇଁ
ଅଣ୍ଟା ଭିଡ଼ି ନେଇଛି ସଂସାର ରଥ
ମୋ ଅନ୍ୟ ଏକ ଦୁନିଆରେ....
ତୁମେ ସେମିତି ମୋର ଦେବୀ ଟେ..!
ପ୍ରେମ ନିଶିଗନ୍ଧା ମମତାମୟୀ ଟେ
ସ୍ନେହ ରଜନିଗନ୍ଧାର ସ୍ୱୀକାରୋକ୍ତି ତୁମେ...
ଅତୁଳନୀୟ ଅଲିଖିତ ରାଜିନାମାଟେ

ମନ ମାରି ଯେବେ ବସେ ଏକାକୀ
ଲାଗେ ତୁମେ ପାଖେ ଆସ
ଠାକୁର ଆଗେ ଆଖି ମୁଦି ବସିଦେଲେ
ତୁମେ ହିଁ ତ ମୋତେ ଦିଶ....!
ଆପେ ଆପେ ହଜିଯାଏ
ତୁମ ମଧୁବୋଳା ଅମୃତ ବଚନ ସ୍ମୃତିରେ
ତୁମେ ମୁଗ୍ଧ ଅନୁଭବି କରେ ସ୍ଥିତପ୍ରଜ୍ଞ
ସେଇ ତୁମ କୋଳ...ମମତା...
ନାନା ବାୟା ଗୀତ
ସବୁ ପଣତ ଛାଏଁ ଛାଏଁ ପୂରିଯାଏ...
ତୁମ କ୍ଷମା ଭଣ୍ଡାରେ....!!

ପରିପୂର୍ଣ୍ଣ ଶରୀର ମୋ....
ତୁମ ଘନ ରାହସ୍ୟରେ
ତୁମ ସ୍ନେହ ନୁହେଁ ଟୁକୁରା କାଗଜ...
ବର୍ଷାରେ ଭିଜିଯିବ...
ମାଟିର କଣ୍ଢେଇ ନୁହଁ,
ଭାଙ୍ଗିଦେଲେ, ଭାଙ୍ଗିଯିବ
ଦେବା ନେବା ଦୁନିଆ,ରେ
ତୁମେ କେବଳ ଗୋଟିଏ ଚରିତ୍ର
ପାଇବାର ଆଶା ନାହିଁ...
ତୁମେତ ସରଳ ସୂତ୍ରଟିଏ ।।
ତୁମ ଗୁଣର ସମୀକ୍ଷା କରିବ କିଏ ???

ଜୀବନର ଚିହ୍ନା ପୃଷ୍ଠାରେ....
ଭରିଦିଅ ପ୍ରିତୀ ପୂଉଷର ଧାରା
ତୁମ ଆଦେଶ, ଉପଦେଶ
ଅନୁଦେଶ,କଟକଣା ଲାଗେ ଆଜି
ନିଆରା...!

ମନତଳ ଗହୀରି ଅନ୍ଧାରଟା
ଆପେ ଆପେ ହଜିଯାଏ....
ଅନୁସନ୍ଧାନ ର ଗବେଷଣାରେ
ତୁମେ ସ୍ମରାମି,ନାମମି...!
ଯାତ୍ରା ଆରମ୍ଭ ରୁ ଆଜି ଯାଏଁ
ସଦା ଅଭୁଲା ରାହେଟି ତୁମ ପ୍ରିତୀ
ଜୀବନେ ରଖିନାହଁ ଅନନ୍ତ କାମନା
ମୃତ୍ୟୁର ପଦଧ୍ୱନି ପର୍ଯ୍ୟନ୍ତ
ରହୁ ତୁମ ଦିବ୍ୟ ସ୍ପର୍ଶ ଓ ଆଶିଷ
ଲାଗେ ସବୁ ଜନ୍ମ ତୁମରି ହେବିକି...
ଥାଅ ତୁମେ ଜନ୍ମ ଜନ୍ମାନ୍ତରେ ।।

**ଉମରକୋଟ, ନବରଙ୍ଗପୁର**

## ସୋଆ କୃଷି ମହାବିଦ୍ୟାଳୟରେ ୮ମ ଅନ୍ତର୍ଜାତୀୟ
# 'ଫାସିନେସନ୍ ଅଫ୍ ପ୍ଲାଣ୍ଟସ୍ ଡେ-୨୦୨୬' ୱେବିନାର ଆୟୋଜିତ

**ଭୁବନେଶ୍ୱର,୨୬।୫ (ସଂଚାର ବ୍ୟୁରୋ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ୟୁରୋପିଆନ୍ ପ୍ଲାଂଟ ସାଇନ୍ସ ଅର୍ଗାନାଇଜେସନ୍ (ଇପିଏସ୍‌ଓ) ଆନୁକୂଲ୍ୟରେ ଗତ ମେ ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ୮ମ ଆନ୍ତର୍ଜାତୀୟ "ଫାସିନେସନ୍ ଅଫ୍ ପ୍ଲାଂଟସ୍ ଡେ (ଏଫ୍‌ଓପିଡି-୨୦୨୬)" ୱେବିନାର ଆୟୋଜିତ ହୋଇଯାଇଛି। ୱେବିନାରଟି ସଫଳତାର ସହ ସମ୍ପନ୍ନ ହୋଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ସଂସ୍ଥାରୁ ୨୨୫ରୁ ଅଧିକ ପ୍ରତିନିଧି ସାମିଲ ହୋଇଥିଲେ।

ଏହି ୱେବିନାରଟି ମଲିକ୍ୟୁଲାର ବାୟୋଲୋଜି ଓ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ଡକ୍ଟର ମଧୁସ୍ମିତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଡକ୍ଟର ଆଲୋକ କୁମାର ପଣ୍ଡା, ଡକ୍ଟର ପ୍ରକାଶ କୁମାର ବେହେରା ଓ ପିଏଚ୍‌ଡି ଗବେଷିକା ମମତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନଲାଇନ୍ କାର୍ଯ୍ୟକ୍ରମର ଟେକ୍ନିକାଲ୍ ସମନ୍ୱୟ ଡକ୍ଟର ଅଂଶୁମାନ ଜେନା ଓ ଡକ୍ଟର ରାଜୀବ କୁମାର ବେହେରା ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମର ଆରମ୍ଭରେ କୃଷି ବିଜ୍ଞାନ ଅନୁଷ୍ଠାନର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇ କୃଷି ବିକାଶ ଓ ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ଉଦ୍ଭିଦ ବିଜ୍ଞାନ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ପ୍ରଥମ ଦିନରେ ପ୍ରଫେସର ଜ୍ଞାନ ରଞ୍ଜନ ରାଉତ "ପ୍ଲାଂଟ କନ୍‌ଜରଭେସନ୍, ଡାଇଭରସିଟି ଆଣ୍ଡ ୟୁଟିଲାଇଜେସନ୍" ବିଷୟରେ ଆଲୋଚନା କରିଥିବା ବେଳେ ଆଇସିଏଆର-ନ୍ୟାସନାଲ୍ ରିସର୍ଚ୍ଚ ସେଂଟର ଅନ୍ ଲିଚି ଡ଼. ସୁବଲକ୍ଷ୍ମୀ ପଲେଇ ଜଳବାୟୁ ସହନଶୀଳତା ଓ ଖାଦ୍ୟ ସୁରକ୍ଷା ପାଇଁ ଉନ୍ନତ ଉଦ୍ୟାନ କୃଷି ପ୍ରଯୁକ୍ତି ବିଷୟରେ ବ୍ୟାଖ୍ୟାନ ଦେଇଥିଲେ। ସେହିପରି ସଦର୍ଣ୍ଣ ଫେଡେରାଲ୍ ୟୁନିଭର୍ସିଟି ଡ଼. ସ୍ୱର୍ଣ୍ଣେନ୍ଦ୍ର ବ୍ୟାନାର୍ଜୀ ନାନୋ ରିମେଡିଏସନ୍ ମାଧ୍ୟମରେ ଉଦ୍ଭିଦରେ ଷ୍ଟ୍ରେସ୍ ପରିଚାଳନା ଓ ଉତ୍ପାଦନ ବୃଦ୍ଧିରେ ଜିଙ୍କ-ଅକ୍ସାଇଡ୍ ନାନୋପାର୍ଟିକଲର ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ।

ଦ୍ୱିତୀୟ ଦିନରେ ନାଇଜର, ଗିତମ ଏବଂ ସୋଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଉଦ୍ଭିଦ ଜୀବ ବିଜ୍ଞାନ, ଜିନେଟିକ୍ସ, ଫସଲ ଉନ୍ନତି, ରୋଗ ଓ ପୋକ ପରିଚାଳନା ସହ ଧାନରେ ଲୋ-ଲାଇଟ୍ ସହନଶୀଳତା ଭଳି ବିଷୟରେ ଆଲୋଚନା କରିଥିଲେ।

ଏହି ୱେବିନାରର ଉଦ୍ଦେଶ୍ୟ ରହିଥିଲା ଖାଦ୍ୟ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, କୃଷି ଓ ପରିବେଶ ସୁରକ୍ଷା ପରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ସମାଧାନରେ ଉଦ୍ଭିଦ ବିଜ୍ଞାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷାବିତ୍ ଓ ବୈଜ୍ଞାନିକମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

ଦାଦାକୁ ହତ୍ୟା ଘଟଣା

## ୪ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର



**କେନ୍ଦ୍ରାପଡ଼ା,୨୬।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଟାଉନ ଥାନା ସନ୍ନିକଟରେ ଦାଦାକୁ ପୁତୁରା ପଥରରେ ଛେଚି ହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଉଛନ୍ତି ସ୍ୱର୍ଗତ ସୁରେଶ ଚନ୍ଦ୍ର ବାରିକଙ୍କ ପୁଅ ଗୋଧି ଓରଫ ପ୍ରକାଶ ବାରିକ(୨୮), ଗୋଧି ଓରଫ ପ୍ରକାଶ ବାରିକଙ୍କ ପତ୍ନୀ ପୁଜାରିଣୀ ବାରିକ(୨୬), ମନୋଜ ବାରିକଙ୍କ ପତ୍ନୀ ପାର୍ବତୀ ବାରିକ(୪୦) ଓ ରବିନ୍ଦ୍ର ବାରିକଙ୍କ ପତ୍ନୀ ମାମା ଓରଫ ମମତା ବାରିକ(୨୮) । କିନ୍ତୁ ମୁଖ୍ୟ ଅଭିଯୁକ୍ତ ହିମାଂଶୁ ବାରିକକୁ ଧରିବାରେ ପୋଲିସ ବିଫଳ ହୋଇଛି। ଥାନା ସନ୍ନିକଟରୁ କିପରି ହତ୍ୟାକାରୀ ଫେରାର ହୋଇଗଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନା ଯୋଗ୍ୟ ଯେ ଥାନା ସନ୍ନିକଟରେ ବାବୁଲା ବାରିକ ନାମକ ଜଣେ ବ୍ୟକ୍ତିଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ତାଙ୍କ ପୁତୁରା ହିମାଂଶୁ ବାରିକ ହତ୍ୟା କରିଥିଲେ। ଏହି ମାମଲାରେ ୮ ଅଭିଯୁକ୍ତଙ୍କ ନାମ ରହିଥିଲା ।

## ଅଜଣା ବ୍ୟକ୍ତିଙ୍କ ଆକ୍ରମଣରେ ମହିଳାଙ୍କ ମୁଣ୍ଡ ଫାଟିଲା



**ମହାକାଳପଡ଼ା, ୨୬।୫ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅନ୍ତର୍ଗତ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମର ପ୍ରଦୀପ କୁମାର ଚୌଧୁରୀଙ୍କ ପତ୍ନୀ କୁନିଲତା ଚୌଧୁରୀଙ୍କୁ କେହି ଜଣେ ଦୁର୍ବୃତ୍ତ ମରଣାତ୍ମକ ଆକ୍ରମଣ କରିଛି। ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ତାଙ୍କ ମୁଣ୍ଡରେ ୧୧ ଟି ଷ୍ଟିଚ୍ ପଡିଛି। ୨୫ ତାରିଖ ରାତିରେ ଲାଇନ୍ ନଥିବାରୁ କୁନିଲତା କବାଟ ଆଉଜେଇ ତାଙ୍କ ଘରେ ଶୋଇଥିଲେ। ରାତି ପ୍ରାୟ ଏକ ଘଟିକା ସମୟରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ସେ ଉଠିପଡ଼ି ଚିତ୍କାର କରିବାରୁ ଆକ୍ରମଣ କରିଥିବା ବ୍ୟକ୍ତି ଦଉଡ଼ି ପଳାଇଥିଲା। ପାଟି ଶୁଣି ସାହି ଲୋକ ଉଠି ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଛି। ତାଙ୍କ ମୁଣ୍ଡରେ ଏଗାରଟି ଷ୍ଟିଚ୍ ପଡିଛି। କୁନିଲତାଙ୍କ ଏକମାତ୍ର ପୁଅ ବିଦେଶରେ ରହୁଥିବାରୁ ତାଙ୍କ ପୁତୁରା ବିଜ୍ଞାନ କୁମାର ସ୍ୱାଇଁ ଆଜି ଏନେଇ ମାର୍ଶାଘାଇ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ ଏତଲା ଆଧାରରେ ଅଧିକ ତଦନ୍ତ କରୁଥିବା ଜଣା ପଡିଛି।

ଏକ୍ସପାରୀ ଔଷଧ ଘଟଣାକୁ ନେଇ ଚର୍ଚ୍ଚା

## ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ତଦନ୍ତ ଜୋରଦାର

**କେନ୍ଦ୍ରାପଡ଼ା,୨୬।୫(ସଂଚାର ବ୍ୟୁରୋ):** ସରକାରୀ ହସ୍ପିଟାଲରେ ରୋଗୀଙ୍କୁ ଏକ୍ସପାରୀ ଔଷଧ ଦିଆଯାଇଥିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ଘଟଣା ପ୍ରକାଶ ପାଇବା ପରେ ଜିଲ୍ଲାପାଳ ସମ୍ପୃକ୍ତ ଫାଇଲ ତଲବ କରିଥିବା ସୂଚନା ମିଳିଛି । ଏହାସହ ସମଗ୍ର ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ହସ୍ପିଟାଲରେ ରୋଗୀଙ୍କୁ ଦିଆଯାଇଥିବା ଔଷଧର ମିଆଦ ପୂର୍ବରୁ ସରିଯାଇଥିବା ଅଭିଯୋଗ ଆସିଥିଲା । ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟୋର କିପର, ଫାର୍ମାସି ଓ ସମ୍ପୃକ୍ତ କର୍ମଚାରୀଙ୍କୁ ପଚରାଉଚରା କରାଯାଉଥିବା ସୂଚନା ମିଳିଛି । କେଉଁ ପରିସ୍ଥିତିରେ ଏକ୍ସପାରୀ ମେଡିସିନ ରୋଗୀଙ୍କ ପାଖକୁ ପହଞ୍ଚିଲା, ତାହାକୁ ନେଇ ତନାଘନା ଚାଲିଛି ।

ଘଟଣା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସରକାରୀ ହସ୍ପିଟାଲରେ ଔଷଧ ବଣ୍ଟନ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ରୋଗୀଙ୍କ ଜୀବନ ସହ ଏଭଳି ଅବହେଳାକୁ ଗୁରୁତର ବିଷୟ ଭାବେ ନେଇ ତୁରନ୍ତ ଦୋଷୀ କର୍ମଚାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବୀ ହେଉଛି ।

ଅନ୍ୟପଟେ, ଭବିଷ୍ୟତରେ ଏଭଳି ଘଟଣା ନଘଟିବା ପାଇଁ ସମସ୍ତ ସରକାରୀ ମେଡିସିନ ଷ୍ଟକର ଯାଞ୍ଚ କରିବାକୁ ମଧ୍ୟ ଦାବୀ ଉଠିଛି । ତଦନ୍ତ ରିପୋର୍ଟ ପରେ ପ୍ରଶାସନ ପକ୍ଷରୁ ଆଗାମୀ କାର୍ଯ୍ୟାନୁଷ୍ଠାନ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି ।

# ଗ୍ରାମ ଦେବତୀ ନିକଟରେ ଶ୍ମଶାନ ନିର୍ମାଣ, ବଢୁଛି ଅସନ୍ତୋଷ

### ଧାର୍ମିକ ଭାବନାକୁ ନେଇ ଖେଳ

### ବିନା ସୂଚନା ଫଳକରେ ହେଉଛି କାମ



**ଆନନ୍ଦପୁର,୨୬।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଳତୀ ପଞ୍ଚାୟତ ଅନ୍ତର୍ଗତ ରାଇତୋଳା ଗ୍ରାମରେ ଏକ ଶ୍ମଶାନ ଘର ନିର୍ମାଣକୁ ନେଇ ଏବେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମର ଗୋଚର ଜମି ଉପରେ ନିର୍ମାଣ ହେଉଥିବା ଏହି ଶ୍ମଶାନ ଘର ଗ୍ରାମ ଦେବତୀଙ୍କ ପୀଠ ଏବଂ ଖେଳ ପଡ଼ିଆ ନିକଟରେ ହେଉଥିବାରୁ ଗ୍ରାମବାସୀ ଏହାକୁ ଦୃଢ଼ ଭାବରେ ବିରୋଧ କରୁଛନ୍ତି। ନିର୍ମାଣ କାମ ଆରମ୍ଭ ହେବା ଦିନଠାରୁ ଗ୍ରାମରେ ଏନେଇ ଅସନ୍ତୋଷ ଲାଗି ରହିଥିବା ବେଳେ, ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଆପତ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଯେଉଁ ସ୍ଥାନରେ ଶ୍ମଶାନ ଘର ନିର୍ମାଣ ହେଉଛି ସେଠାରେ ଗ୍ରାମ ଦେବତୀଙ୍କ ପୀଠ ରହିଛି। ପ୍ରତିବର୍ଷ ଗ୍ରାମର ବିଭିନ୍ନ ପୂଜାପାର୍ବଣ ଓ ଧାର୍ମିକ କାର୍ଯ୍ୟକ୍ରମ ଏହି ସ୍ଥାନକୁ କେନ୍ଦ୍ର କରି ହୋଇଥାଏ।

ସେହିପରି ନିକଟରେ ଗ୍ରାମର ଏକମାତ୍ର ଖେଳ ପଡ଼ିଆ ଥିବାରୁ ପ୍ରତିଦିନ ଅନେକ ଛୋଟ ଛୋଟ ପିଲା ଓ ଯୁବକମାନେ ସେଠାରେ ଖେଳଖେଳି କରିଥାନ୍ତି। ଏପରି ସ୍ଥାନରେ ଶ୍ମଶାନ ଘର ନିର୍ମାଣ ହେଲେ ଗ୍ରାମର ପରିବେଶ ଓ ଧାର୍ମିକ ଭାବନା ଉପରେ ପ୍ରଭାବ ପଡ଼ିବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି, ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନଥିବା ଅଭିଯୋଗ ମଧ୍ୟ ହୋଇଛି। କେଉଁ ଯୋଜନାରେ, କେତେ ଟଙ୍କା ବ୍ୟୟରେ ଏବଂ କେଉଁ ବିଭାଗ ତରଫରୁ ଏହି ଶ୍ମଶାନ ଘର ନିର୍ମାଣ ହେଉଛି, ସେନେଇ ଗ୍ରାମବାସୀଙ୍କୁ କୌଣସି ସୂଚନା ଦିଆଯାଇନଥିବା କୁହାଯାଉଛି।

ଗ୍ରାମବାସୀଙ୍କ କହିବା ଅନୁସାରେ, ନିର୍ମାଣ କାମ ଆରମ୍ଭ ହେବା ପରେ ସେମାନେ ସଂପୃକ୍ତ ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ଏହି ସ୍ଥାନରେ ଶ୍ମଶାନ ଘର ନ କରିବାକୁ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ପରେ କିଛି ଦିନ ପାଇଁ କାମ ବନ୍ଦ ରହିଥିଲା। ହେଲେ ପୁଣିଥରେ କୌଣସି ଆଲୋଚନା ନ କରି ନିର୍ମାଣ କାମ ଆରମ୍ଭ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମର ବରିଷ୍ଠ ଲୋକମାନଙ୍କ ମତରେ, ଶ୍ମଶାନ ଘର ଗ୍ରାମ ପାଇଁ ନିଶ୍ଚୟ ଆବଶ୍ୟକ, କିନ୍ତୁ ଏହାକୁ ଏଭଳି ସମ୍ବେଦନଶୀଳ ସ୍ଥାନରେ ନ କରି ଅନ୍ୟ ଉପଯୁକ୍ତ ସ୍ଥାନରେ କରାଯିବା ଉଚିତ। ଏହା ଦ୍ୱାରା ଗ୍ରାମର ଧାର୍ମିକ ଭାବନା ଆହତ ହେବ ନାହିଁ ଓ ପିଲାମାନଙ୍କ ଖେଳଖେଳି ଉପରେ ମଧ୍ୟ କୌଣସି ପ୍ରଭାବ ପଡ଼ିବ ନାହିଁ।

ଏହି ଘଟଣାକୁ ନେଇ ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବା ବେଳେ, ଗ୍ରାମବାସୀ ପ୍ରଶାସନଙ୍କୁ ତୁରନ୍ତ ନିର୍ମାଣ କାମ ବନ୍ଦ କରି ବିକଳ୍ପ ସ୍ଥାନ ଚୟନ କରିବାକୁ ଦାବି କରିଛନ୍ତି। ଯଦି ଦାବି ପୂରଣ ନ ହୁଏ, ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ସଚେତନ କରିଛନ୍ତି।

## ମହୁମାଛି ଆକ୍ରମଣରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ଫୁଲବାଣୀ, ୨୬।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଟାଉନରେ ଘଟିଛି ଏକ ଅଭାବନୀୟ ଘଟଣା । ବ୍ୟାଡମିଣ୍ଟନ ଖେଳି ଘରକୁ ଯିବାବେଳେ ଘର ଦୁଆରେ ଜଗି ବସିଥିଲା ଯମ । ଘରେ ପଶିବା ପୂର୍ବରୁ ଘର ସାମ୍ନାରେ ମହୁମାଛି ଆକ୍ରମଣରେ ଚାଲିଗଲା ଯୁବ ବ୍ୟବସାୟୀଙ୍କ ଜୀବନ । ମୃତକ ଜଣକ ହେଲେ ବାଲିଗୁଡ଼ା ସହର ମା'ପାଟଖଣ୍ଡା ମାର୍କେଟ ରେ ମା 'ପାଟଖଣ୍ଡା ଲେଡିସ କର୍ଣ୍ଣର ର ମାଲିକ ତଥା ଅଞ୍ଚଳ ର ଯୁବ ବ୍ୟବସାୟୀ ଖଜୁରୀନାଳ ସାହି ବାସିନ୍ଦା ବି.ମହେଶ୍ୱର ଦୋରା (ପିଣ୍ଟୁ) ଙ୍କ ମୃତ୍ୟୁ ଖବର ଶୁଣି ସମଗ୍ର ଅଞ୍ଚଳ ରେ ଶୋକ ର ଛାୟା ଖେଳି ଯାଇଥିଲା । ସୂଚନା ଅନୁଯାୟୀ ପ୍ରତିଦିନ ଭଳି ଆଜି ମଙ୍ଗଳବାର ଦିନ ମଧ୍ୟ ପିଣ୍ଟୁ ବ୍ୟାଡମିଣ୍ଟନ ଖେଳିବାକୁ ସକାଳୁ ଯାଇଥିଲେ । ଖେଳି ସାରି ଘରକୁ ଫେରିଥିଲେ ପିଣ୍ଟୁ। କିନ୍ତୁ ନିଜ ଘର ଆଗରେ ମହୁମାଛି ଆକ୍ରମଣର ଶିକାର ହୋଇ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ବଣିକ ସଂଘ, ବିପଦର ବନ୍ଧୁ ସଂଗଠନ, ଓ ମା' ପାଟଖଣ୍ଡା ମାର୍କେଟ ର ଜଣେ ସକ୍ରିୟ ସଦସ୍ୟ ସହ ଉତ୍ତମ ସ୍ୱଭାବ, ମେଳାପୀ ତଥା ପରୋପକାରୀ ଯୁବକ ଭାବେ ସେ ବେଶ ପରିଚିତ ଥିଲେ। ତାଙ୍କର ଅମର ଆତ୍ମାର ସଦଗତି କାମନା କରି ସ୍ଥାନୀୟ ବଣିକ ସଂଘ ଓ ମା 'ପାଟଖଣ୍ଡା ମାର୍କେଟ ସଂଘ ତରଫରୁ ସମସ୍ତ ଦୋକାନ ବଜାର ବନ୍ଦ କରି ସମ୍ମାନ ଜଣାଇଥିଲେ ।

## ଏସଆଇଆର୍ ପାଇଁ ତାଲିମ କାର୍ଯ୍ୟକ୍ରମ



**ଯାଜପୁର, ୨୬।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହୋଇଛି । ମୁଖ୍ୟତଃ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା ଉଦ୍ଦେଶ୍ୟ ନେଇ। ଏଥି ନେଇ ମଙ୍ଗଳବାର ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ)ମାନଙ୍କ ଏସଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସଆଇଆର୍ ସମୟ ସାରଣୀ, ଏନୁମେରେସନ୍ ଫର୍ମ ବିତରଣ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ତାଲିମ ଦିଆଯାଇଛି। ଏହାସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା କ୍ରମେ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସତର୍କତା ନିୟମାବଳୀ ଅବଲମ୍ବନ କରି କାର୍ଯ୍ୟ ସମ୍ପାଦନ କରିବାକୁ ବିଏଲଓମାନଙ୍କୁ ପରାମର୍ଶ ଦିଆଯାଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର ମନୀଷା ଜେନା, ତହସିଲଦାର ମାନସ ତ୍ରିପାଠୀ ପ୍ରଶିକ୍ଷଣ ଦେଇଥିଲେ।

ସୂଚନାଯୋଗ୍ୟ, ମଇ ୩୦ ରୁ ଜୁନ୍ ୨୮ ଯାଏଁ ବିଏଲଓମାନଙ୍କ ଦ୍ୱାରା ଘର ଘର ବୁଲି ସର୍ଭେ କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ୨୦୬ ଜଣ ବୁଥ ସ୍ତରୀୟ ଅଧିକାରୀ, ୨୧ ଜଣ ବିଏଲଓ ସୁପରଭାଇଜର ଏବଂ ସ୍ୱେଚ୍ଛାସେବୀମାନେ ତାଲିମ ଗ୍ରହଣ କରିଛନ୍ତି।

# ପ୍ରଧାନମନ୍ତ୍ରୀ ସଡ଼କ ମରଣଯନ୍ତା, ଯାତ୍ରୀ ହନ୍ତସନ୍ତ



**ବୈଶିଙ୍ଗା, ୨୬।୫ (ସଂଚାର ବ୍ୟୁରୋ):** ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ।ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି। ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନଂଜାତୀୟ ରାଜପଥରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳା ଚଳରେ ବାଧା ଉପୁଜିଛି |

ଏହି ରାସ୍ତାର ୭.୩୭୦କି ମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ବିଧାୟକ ସନାତନ ବିଜୁଳିଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସ ରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେବାର ଚୁକ୍ତି ରହିଛି। ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଏକ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି।

ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣରେଖା କେନାଲ ଯାଉଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନବାହାନ ଚଳାଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ୍ୟ ଯତ୍ନବାନ ହେବା ଜରୁରୀ ଅଟେ | ଏତଦ ବ୍ୟତିତ ଏହି ରାସ୍ତା ଜାରକା ରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକ ଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରୀକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି। ବିଭାଗୀୟ ଅଧିକାରୀଙ୍କ ନଜର ପଡୁ ନାହିଁ କି ରାଜନେତା ଙ୍କ ଦୃଷ୍ଟି ମଧ୍ୟ ନପଡିବାରୁ ୫ ଗୋଟି ପଞ୍ଚାୟତ ର ପାଞ୍ଚ ହଜାର ରୁ ଉର୍ଦ୍ଧ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳା ଚଳ କରୁଥିବା ଯାତ୍ରୀବାହୀ ବସ ମଧ୍ୟ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି | ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି |

# ଯୋଗ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ଯାଜପୁର, ୨୬।୫ (ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଯାଜପୁର ଜିଲ୍ଲାରେ ମଇ ୨୮ ରେ ସ୍ଥାନୀୟ ଇନଡୋର ଷ୍ଟାଡିୟମ ପରିସରରେ ଯୋଗ ମହୋତ୍ସବ-୨୦୨୬ ଅନୁଷ୍ଠିତ ହେବ। ଏହି ଯୋଗ ମହୋତ୍ସବକୁ ସୁଚାରୁ ରୂପେ ପାଳନ କରିବା ପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରୀୟ ଯୁବ କ୍ୟାଡେଟ୍ସ ସୋସାଇଟି, ଆୟୁଷ ମନ୍ତ୍ରାଳୟ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଚଳିତ ବର୍ଷ "ସୁସ୍ଥତା, ଜ୍ଞାନ ଓ ବିଶ୍ୱ ଶାନ୍ତି ପାଇଁ ଯୋଗ" ଥିମ୍ କୁ ନେଇ ଯୋଗ ଦିବସ ଏବଂ ଯୋଗ ମହୋତ୍ସବ ପାଳନ କରାଯିବ। ଏଥିରେ ବିଭିନ୍ନ ଯୋଗାସନ ପ୍ରାଣାୟାମ ଭଳି ଯୋଗ ଅଭ୍ୟାସ ସହ ଯୋଗ ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଯୋଗ ବିଶେଷଜ୍ଞ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ।

ପ୍ରସ୍ତୁତି ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଶିକ୍ଷା ଅଧିକାରୀ, ପୋଲିସ ଅଧିକାରୀ, ରାଷ୍ଟ୍ରୀୟ ଯୁବ କ୍ୟାଡେଟ୍ସ ସୋସାଇଟିର ସଂଯୋଜକ, ପତଞ୍ଜଳି ଯୋଗପୀଠ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତା ପାଇଁ ଅଷ୍ଟାଙ୍ଗ ଯୋଗର ଉପକାରିତା ସମ୍ପର୍କରେ ଜନ ଅଂଶଗ୍ରହଣ ଏବଂ ଜନସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧିକାରୀମାନେ ଯୋଗ ମହୋତ୍ସବ ପାଳନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ନାଗରିକ, ଯୁବ ଗୋଷ୍ଠୀ, ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ସଂଗଠନଗୁଡ଼ିକୁ ନିବେଦନ କରିଛନ୍ତି। ଆଗ୍ରହୀ ଅଂଶଗ୍ରହଣକାରୀମାନେ ରାଷ୍ଟ୍ରୀୟ ଯୁବ କ୍ୟାଡେଟ୍ସ ସୋସାଇଟି ଯୋଗ ସଂଯୋଜକ - ୯୧୦୨୧୭୧୪୮୬ କିମ୍ବା ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ସହିତ ଯୋଗାଯୋଗ କରି ସେମାନଙ୍କର ନାମ ପଞ୍ଜୀକରଣ କରିପାରିବେ।

## ଓଏଏସ୍ ପାଇଲେ ନିତେଶ ଓ ଶୀତଲ




**ସୁବର୍ଣ୍ଣପୁର, ୨୬।୫ (ସଂଚାର ବ୍ୟୁରୋ):** ଓଏଏସ୍ ଫଳାଫଳ ପ୍ରକାଶ ପାଇଛି। ସୁବର୍ଣ୍ଣପୁର ସହରର ନିତେଶ କୁମାର ବାରିକ ୮ନମ୍ବର ର୍ୟାଙ୍କରେ କୃତକାର୍ଯ୍ୟ ହୋଇଥିବା ବେଳେ ଶୀତଲ କୁଶଳ ୧୩୪ ର୍ୟାଙ୍କରେ କୃତକାର୍ଯ୍ୟ ହୋଇଛନ୍ତି। ଉଭୟେ ପ୍ରଥମ ଥର ପରୀକ୍ଷାରେ ଏହି ସଫଳତା ପାଇଛନ୍ତି। ନିତେଶଙ୍କ ପିତା ସାନନ୍ଦ ବାରିକ ଜଣେ ଯୁବନେତା ତଥା ମାଁ ଦମୟନ୍ତୀ ବାରିକ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ତଥା ଜନମୁରା ଗ୍ରାମପଞ୍ଚାୟତର ଏବେ ସରପଞ୍ଚ ଅଛନ୍ତି । ସେହିପରି ଶୀତଲ କୁଶଳ ସୋନପୁରର ଯୁବ ନେତା ତଥା ପୂର୍ବତନ ଓଡ଼ିଶା ମତ୍ସ୍ୟ ନିଗମ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳଙ୍କ ବଡ଼ଝିଅ ଅଟନ୍ତି। ଉଭୟେ ସୁବର୍ଣ୍ଣପୁର ସହରର ହୋଇଥିବା ଯୋଗୁଁ ଆଜି ସହରରେ ଖୁସିର ମାହୋଲ ପ୍ରକାଶ ପାଇଛି ଓ ତାଙ୍କ ର ସଫଳତା ପାଇଁ ଶୁଭେଚ୍ଛାର ସୁଅ ଛୁଟିଛି।

## ବାଲୁକା ଶିଳ୍ପୀ ଓ ଅନ୍ତର୍ଜାତୀୟ ରଗବୀ ଖେଳାଳିଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା



**ବାରିପଦା, ୨୬।୫ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ପକ୍ଷରୁ ଜିଲ୍ଲାର କୃତୀ ବାଲୁକାଶିଳ୍ପୀ ଦଶରଥ ମହାନ୍ତ ଏବଂ ଆନ୍ତର୍ଜାତୀୟ ମହିଳା ରଗବୀ ଖେଳାଳି ପାର୍ବତୀ ହାଁସଦା ଓ ଆରତୀ ମୁର୍ମୁଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଏକ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ କରାଯାଇଥିଲା । ଜିଲ୍ଲାର କଳା ଓ କ୍ରୀଡା କ୍ଷେତ୍ରରେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଗୌରବ ଆଣିଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ଉତ୍ତରୀୟ ଓ ବୃକ୍ଷଚାରା ପ୍ରଦାନ କରି ସମ୍ମାନିତ କରିଥିଲେ । ସେ ନିଜ ଅଭିଭାଷଣରେ କହିଥିଲେ ଯେ, ମୟୂରଭଞ୍ଜର ପ୍ରତିଭାମାନେ ନିଜ ଦକ୍ଷତା ଓ ପରିଶ୍ରମ ବଳରେ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣୁଛନ୍ତି । ସେମାନଙ୍କ ସଫଳତା ଜିଲ୍ଲାର ଯୁବପିଢ଼ୀଙ୍କୁ କ୍ରୀଡା ଓ ସୃଜନଶୀଳ କ୍ଷେତ୍ରରେ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ ।

ଆନ୍ତର୍ଜାତୀୟ ବାଲୁକାଶିଳ୍ପୀ ଦଶରଥ ମହାନ୍ତଙ୍କୁ ମୟୂରଭଞ୍ଜର ଐତିହାସିକ ଚୈତ୍ର ପର୍ବ ଅବସରରେ ପ୍ରସ୍ତୁତ କରିଥିବା ବିଶାଳ ବାଲୁକା କଳା ଏସିଆ ବୁକ୍ ଅଫ ରେକର୍ଡସ୍ ରେ ସ୍ଥାନ ପାଇ ଜିଲ୍ଲାକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନାଯୋଗ୍ୟ, ପ୍ରାୟ ଆଠ ଲକ୍ଷ କିଲୋ ବାଲି ବ୍ୟବହାର କରି ୫୦ ଫୁଟ୍ ଓସାର ଓ ୨୦ ଫୁଟ୍ ଉଚ୍ଚତାର ଏହି ଆକର୍ଷଣୀୟ ବାଲୁକା ଶିଳ୍ପ କରି ମୟୂରଭଞ୍ଜର ଲୋକକଳା, ପରମ୍ପରା ଓ ସାଂସ୍କୃତିକ ଇତିହାସକୁ ସୁନ୍ଦର ଭାବରେ ସ୍ଥାନିତ କରିଥିଲେ ।

ସେହିପରି ଭାରତୀୟ ମହିଳା ରଗବୀ ଦଳର ଅଧିନାୟିକ ପାର୍ବତୀ ହାଁସଦା ଏବଂ ଆନ୍ତର୍ଜାତୀୟ ରଗବୀ ଖେଳାଳି ଆରତୀ ମୁର୍ମୁଙ୍କୁ ଆନ୍ତର୍ଜାତୀୟ ମହିଳା ରଗବୀ ପ୍ରତିଯୋଗିତାରେ ଭାରତୀୟ ଦଳ ପକ୍ଷରୁ ସଫଳ ପ୍ରତିନିଧିତ୍ୱ କରି ଦେଶ, ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସମ୍ମାନିତ କରାଯାଇଥିଲା । ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା ଓ ଜିଲ୍ଲା କ୍ରୀଡା ଅଧିକାରୀ ତଥା ସଂସ୍କୃତି ଅଧିକାରୀ ଡଃ ଶୁଭାଶିଷ ନାୟକ ଉପସ୍ଥିତ ଥିଲେ ।

# ଦୁର୍ଘଟଣାଗ୍ରସ୍ତ ଶତ୍ରୁଘନଙ୍କୁ ଆର୍ଥିକ ସହାୟତା

**ଆଳି,୨୬।୫(ସଂଚାର ବ୍ୟୁରୋ):** ଆମ ସ୍ୱାଭିମାନ ଟ୍ରଷ୍ଟ ତରଫରୁ ଦୁର୍ଘଟଣା ଗ୍ରସ୍ତ ଶତ୍ରୁଘନ ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଆଳି ବ୍ଲକ ସିଙ୍ଗିରି ଗ୍ରାମର ଶତ୍ରୁଘନ ସେଠୀ ଦୋକାନ ବନ୍ଦ୍ କରି ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ସମୟରେ କଟକ ଚାନ୍ଦବାଲି ରାଜପଥ ସିଙ୍ଗିରି ନିକଟରେ ଥିବା ଛପୋଲିଆ ନିକଟରେ ଏକ ବାଇକି ସହିତ ଶତ୍ରୁଘନ ଙ୍କର ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକ ମାନଙ୍କ ସାହାଯ୍ୟ ରେ ଶତ୍ରୁଘନ କଟକ ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା । ଶତ୍ରୁଘନ ପ୍ରାୟ ଏକ ମାସ ହବ ମେଡିକାଲ ରେ ଭର୍ତ୍ତି ଅଛନ୍ତି ଡାକ୍ତର କହିବା ଅନୁଯାୟୀ ଶତ୍ରୁଘନ ଙ୍କର ଅପରେସନ ହବ । ଯାହା ପାଇଁ ଅନେକ ଅର୍ଥର ଆବଶ୍ୟକ ରହିଥିବା ବେଳେ ଅର୍ଥ ସାଜିଥିଲା ବାଧକ। ଅନ୍ୟ ପଟେ ରୋଜଗାର କହିଲେ ସିଙ୍ଗିରି ବଜାର ଛକ ରେ ଏକ ଚାହା ଦୋକାନ ଯାହା ରୋଜଗାର ହୁଏ ତାହା ତେଲ ଲୁଣ ସଂସାର ଚାଲିଥାଏ। ଏହି ଖବର ପାଇ ମାଣିକପାଟଣା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସ୍ୱାଭିମାନ ଟ୍ରଷ୍ଟ ଆର୍ଥିକ ସାହାଯ୍ୟର ହାତ ବଢ଼ାଇଛି । ଟ୍ରଷ୍ଟର ମୁଖ୍ୟ ଦେବେନ୍ଦ୍ର ଦାଶ, ବିନୋଦ କୁମାର ତରାଇ, ସୁନିଲ୍ ବେହେରା, ନବକିଶୋର ପରିଡ଼ା, ବିକାଶ ସାହୁ, ଦିଲ୍ଲୀପ ପଲାଇ, ପ୍ରସାନ୍ତ ବିଶ୍ୱାଳ, ଜୀତେନ୍ଦ୍ର ସେଠୀ, ବିଶ୍ୱନାଥ ଦାସ ଦିପକ ସେଠୀ, ଅଜୟ ସାହୁ, ପ୍ରଦିପ ସାହୁ ପ୍ରମୁଖ ମାନେ ଶତ୍ରୁଘନ ଗ୍ରାମରେ ପହଞ୍ଚି ତାଙ୍କ ଧର୍ମ ପତ୍ନୀଙ୍କୁ ଆର୍ଥିକ ସାହାଯ୍ୟ କରିଛନ୍ତି।

